# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୫/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, February 15/2022 | ★★★★★★

୪୮ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପିଟରସନ ପ୍ଲେୟର ଅଫ୍ ଦି ମନ୍ଥ୍**

ଦକ୍ଷିଣ ଆଫ୍ରିକା ବ୍ୟାଟର କିଗାନ ପିଟରସନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି।


୦୯



୧୨


**ଅକ୍ଷୟ କୁମାରଙ୍କ ପ୍ରେମରେ ପଡ଼ିଥିଲେ କାଜଲ**

ବଲିଉଡ୍ ଅଭିନେତ୍ରୀ କାଜଲ ଦେବଗନ୍ ଏକଦା ଖିଲାଡି ବୟ ଅକ୍ଷୟ କୁମାରଙ୍କ ପ୍ରେମରେ ପଡ଼ିଥିଲେ।



## ୫୪ ଚାଇନା ଆପ୍ ବ୍ୟାନ୍

### ଜାତୀୟ ସୁରକ୍ଷା ପ୍ରତି ବିପଦ ଦର୍ଶାଇଲା ଭାରତ




ନୂଆଦିଲ୍ଲୀ,୧୪।୨: ଭାରତ ସରକାର ଚାଇନାର ୫୪ଟି ମୋବାଇଲ୍ ଆପ୍ଲିକେଶନକୁ ଜାତୀୟ ସୁରକ୍ଷା ପ୍ରତି ବିପଦ ଦର୍ଶାଇ ସୋମବାର ସେଗୁଡ଼ିକ ଉପରେ ରୋକ ଲଗାଇଛନ୍ତି। ଏହାକୁ ମିଶାଇ ୨୦୨୦ ପରଠାରୁ ଭାରତରେ ନିଷିଦ୍ଧ ଘୋଷିତ ଚାଇନା ଆପ୍ ସଂଖ୍ୟା ୨୭୦ରେ ପହଞ୍ଚିଛି। ବ୍ୟାନ୍ କରାଯାଇଥିବା ଆପ୍‌ଗୁଡ଼ିକ ଟେନ୍‌ସେଣ୍ଟ, ଆଲିବାବା, ନେଟ୍‌ଇଜ୍ ଭଳି ବୃହତ୍ ଟେକ୍ ଫାର୍ମ ଦ୍ୱାରା ବିକଶିତ। ଉକ୍ତ ଆପ୍‌ଗୁଡ଼ିକ ଜରିଆରେ ଭାରତୀୟମାନଙ୍କ ଡାଟାକୁ ଚାଇନା ସମେତ ଅନ୍ୟ କେତେକ ଦେଶର ସର୍ଭରକୁ ସ୍ଥାନାନ୍ତର କରାଯାଉଥିବା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରଣାଳୟ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୯ଏ ବଳରେ ଉକ୍ତ ଆପ୍‌ଗୁଡ଼ିକୁ ବ୍ୟାନ୍ କରିବାକୁ ନିଷ୍ପତ୍ତି ନେଇଛି। ଭାରତରେ ସଦ୍ୟ ନିଷିଦ୍ଧ ଘୋଷିତ ଚାଇନାର ୫୪ ଆପ୍ ମଧ୍ୟରେ ରହିଛି ବ୍ୟୁଟି କ୍ୟାମେରା: ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ୟୁକ୍ରେନ୍‌ରେ ଯୁଦ୍ଧ**

# ସରିଲା ପ୍ରଥମ ପର୍ଯ୍ୟାୟ ପ୍ରଚାର

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୧୬ ତାରିଖ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ମତଦାନ ହେବାକୁ ଥିବା ଅଞ୍ଚଳରୁ ବାହାର ନେତା ଏବଂ କର୍ମୀଙ୍କୁ ସନ୍ଧ୍ୟା ୭ଟା ପୂର୍ବରୁ ସ୍ଥାନ ଛାଡ଼ିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ଜିଲାପାଳଙ୍କୁ କହିଛନ୍ତି। ପ୍ରଚାର ବନ୍ଦ ହେବାର ୩୬ ଘଣ୍ଟା ପରେ ମତଦାନ ଅନୁଷ୍ଠିତ ହେବ। ତେଣୁ ଏହି ସମୟରେ ମତଦାତାଙ୍କୁ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ବିଭିନ୍ନ ଉପାୟରେ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ କୌଣସି ପ୍ରକାର ବେଆଇନ କାର୍ଯ୍ୟ ଯେପରି ନ ହେବ ସେଥିପାଇଁ ଜିଲାପାଳ ଏବଂ ପୋଲିସକୁ ସତର୍କ କରାଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ୩୦ଜିଲା ୭୧ବ୍ଲକର ୨୦୨ ଜିଲା ପରିଷଦ ଜୋନ୍‌ର ୧,୬୬୯ ପଞ୍ଚାୟତରେ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ ହେବ।

**୧୬ରେ ମତଦାନ**

- **୨୦୨ ଜିଲାପରିଷଦ, ୧୬୬୯ ପଞ୍ଚାୟତରେ ହେବ ଭୋଟ**
- **୬୭.୫୧ ଲକ୍ଷ ମତଦାତା ବାଛିବେ ପ୍ରାର୍ଥୀ**
- **ଭୋଟ ଦିନ ସରକାରୀ କର୍ମଚାରୀଙ୍କୁ ଛୁଟି**

ଏଥିପାଇଁ ୨୨,୩୭୯ ବୁଥ୍ ପ୍ରସ୍ତୁତ ହେବା ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମୋଟ ୬୭.୫୧ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। କମିଶନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଅତିରିକ୍ତ ସୁରକ୍ଷାକର୍ମୀ ମୁତୟନ କରାଯିବ। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯିବ ଓ ଭୋଟଗଣତିର ରେକର୍ଡିଂ ମଧ୍ୟ ହେବ ବୋଲି କମିଶନର କହିଛନ୍ତି। ସୋମବାର ବାଲେଶ୍ୱର, ☞ପୃଷ୍ଠା-୪

# ବଢ଼ୁଛି ଯୁଦ୍ଧ ଆଶଙ୍କା

**ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ରେ ସାମିଲ ହେବା ପାଇଁ ୟୁକ୍ରେନର ଉଦ୍ୟମ ଯୋଗୁ ରୁଷିଆ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ୟୁକ୍ରେନ ସୀମାରେ ରୁଷିଆ ଲକ୍ଷାଧିକ ସୈନ୍ୟଙ୍କୁ ମୁତୟନ କରିଥିବାବେଳେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ କ୍ୱିଭ୍ ସପକ୍ଷରେ ସାମରିକ ବଳ ପଠାଇବାରେ ଲାଗିଛନ୍ତି। ଆସନ୍ତା ୧୬ ତାରିଖରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସୈନ୍ୟଙ୍କୁ ୟୁକ୍ରେନ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଆମେରିକାର ଗୋଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇଛନ୍ତି। ସମ୍ଭାବ୍ୟ ଯୁଦ୍ଧ ଏଡ଼ାଇବା ଲାଗି ପୁଟିନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଆଲୋଚନାରୁ ସୁଫଳ ମିଳିନାହିଁ। ଏଥିଯୋଗୁ ସୀମାରେ ସଙ୍କଟ ଘନେଇବାରେ ଲାଗିଛି। ଯୁଦ୍ଧ ଆଶଙ୍କାର ପ୍ରଭାବ କେବଳ ସାମରିକ ଅଥବା କୂଟନୈତିକ ସ୍ତରରେ ନୁହେଁ, ବରଂ ବିଶ୍ୱ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରିଛି। ଆମେରିକାର ଡୋ ଜୋନ୍ସ ହେଉ କି ନାସ୍‌ଡାକ୍ ସବୁଠି ଧରାଶାୟୀ ହୋଇଛି ଷ୍ଟକ୍। ତୈଳ ଓ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କାରେ ଭାରତୀୟ ଶେୟାର ମାର୍କେଟର ସେନ୍‌ସେକ୍ସ ୧୭୪୭.୦୮ ଅଙ୍କ ତଳକୁ ଖସି ୫୬୪୦୫.୮୪ରେ ବନ୍ଦ ହୋଇଛି।**

## ଘନେଇଲା ୟୁକ୍ରେନ ସଙ୍କଟ

କ୍ୱିଭ୍, ୧୪।୨

ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବା ନେଇ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ବାରମ୍ବାର ସତର୍କ କରାଇଆସୁଥିବାବେଳେ ମସ୍କୋ ପକ୍ଷରୁ ଏହାକୁ ଖଣ୍ଡନ କରାଯାଉଛି। ଏହା ସତ୍ତ୍ୱେ ରୁଷିଆର ଲକ୍ଷାଧିକ ସୈନ୍ୟ ୟୁକ୍ରେନକୁ ଘେରି ରହିଛନ୍ତି। ୟୁକ୍ରେନ ସୀମା ସଂଲଗ୍ନ ଅଞ୍ଚଳରେ ବ୍ୟାପକ ଯୁଦ୍ଧଜାହାଜ, ଅସ୍ତ୍ରଶସ୍ତ୍ର ଠୁଳ କରିବା ସହ ରୁଷିଆ ସୈନ୍ୟ ସମରାଭ୍ୟାସ ଜାରି ରଖିଛନ୍ତି। ଏହା ଉପରେ ୟୁକ୍ରେନ ରୁଷିଆଠାରୁ ଜବାବ ମାଗିବାକୁ ୪୮ ଘଣ୍ଟା ମଧ୍ୟରେ ଏକ ବୈଠକ ଡାକିଛି। ପ୍ରମୁଖ ୟୁରୋପୀୟ ସୁରକ୍ଷା ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ରୁଷିଆ ସହ ହେବାକୁ ଥିବା ଏହି ବୈଠକରେ ୟୁକ୍ରେନ ଏହାର ସୀମାରେ ଉତ୍ତେଜନା ସୃଷ୍ଟିର କାରଣ ପଚାରିବ।



ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି, ରୁଷିଆ କ୍ରମାଗତଭାବେ ସୀମା ନିକଟରେ ସୈନ୍ୟ ଠୁଳ କରି ଯୁଦ୍ଧ ଆଶଙ୍କା ବଢ଼ାଇଛି। କିନ୍ତୁ ଏହାର କାରଣ ବାବଦରେ ସ୍ପଷ୍ଟୀକରଣ ମଗାଯାଇଥିଲେ ମଧ୍ୟ ରୁଷିଆ ବାରମ୍ବାର ୟୁକ୍ରେନର ଅନୁରୋଧକୁ ଅଣଦେଖା କରିଆସୁଛି। ତେଣୁ ଆସନ୍ତା ୪୮ ଘଣ୍ଟାରେ ରୁଷିଆକୁ ଏହାର ଯୋଜନା ବାବଦରେ ପ୍ରଶ୍ନ କରାଯିବ ବୋଲି ସେ କହିଛନ୍ତି। ଭିଏନା ସନ୍ଧିର ସର୍ତ୍ତ ଅନୁଯାୟୀ ୟୁକ୍ରେନ ଏହି ପ୍ରତିକ୍ରିୟା ଲୋଡ଼ିଛି। ଏହା ୟୁରୋପରେ ସୁରକ୍ଷା ଏବଂ ସହଯୋଗ ପାଇଁ ସଙ୍ଗଠନ (ଓଏସ୍‌ସିଇ)ର ସଦସ୍ୟମାନେ ସୁରକ୍ଷା ପ୍ରସଙ୍ଗ ଉପରେ କରିଥିବା ଏକ ଚୁକ୍ତିନାମା। ଏଥିରେ କେନ୍ଦ୍ରୀୟ ଏସିଆ ଦେଶଗୁଡ଼ିକ ସମେତ ରୁଷିଆ ମଧ୍ୟ ସଦସ୍ୟ ରହିଛି। ☞ପୃଷ୍ଠା-୪









# ପୁଟିନ୍‌ଙ୍କ ଯୁଦ୍ଧ ପ୍ରସ୍ତୁତି



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍

**ଏଯାଏ ଶୁଭିନି ଗୁଳିଗୋଳାର ଶବ୍ଦ, ତଥାପି ଆତଙ୍କ। ପୂର୍ବ ୟୁରୋପୀୟ ରାଷ୍ଟ୍ର ୟୁକ୍ରେନ୍ ଭାଗ୍ୟାକାଶରେ ଘୋଟିଛି ଯୁଦ୍ଧର ଘନକଳା ବାଦଲ। ସୀମାରେ ପଡ଼ୋଶୀ ରୁଷିଆ ଠୁଳ କରିଛି ଲକ୍ଷାଧିକ ସୈନ୍ୟ। ରୁଷିଆର ଶକ୍ତି ପ୍ରଦର୍ଶନ ଦୁଇଦେଶର ଅସନ୍ତୁଳିତ ସାମରିକ ବଳକୁ ରେଖାଙ୍କିତ କରୁଛି।**

## ସୀମାରେ ରୁଷିଆର ସାମରିକ ଉପସ୍ଥିତି

ୟୁକ୍ରେନ ସୀମାରେ ରୁଷିଆ ପକ୍ଷରୁ ମୁତୟନ କରାଯାଇଥିବା ଯୁଦ୍ଧାସ୍ତ୍ରରେ ରହିଛି ଟ୍ୟାଙ୍କ, କମାଣ, ରକେଟ ଓ ଅନ୍ୟ ଭାରି ଅସ୍ତ୍ରଶସ୍ତ୍ର। ଏପରି କି ମସ୍କୋ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ବଳ ବୃଦ୍ଧି ନିମନ୍ତେ କୃଷ୍ଣସାଗରକୁ ଯୁଦ୍ଧଜାହାଜ ପଠାଯାଇଥିବା ମଧ୍ୟ କୁହାଯାଉଛି। ରୁଷିଆର କେତେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ପ୍ରେରଣ କରାଯାଇଛି ତାହାର ସଂଖ୍ୟା ସ୍ପଷ୍ଟ ଜଣାପଡ଼ି ନ ଥିଲେ ହେଁ ମିଳିଥିବା ତଥ୍ୟାନୁସାରେ ଏହା ୟୁକ୍ରେନ ସହ ଲାଗିରହିଥିବା ଉତ୍ତେଜନା ବୃଦ୍ଧିର କାରଣ ପାଲଟିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ରୋଚନ କନ୍‌ସଲ୍‌ଟିଂ ପକ୍ଷରୁ କୁହାଯାଇଛି ଯେ, ୟୁକ୍ରେନ୍ ସୀମାରେ ସମ୍ପ୍ରତି ୬୦,୦୦୦ ସୈନ୍ୟଙ୍କୁ ରୁଷିଆ ମୁତୟନ କରିସାରିଛି। କ୍ରିମେଆ ଓ ବେଲାରୁଷକୁ ମଧ୍ୟ ସୈନ୍ୟ ପ୍ରେରଣ ଜାରି ରହିଛି, ଯେଉଁଠି ସାମରିକ ବଳ ସମରାଭ୍ୟାସ ଚଳାଇଛନ୍ତି। ଅନେକ ପାଶ୍ଚାତ୍ୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ରୁଷିଆ ୧,୦୦,୦୦୦ରୁ ୧,୩୦,୦୦୦ ସୈନ୍ୟଙ୍କୁ ମୁତୟନ କରିଛି। ଏହାବାଦ୍ ୟୁକ୍ରେନର ବିବାଦୀୟ ଡୋନ୍‌ବାସ କ୍ଷେତ୍ରକୁ ବାୟୁସେନା, ନୌସେନା ଓ ଅର୍ଦ୍ଧସାମରିକ ବଳ ସୈନ୍ୟଙ୍କୁ ମଧ୍ୟ ପଠାଇସାରିଛି। ସେଠାରେ ଥିବା ଲକ୍ଷ ଲକ୍ଷ ବିଚ୍ଛିନ୍ନତାବାଦୀ ରୁଷିଆ ସପକ୍ଷରେ ଅଭିଯାନ ଚଳାଇଥିବାବେଳେ ଏହାକୁ ମସ୍କୋ ଖଣ୍ଡନ କରିଛି।

## କିଏ କେତେ ଶକ୍ତିଶାଳୀ

ୟୁକ୍ରେନ ତୁଳନାରେ ସାମରିକ ଦୃଷ୍ଟିରୁ ରୁଷିଆ ବହୁଗୁଣରେ ବଳିଷ୍ଠ। ପ୍ରତିରକ୍ଷା ବିଶ୍ଳେଷକଙ୍କ ମତରେ ଏଥିଯୋଗୁ ରୁଷିଆ ଆଗକୁ କ'ଣ କରିବ ସେନେଇ ଏହା ନିକଟରେ ଅନେକ ବିକଳ୍ପ ରହିଛି। ଡୋନ୍‌ବାସରେ ବିଚ୍ଛିନ୍ନତାବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ୟୁକ୍ରେନର ସବୁ ସାମରିକ ସାମଗ୍ରୀକୁ ଦଖଲ କରିବା ଭଳି ଦୁଃସାହସ ମଧ୍ୟ କରିପାରେ। ଯୁଦ୍ଧଭୂଇଁରେ ଦେଶର ସଫଳତା ବା ବିଫଳତାକୁ ପ୍ରଭାବିତ କରିବା ଭଳି ଅନେକ କାରଣ ରହିଛି। ସେନାର ତାଲିମ ଓ ନେତୃତ୍ୱ, ଅସ୍ତ୍ରଶସ୍ତ୍ର ଓ ବୈଷୟିକ ପରିବହନ ସୁବିଧା, ଅନ୍ତର୍ଜାତୀୟ ସହାୟତା, ମନୋବଳ, ପାଣିପାଗ ଓ ପାର୍ବତ୍ୟ ଅଞ୍ଚଳ ଉପରେ ଅନେକ କିଛି ନିର୍ଭର କରେ। ଯୁଦ୍ଧ ଚାଲିଲେ ଏହି ବୈଶିଷ୍ଟ୍ୟଗୁଡ଼ିକରେ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିପାରେ। ଉଦାହରଣ ସ୍ୱରୂପ ଅଧିକ ସମୟ ଯୁଦ୍ଧ ଲାଗିରହିଲେ ୟୁକ୍ରେନରେ ଉଗ୍ରବାଦ ମୁଣ୍ଡ ଟେକିବା ସହ ରୁଷିଆର ସାମରିକ ସୁଯୋଗ ହ୍ରାସ ପାଇବ। ୨୦୦୮ରେ ଜର୍ଜିଆ ସହ ଯୁଦ୍ଧ ପରଠାରୁ ରୁଷିଆ ସେନାର ଉଲ୍ଲେଖନୀୟ ଆଧୁନିକୀକରଣ କରିଛି। ଏଥିଲାଗି ସୋଭିଏତ୍ ଯୁଗର ସେନା ଏବେ ସଙ୍ଗଠିତ ତଥା ବଳୀୟାନ ସାମରିକ ଶକ୍ତି ଭାବେ ଉଭା ହୋଇଛି। ସିରିଆ ଓ ୟୁକ୍ରେନ ସହ ପୂର୍ବ ସଂଘର୍ଷରୁ ମିଳିଥିବା ଅନୁଭୂତି ମଧ୍ୟ ରୁଷିଆ ସୈନ୍ୟଙ୍କୁ ପୋଖତ ଯୋଦ୍ଧା ଭାବେ ଗଢ଼ିତୋଳିଛି।

## ସେନା ପାଇଁ ବଜେଟ

ୟୁକ୍ରେନ ୨୦୧୪ରେ ସାମରିକ ବଜେଟରେ ଆଖିଦୃଶିଆ ବୃଦ୍ଧି ଘଟାଇଥିଲା। ସେନା ପାଇଁ ଅଧିକ ଆବଣ୍ଟନ ଏବଂ ଆମେରିକା ଓ ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସହାୟତା ସତ୍ତ୍ୱେ ୟୁକ୍ରେନ ନିଜର ସର୍ବାଧିକ ସାମରିକ ବ୍ୟୟ ରୁଷିଆ ମୁକାବିଲାରେ କରିଥାଏ। ୟୁକ୍ରେନ୍‌କୁ ଘେରିବା ପାଇଁ ରୁଷିଆର ସଦ୍ୟ ସୈନ୍ୟ ଓ ଅସ୍ତ୍ର ଠୁଳ ଦୁଇଦେଶର ସାମର୍ଥ୍ୟରେ ରହିଥିବା ଫରକକୁ ଦର୍ଶାଉଛି।

## ୟୁକ୍ରେନ୍‌ର ଅବସ୍ଥିତି ଓ ଇତିହାସ

ରୁଷିଆ ପରେ ୟୁରୋପ ମହାଦେଶରେ ଆୟତନ ଦୃଷ୍ଟିରୁ ୟୁକ୍ରେନ୍ ଦ୍ୱିତୀୟ ବୃହତ୍ତମ ଦେଶ। ଏହାର ସୀମା ପୂର୍ବ ଓ ଉତ୍ତରପୂର୍ବରେ ରୁଷିଆକୁ ଲାଗିଛି। ଉତ୍ତରରେ ବେଲାରୁଷ୍ ଥିବାବେଳେ ପଶ୍ଚିମରେ ପୋଲାଣ୍ଡ, ସ୍ଲୋଭାକିଆ ଏବଂ ହଙ୍ଗେରି ରହିଛି। ଦକ୍ଷିଣରେ ରୋମାନିଆ ଏବଂ ମାଲଡୋଭା ରହିଛି। ଦେଶର କ୍ଷେତ୍ରଫଳ ୬,୦୩,୬୨୮ ବର୍ଗ କି.ମି. ହୋଇଥିବାବେଳେ ଜନସଂଖ୍ୟା ୪.୧୩ କୋଟି। ଖ୍ରୀଷ୍ଟପୂର୍ବ ୩୨,୦୦୦ରୁ ୟୁକ୍ରେନ୍‌ରେ ଜନବସତି ଗଢ଼ି ଉଠିଥିଲା। ମଧ୍ୟଯୁଗରେ ଏହା ପୂର୍ବ ସ୍ଲାଭିକ୍ ସଂସ୍କୃତିର ମୁଖ୍ୟ କେନ୍ଦ୍ର ଥିଲା। ତ୍ରୟୋଦଶ ଶତାବ୍ଦୀରେ ଏହା ଅନେକ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଥିଲା। ମଙ୍ଗୋଲ ଆକ୍ରମଣ ଯୋଗୁ ୟୁକ୍ରେନ୍‌ରେ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା ଏବଂ ଆଞ୍ଚଳିକ ଏକତା ଭୁଶୁଡ଼ି ପଡ଼ିଥିଲା। ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ କୋସାକ ହେଟମାନେଟ ରାଜ୍ୟ ସୃଷ୍ଟି ହୋଇଥିଲା। ପରେ ଏହାର ଅଞ୍ଚଳ ପୋଲାଣ୍ଡ ଓ ରୁଷିଆ ସାମ୍ରାଜ୍ୟ ମଧ୍ୟରେ ଭାଗ ଭାଗ ହୋଇଯାଇଥିଲା। ରୁଷିଆ ବିପ୍ଳବ ପରେ ୟୁକ୍ରେନ୍‌ରେ ସ୍ୱାଧୀନତା ପାଇଁ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଏବଂ ୧୯୧୭ ଜୁନ୍ ୨୩ରେ ଏହା ୟୁକ୍ରେନ୍ ପିପୁଲ୍ସ ରିପବ୍ଲିକ୍ ଭାବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ୍‌ର ପଶ୍ଚିମ ଭାଗ ୟୁକ୍ରେନୀୟ ସୋଭିଏତ୍ ସୋସିଆଲିଷ୍ଟ ରିପବ୍ଲିକ୍‌ରେ ମିଶିଯିବାରୁ ସମୁଦାୟ ଦେଶ ସୋଭିଏତ୍ ରୁଷ୍‌ର ଅଂଶବିଶେଷ ହୋଇଥିଲା। ୧୯୯୧ରେ ସୋଭିଏତ୍ ୟୁନିୟନ ଭାଙ୍ଗିଯିବାରୁ ୟୁକ୍ରେନ୍ ପୁନର୍ବାର ସ୍ୱାଧୀନ ହୋଇଥିଲା। ମର୍ଯ୍ୟାଦାର ବିପ୍ଳବ ନାମରେ ଦୀର୍ଘ ମାସର ବିକ୍ଷୋଭ ପ୍ରତିବାଦ ଫଳରେ ୟାନୁକୋଭିଚ୍ ସରକାର କ୍ଷମତାଚ୍ୟୁତ ହୋଇ ନୂଆ ସରକାର ଗଠନ ହୋଇଥିଲା। ୨୦୧୬ ଜାନୁୟାରୀରେ ୟୁକ୍ରେନ୍ ୟୁରୋପୀୟ ସଂଘ ସହ ଡିପ୍ ଆଣ୍ଡ କମ୍ପ୍ରେହେନ୍‌ସିଭ୍ ଫ୍ରି ଟ୍ରେଡ୍ ଏରିଆର ଅଂଶବିଶେଷ ହୋଇଥିଲା।



## ୟୁକ୍ରେନ ସୀମାରେ ମୁତୟନ ରୁଷିଆ ସୈନ୍ୟ






## ଭୟ ମୂଲ୍ୟହୀନ, ଏକାଠି ଲଢ଼ିବା

'ଭୟ ମୂଲ୍ୟହୀନ। ଆମେ ସଭିଏଁ ଏକଜୁଟ ହେବା, ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିବା। ୟୁକ୍ରେନ୍‌କୁ ବହୁତ ଭଲପାଏ। ଏହି ପରିସ୍ଥିତିରେ ନ ଡରି ଶାନ୍ତ ରହିବି'। ଏହା ହେଉଛି ରୁଷିଆର ଆକ୍ରମଣ ଆଭିମୁଖ୍ୟ ବିରୋଧରେ ରାଲିରେ ସାମିଲ ହୋଇଥିବା ୟୁକ୍ରେନ ଛାତ୍ରୀ ମାରିଆ ଷ୍ଟରବେନ୍‌କୋଙ୍କ ସ୍ୱର। ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦେଶବାସୀଙ୍କୁ ଏପରି କିଛି ବାର୍ତ୍ତା ଦେଇଥିବାବେଳେ ଏବେ ତାହା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ପ୍ରବଳ ଶୀତରେ ହଜାର ହଜାର ସଂଖ୍ୟାରେ ୟୁକ୍ରେନବାସୀ ରାଜଧାନୀ କ୍ୱିଭ୍ ସମେତ ବିଭିନ୍ନ ସ୍ଥାନରେ ରାଲି ଆୟୋଜିତ କରି ରୁଷିଆକୁ ସେମାନଙ୍କ ଶାନ୍ତ ଓ ଦୃଢ଼ ମନୋବଳର ବାର୍ତ୍ତା ଦେଇଛନ୍ତି।

**ଗୋଟିଏ ପଟେ ରୁଷିଆର ବନ୍ଧୁତା ଅନ୍ୟପଟେ ଆମେରିକା ସହ ସମ୍ପର୍କ ଖରାପ ନ କରିବାର ବାଧ୍ୟବାଧକତା ଭାରତକୁ ୟୁକ୍ରେନ୍ ପ୍ରସଙ୍ଗରେ ଦ୍ୱନ୍ଦ୍ୱରେ ପକାଇଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ମସ୍କୋ ଉପରେ ଏକପ୍ରକାର ନିର୍ଭରଶୀଳ ହୋଇଥିବାରୁ ଆମେରିକା ପଟୁ କଟକଣା ଭୟ ମଧ୍ୟ ଘାରୁଛି। ଏହା ସହ ଚାଇନାକୁ ପ୍ରତିହତ କରିବାକୁ ହେଲେ ଆମେରିକାର ସହଯୋଗ ଲୋଡ଼ା। ତେଣୁ ଉଭୟ ପକ୍ଷଙ୍କୁ ନେଇ ସନ୍ତୁଳନ ରକ୍ଷା ପାଇଁ ନୂଆଦିଲ୍ଲୀ ଉଦ୍ୟମ ଚଳାଇଥିବାବେଳେ ୟୁକ୍ରେନ୍ ସଙ୍କଟ ଭାରତକୁ ଅଡୁଆ ସ୍ଥିତିରେ ପକାଇଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କଲେ ଭାରତ କାହା ପକ୍ଷ ନେବ ଏବେ ତାହା ଉପରେ ବିଶ୍ୱର ନଜର।**

# ୟୁକ୍ରେନ୍ ସଙ୍କଟ: କ'ଣ କରିବ ଭାରତ

ୟୁକ୍ରେନ୍ ପ୍ରସଙ୍ଗରେ ରୁଷିଆକୁ ଘେରିବାକୁ ଉଦ୍ୟମ କରୁଛନ୍ତି ନାଟୋ ଦେଶ। ଆମେରିକା ଓ ପାଶ୍ଚାତ୍ୟ ଦେଶ ମସ୍କୋ ଉପରେ ଚାପ ପକାଉଥିବାବେଳେ ରୁଷିଆ ଜିଦ୍ ଛାଡ଼ିବାକୁ ନାରାଜ। ବାରମ୍ବାର ଶାନ୍ତି ଉଦ୍ୟମ ବିଫଳ ହେଉଥିବାରୁ ଯୁଦ୍ଧ ଆଶଙ୍କା ଘନେଇଛି। ଏହି ପ୍ରସଙ୍ଗରେ ଭାରତ କାହାକୁ ସମର୍ଥନ କରିବ ଏବଂ କାହା ବିରୋଧରେ ବାହାରିବ ସେ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ରୁଷିଆ ଭାରତର ଏକ ବନ୍ଧୁ ରାଷ୍ଟ୍ର। ଭାରତକୁ ୫୦%ରୁ ଅଧିକ ପ୍ରତିରକ୍ଷା ସାମଗ୍ରୀ ରୁଷିଆ ଯୋଗାଉଛି। ସେପଟେ ବିବାଦରେ ରୁଷିଆକୁ ସମର୍ଥନ କରି ଆମେରିକା କିମ୍ବା ପାଶ୍ଚାତ୍ୟ ଦେଶ ସହ ସମ୍ପର୍କ ଖରାପ କରିବାକୁ ଚାହିଁବ ନାହିଁ ଭାରତ। ଜାନୁୟାରୀ ୩୧ରେ ଜାତିସଂଘ ସୁରକ୍ଷା ପରିଷଦରେ ୟୁକ୍ରେନ ପ୍ରସଙ୍ଗରେ ଭାରତ ଭୋଟ ଦେବାରୁ ବିରତ ରହିଥିଲେ ହେଁ ନୀରବତା ମଧ୍ୟ ସମାଧାନ ନୁହେଁ। ତେଣୁ ଯୁଦ୍ଧ ସ୍ଥିତି ଏଡ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସତର୍କତାର ସହ କୌଣସି ମଧ୍ୟମ ପନ୍ଥା ଆପଣାଇବାକୁ ପଡ଼ିବ। କୂଟନୈତିକ ଆଲୋଚନା ମାଧ୍ୟମରେ ୟୁକ୍ରେନ-ରୁଷିଆ ସମସ୍ୟାର ସମାଧାନ ହେବା ଜରୁରୀ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।




କ୍ୱିଭ୍‌ସ୍ଥିତ ଭାରତୀୟ ଦୂତାବାସ

➡ଯୁଦ୍ଧ ହେଲେ ଭାରତ ମଧ୍ୟ ଏହାର ଦୁଷ୍ପରିଣାମ ଭୋଗିବ। ତେଣୁ ଭାରତକୁ ମସ୍କୋ କିମ୍ବା ୱାଶିଂଟନ୍ ମଧ୍ୟରୁ ଜଣକୁ ବାଛିବାକୁ ହେବ। ନଚେତ୍ ଉଭୟ ପକ୍ଷରୁ ଉପୁଜିବାକୁ ଥିବା ସମସ୍ୟାର ସାମ୍ନା କରିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ।

➡ରୁଷିଆଠାରୁ ଭାରତ ଏସ୍-୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ କ୍ରୟ ପ୍ରକ୍ରିୟା ଜାରି ଥିବାବେଳେ ଏ ନେଇ ଆମେରିକା କୌଣସି କଟକଣା ନ ଲଗାଉ ବୋଲି ନୂଆଦିଲ୍ଲୀ ଚାହୁଁଛି। ଯଦି ଭାରତ ଏହି ଦୁଇ ଶକ୍ତିଶାଳୀ ରାଷ୍ଟ୍ରର ପକ୍ଷ ନ ନିଏ ତେବେ ମିଶାଇଲ ଡେଲିଭରି ଚୁକ୍ତି ପ୍ରଭାବିତ ହେବା ସହ ଆମେରିକା ଦ୍ୱାରା ଆର୍ଥିକ ଓ ଅନ୍ୟାନ୍ୟ କଟକଣାର ସମ୍ମୁଖୀନ ହୋଇପାରେ।

➡ଚାଇନା ଦ୍ୱାରା ଭାରତ ଗମ୍ଭୀର ଭୂ-ରାଜନୈତିକ ଆହ୍ୱାନର ସାମ୍ନା କରୁଥିବାବେଳେ ଆମେରିକା ଏ ପ୍ରସଙ୍ଗରେ ଚାଇନାକୁ ଟାର୍ଗେଟ କରୁଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଫୋକସ୍ ନିମନ୍ତେ ପ୍ରସ୍ତୁତ ରଣନୀତିରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଚାଇନା ସୃଷ୍ଟି କରୁଥିବା ଉତ୍ତେଜନାମୂଳକ ସ୍ଥିତିର ମୁକାବିଲା ପାଇଁ ଭାରତ ଆମେରିକାର ସହଯୋଗ ଲୋଡ଼ିପାରେ।

➡ୟୁକ୍ରେନ୍ ପ୍ରସଙ୍ଗରେ ସମଗ୍ର ବିଶ୍ୱର ଦୃଷ୍ଟି ଏବେ ଚାଇନା ବଦଳରେ ରୁଷିଆ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାର ଫାଇଦା ନେଇ ବେଜିଂ ପକ୍ଷରୁ ଭାରତ ବିରୋଧରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବାର ଆଶଙ୍କା ବଢ଼ିଛି। ୟୁକ୍ରେନ ପ୍ରସଙ୍ଗରେ ଆମେରିକା ଓ ପାଶ୍ଚାତ୍ୟ ଦେଶ ରୁଷିଆ ବିରୋଧରେ ଛିଡ଼ା ହୋଇଥିବାବେଳେ ମସ୍କୋ ଏବେ ଚାଇନାର ନିକଟତର ହୋଇଛି। ଏପରି ହେଲେ ସୁଯୋଗ ଦେଖି ଚାଇନା ସହ ମିଶି ପାକିସ୍ତାନ ମଧ୍ୟ ଭାରତ ବିରୋଧୀ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି।

➡ଯୁଦ୍ଧ ହେଲେ ରୁଷିଆ ୟୁରୋପକୁ ଗ୍ୟାସ୍ ଓ ତୈଳ ଯୋଗାଣ ପାଇପ୍ ବନ୍ଦ କରିଦେଇପାରେ। ଏହା ଦ୍ୱାରା ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟ ଉପୁଜିବ। ୟୁକ୍ରେନ ସୀମା ନିକଟରେ କେବଳ ଉତ୍ତେଜନା ଯୋଗୁ ମାତ୍ର ଗୋଟିଏ ମାସରେ ତୈଳ ଦର ୧୪ ପ୍ରତିଶତ ବଢ଼ିଛି। ଆଗାମୀ ଦିନରେ ତୈଳ ଦର ବ୍ୟାରେଲ ପିଛା ୯୦ ଡଲାରରୁ ୧୨୫ ଡଲାର ପର୍ଯ୍ୟନ୍ତ ପହଞ୍ଚିଯାଇପାରେ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି। ଏହା ହେଲେ ଅର୍ଥନୀତି ପ୍ରଭାବିତ ହେବା ସହ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ଯଥେଷ୍ଟ ଆଶଙ୍କା ରହିଛି।

➡ୟୁକ୍ରେନ୍‌ରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ମେଡିକାଲ, ଇଞ୍ଜିନିୟରିଂ, ଆଇଟି ଛାତ୍ରୀଛାତ୍ର ହୋଇଥିବାବେଳେ ଅନେକେ ସେଠାରେ ରହି ଚାକିରି ଓ ବ୍ୟବସାୟ କରୁଛନ୍ତି। ଯୁଦ୍ଧ ହେଲେ ସେମାନଙ୍କ ସୁରକ୍ଷା ଚିନ୍ତା ମଧ୍ୟ ଭାରତ ସରକାରଙ୍କୁ ଘାରିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୧,୩୦,୨୬,୨୩୬ | ୫୮,୩୭,୩୮୧ | ୩୩,୩୭,୧୯,୫୫୭ |
| ଭାରତ | ୪,୨୬,୭୫,୫୩୪ | ୫,୦୯,୦୪୩ | ୪,୧୬,୭୭,୬୪୧ |
| ଓଡ଼ିଶା | ୧୨,୬୮,୧୨୧ | ୮୯୦୪(+୫୩) | ୧୨,୫୯,୭୯୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ହାଇକୋର୍ଟର ୩ ନୂଆ ବିଚାରପତି ଶପଥ ନେଲେ

**କଟକ ଅଫିସ,୧୪।୨**

ଓଡ଼ିଶା ହାଇକୋର୍ଟର ୩ ନବନିଯୁକ୍ତ ବିଚାରପତି ଭି. ନରସିଂହ, ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏବଂ ବିଚାରପତି ମୁରାହାରୀ ଶ୍ରୀରମଣ ସୋମବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ନୂତନ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏହି ନବ ନିଯୁକ୍ତ ବିଚାରପତିମାନଙ୍କୁ ଶପଥପାଠ କରାଇଥିଲେ ।

କୋଭିଡ୍ କଟକଣା ମଧ୍ୟରେ ସୀମିତ ସଂଖ୍ୟକ ଅତିଥିଙ୍କୁ ନେଇ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମେ ରାଷ୍ଟ୍ରପତି ଭବନରୁ ଆସିଥିବା ନିଯୁକ୍ତି ସମ୍ପର୍କିତ ୱାରେଣ୍ଟକୁ ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ପାଠ କରିଥିଲେ। ଏହାପରେ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ନୂତନ ବିଚାରପତିମାନଙ୍କୁ ଶପଥପାଠ କରାଇଥିଲେ। ଏହି ଉତ୍ସବରେ ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ୩ ନୂତନ ବିଚାରପତିଙ୍କ ନିଯୁକ୍ତି ଫଳରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ସଂଖ୍ୟା ଏବେ ୨୧ରେ ପହଞ୍ଚିଛି।



ହାଇକୋର୍ଟର ନୂତନ କନ୍‌ଫରେନ୍ସ ହଲ୍‌ରେ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ନବନିଯୁକ୍ତ ବିଚାରପତିମାନଙ୍କୁ ଶପଥପାଠ କରାଉଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଁ ଆଇନଜୀବୀ ଭି. ନରସିଂହ, ବିରଜା ପ୍ରସନ୍ନ ଶତପଥୀ ଓ ମୁରାହାରୀ ଶ୍ରୀରମଣଙ୍କ ନାମକୁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲେ। ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୦ ତାରିଖରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା।

ଉଲ୍ଲେଖ ଥାଉ କି, ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ଭି.ଗୋପାଳ ସ୍ୱାମୀଙ୍କ ପୁତ୍ର ହେଉଛନ୍ତି ଭି. ନରସିଂହ। ୧୯୬୭ ଜାନୁୟାରୀ ୧୯ରେ ନରସିଂହ ଜନ୍ମ ଗ୍ରହଣ କରିଥିଲେ। ସେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା ପାଇଁ ଷ୍ଟାଣ୍ଡିଂ କାଉନସିଲ ଭାବେ ନିଯୁକ୍ତି ପାଇଥିଲେ। ସେହିପରି ସିବିଆଇ ପକ୍ଷରୁ ମଧ୍ୟ ମାମଲା ପରିଚାଳନା କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭଗବାନ ଶତପଥୀଙ୍କ ପୁତ୍ର ହେଉଛନ୍ତି ବିରଜା ପ୍ରସନ୍ନ ଶତପଥୀ। ସେ ରେଭେନ୍ସା କଲେଜରୁ ଏମ୍.କମ୍ ଡିଗ୍ରୀ ହାସଲ କରିବା ପରେ ୧୯୯୩ରେ ଆଇନଜୀବୀ ଭାବେ ଯୋଗଦେଇଥିଲେ। ସେହିପରି ଏମ୍. ଆର୍. ଭି. ରାଓଙ୍କ ପୁଅ ମୁରାହାରୀ ଶ୍ରୀରମଣ ୧୯୭୦ ଜୁନ୍ ୮ରେ ଜନ୍ମ ଗ୍ରହଣ କରିଥିଲେ। ୧୯୯୭ରେ ସେ ଆଇନଜୀବୀ ଭାବେ ଯୋଗଦେଇଥିଲେ। ୨୦୦୯ରେ ସେ ବାଣିଜ୍ୟକର ବିଭାଗର ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ଭାବେ ନିଯୁକ୍ତି ପାଇଥିଲେ।

# ହଜାରେ ତଳେ ଦୈନିକ ସଂକ୍ରମଣ

## ଆଉ ୨୦ ମୃତ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହଜାରେ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୫୯,୦୯୨ ନମୁନା ପରୀକ୍ଷା କରାଯାଇଥିବାବେଳେ ୮୫୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୦୩ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୩୫୬ଜଣ ରହିଛନ୍ତି ଓ ୧୭୨ଜଣ ୧୮ ବର୍ଷରୁ କମ୍ ବୟସର ଅଛନ୍ତି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦୫ଜଣ ଆକ୍ରାନ୍ତ ଥିବାବେଳେ କୋରାପୁଟରୁ ୭୧, କଟକ ୬୫ ଓ ସୁନ୍ଦରଗଡ଼ ୬୨ଜଣ ରହିଛନ୍ତି। ବାକିସବୁ ଜିଲାରେ ଏହି ସଂଖ୍ୟା ୫୦ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୬୮,୧୨୧ରେ ପହଞ୍ଚିଛି। ତେବେ ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଏବେ ହଜାର ତଳେ ସଂକ୍ରମଣ ରହିବା ରାଜ୍ୟ ପାଇଁ ଖୁସି ଖବର। କେବଳ ଗୋଟିଏ ଜିଲାକୁ ଛାଡ଼ି ଦେଲେ ବାକିସବୁ ଜିଲାରେ ସଂକ୍ରମଣ ହାର କମ୍ ରହୁଛି। ସର୍ଭିଲାନ୍ସ ଚାଲିଛି। ପ୍ରାୟ ୬୦ ହଜାର ଟେଷ୍ଟିଂ କରାଯାଉଛି। ଏପଟେ ସଂକ୍ରମଣ କମୁଥିବାରୁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କୋଭିଡ୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ ନା ନାହିଁ, ସେ ନେଇ ସରକାର ସାମଗ୍ରିକ ଭାବେ ନିଷ୍ପତ୍ତି ନେବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ପୁଣି ୨୦ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲାରୁ ସର୍ବାଧିକ ୬ ଜଣ ରହିଛନ୍ତି। ସେହିଭଳି ଯାଜପୁରରୁ ୪ଜଣ ଥିବା ବେଳେ କଟକ ଓ ପୁରୀରୁ ୨ଜଣ ଲେଖାଏ ଏବଂ ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦୁଝର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲାରୁ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୯୦୪କୁ ବୃଦ୍ଧି ପାଇଛି।

# କୋହଳ ହେଲା ମହାପ୍ରଭୁଙ୍କ ଦର୍ଶନ

## ୨୧ରୁ ନୂଆ ଏସ୍‌ଓପି ଲାଗୁ

- ଲୋଡ଼ା ନାହିଁ ଟିକା ପ୍ରମାଣପତ୍ର, ଆର୍‌ଟି-ପିସିଆର୍ ରିପୋର୍ଟ
- ରବିବାର ଦର୍ଶନ ବନ୍ଦ

**ପୁରୀ ଅଫିସ,୧୪।୨**

ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ କଟକଣା କୋହଳ ହୋଇଛି। ଏଣିକି ଦର୍ଶନ ପୂର୍ବରୁ ଡବଲ୍ ଡୋଜ୍ ଟିକାକରଣ ପ୍ରମାଣପତ୍ର କିମ୍ବା ଆର୍‌ଟି-ପିସିଆର୍ ରିପୋର୍ଟ ଆବଶ୍ୟକ ପଡ଼ିବ ନାହିଁ। କିଓସ୍କୋ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯିବ। ଉକ୍ତ ନୂଆ ଏସ୍‌ଓପି ଆସନ୍ତା ୨୧ ତାରିଖଠାରୁ ଲାଗୁ ହେବ। ସୋମବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ଅଧିକାଂଶ ବ୍ୟକ୍ତି ଡବଲ୍ ଡୋଜ୍ ଟିକା ନେଇସାରିଲେଣି। ପୁରୀ ଜିଲାରେ ସଂକ୍ରମଣ ମାତ୍ରା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ମହାପ୍ରଭୁଙ୍କ ଦର୍ଶନକୁ କଟକଣାମୁକ୍ତ କରିବା ପାଇଁ ଦାବି ହୋଇଆସୁଥିଲା। ବୈଠକରେ ଛତିଶା ନିଯୋଗ ସଦସ୍ୟମାନେ ମଧ୍ୟ ଏକମତ ହୋଇ କଟକଣାକୁ କୋହଳ କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ତେଣୁ କଟକଣା କୋହଳ ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ଶ୍ରଦ୍ଧାଳୁମାନେ ଡବଲ୍ ଡୋଜ୍ କୋଭିଡ୍ ଟିକା ନେବା ପରେ ହିଁ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସନ୍ତୁ ବୋଲି ମୁଖ୍ୟ ପ୍ରଶାସକ ଅପିଲ୍ କରିଛନ୍ତି। ସେହିପରି ଶ୍ରୀମନ୍ଦିର ପରିସରରେ କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଇବା ଉପରେ ପ୍ରଶାସନ ଧ୍ୟାନ ଦେବ। ସାମାଜିକ ଦୂରତା, ମାସ୍କ ଓ ସାନିଟାଇଜର ବ୍ୟବହାର ଭଳି କଟକଣା ବଳବତ୍ତର ରହିବ।

ଅନ୍ୟପକ୍ଷରେ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମଙ୍ଗଳଆଳତି ସମ୍ପର୍କରେ ଆଲୋଚନା କରାଯାଇଛି। ମଙ୍ଗଳ ଆଳତି ୬ଟା ୩୦ରେ ହେବା ଦ୍ୱାରା ନୀତି ବିଳମ୍ବ ହେଉଛି, ତେଣୁ ଏହାକୁ ବ୍ରହ୍ମ ମୁହୂର୍ତ୍ତରେ କରିବା ପାଇଁ ପ୍ରଚେଷ୍ଟା ଚାଲିଛି। ଏସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଆଲୋଚନା ଜାରି ରଖିଛନ୍ତି। ଆସନ୍ତା ୨୦ରୁ ୨୫ ତାରିଖ ମଧ୍ୟରେ ମଙ୍ଗଳ ଆଳତିକୁ ବ୍ରହ୍ମ ମୁହୂର୍ତ୍ତରେ କରିବା ପାଇଁ ନିଷ୍ପତ୍ତି ହୋଇଛି। ଦ୍ୱାରଫିଟାଠାରୁ ମଙ୍ଗଳଆଳତି ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ବୈଠକରେ ଆଲୋଚନା ହେବ। ଏସବୁ ବ୍ୟତୀତ ପୂର୍ବ ଏସ୍‌ଓପି ବଳବତ୍ତର ରହିବ। ଅର୍ଥାତ୍ ଆନନ୍ଦବଜାରରେ ମହାପ୍ରସାଦ ସେବନ, ରବିବାର ସାନିଟାଇଜ ଉଦ୍ଦେଶ୍ୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର, ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଛତିଶା ନିଯୋଗ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହସ୍ପିଟାଲରେ ଭର୍ତ୍ତି ହେବା ପାଇଁ କୋଭିଡ୍ ଟେଷ୍ଟ ଆବଶ୍ୟକ ନାହିଁ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

## ଲକ୍ଷଣ ଥିଲେ ଟେଷ୍ଟ ହେବ

ରାଜ୍ୟରେ ଏଣିକି ହସ୍ପିଟାଲରେ ଭର୍ତ୍ତି ହେବା ପୂର୍ବରୁ କୋଭିଡ୍ ଟେଷ୍ଟର ଆବଶ୍ୟକତା ନାହିଁ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ହସ୍ପିଟାଲକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେବା ସମୟରେ ଆଉ କରୋନା ଟେଷ୍ଟ ବାଧ୍ୟତାମୂଳକ ନ କରିବାକୁ କୁହାଯାଇଛି। ଏହା ସମସ୍ତ ମାଇନର/ମେଜର ସର୍ଜରି ସମେତ ଓପିଡି, ଜରୁରିକାଳୀନ ରୋଗୀଙ୍କ ପାଇଁ ଉପଲବ୍ଧ। ସେହିଭଳି ଯଦି କୌଣସି ପ୍ରସୂତି ପ୍ରସବ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥାନ୍ତି କିମ୍ବା ଆଡ୍‌ମିଶନ ପାଇଁ ଆସୁଛନ୍ତି, ତେବେ ସେମାନଙ୍କର ମଧ୍ୟ କରୋନା ପରୀକ୍ଷା କରାଯିବ ନାହିଁ। ଏହା କେବଳ ଲକ୍ଷଣବିହୀନ ରୋଗୀଙ୍କ ପାଇଁ ପ୍ରଯୁଜ୍ୟ। ହେଲେ ଯଦି କାହାର କରୋନା ଲକ୍ଷଣ ଥିବ, ତେବେ ସେମାନଙ୍କର କରୋନା ଟେଷ୍ଟ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। କରୋନା ସଂକ୍ରମଣ ହ୍ରାସ ପାଉଥିବା ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, କରୋନା ଟେଷ୍ଟ ଭୟରେ ଅଧିକାଂଶ ରୋଗୀ ହସ୍ପିଟାଲ ଯାଉ ନ ଥିଲେ। ପୁଣି ଏଥିପାଇଁ ଦୁଇଦିନ ଅପେକ୍ଷା କରିବାକୁ ପଡୁଥିବାରୁ ଅନେକ ଗୁରୁତର ରୋଗୀ ସମସ୍ୟାର ସମ୍ମୁଖୀନ ହେଉଥିଲେ। ରୋଗ ମଧ୍ୟ ବଢ଼ିଯାଉଥିଲା। ଏ ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ମଧ୍ୟ ଆସିଥିଲା।

# ମାର୍ଚ୍ଚ ୪ରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**କଟକ ଅଫିସ,୧୪।୨**

## ଆଜିଠାରୁ ବୋର୍ଡ ୱେବ୍‌ସାଇଟ୍‌ରେ ମିଳିବ ଆଡ୍‌ମିଟ୍ କାର୍ଡ

ଷଷ୍ଠ, ସପ୍ତମ, ଅଷ୍ଟମ ଏବଂ ନବମଶ୍ରେଣୀ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପ୍ରବେଶିକା ପରୀକ୍ଷା ମାର୍ଚ୍ଚ ୪ ତାରିଖରେ ଅନୁଷ୍ଠିତ ହେବ। ମଙ୍ଗଳବାରଠାରୁ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ କାର୍ଡ ଉପଲବ୍ଧ ରହିବ। ଏନେଇ ସୋମବାର ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ଷଷ୍ଠ ଶ୍ରେଣୀ ପିଲାଙ୍କ ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ସରିବ। ସେହିପରି ସପ୍ତମ, ଅଷ୍ଟମ ଏବଂ ନବମ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ। ଷଷ୍ଠ ଶ୍ରେଣୀ ପିଲାଙ୍କ ଲାଗି ୫୨ ମାର୍କ ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ୧୦୦ ମାର୍କର ପରୀକ୍ଷା ହେବ। ଷଷ୍ଠ ଶ୍ରେଣୀ ଲାଗି ପରୀକ୍ଷାରେ ଗଣିତ, ଇଂଲିଶ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟରେ ପ୍ରଶ୍ନ ପଡ଼ିବ। ସେହିପରି ସପ୍ତମରୁ ନବମ ଶ୍ରେଣୀର ପରୀକ୍ଷାର୍ଥୀମାନେ ଇଂଲିଶ, ଓଡ଼ିଆ, ଗଣିତ, ସାଧାରଣ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ବିଷୟରୁ ଆସିଥିବା ପ୍ରଶ୍ନର ପରୀକ୍ଷା ଦେବେ। ଓଏମ୍‌ଆର୍ ପଦ୍ଧତିରେ ପରୀକ୍ଷା ହେବ। ପ୍ରତି ପ୍ରଶ୍ନ ଲାଗି ୪ଟି ସମ୍ଭାବ୍ୟ ଉତ୍ତର ରହିବ। ପରୀକ୍ଷାର୍ଥୀମାନେ କଲମରେ କଳା କିମ୍ବା ନୀଳ ରଙ୍ଗର କାଳି ବ୍ୟବହାର କରିପାରିବେ।






**ଆଜିର ମନ୍ତବ୍ୟ**

"ତିନି ତଲାକ ନିରୋଧୀ ଆଇନ ଉତ୍ତର ପ୍ରଦେଶର ହଜାର ହଜାର ମୁସଲମାନ ମହିଳାଙ୍କୁ ପରିବାରରୁ ବିଚ୍ଛେଦ ହେବାରୁ ରକ୍ଷା କରିଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଦେବୀନା ଦିବ୍ୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୂରୁବ ପିତେଇ କି ପିତେଇ ନାକରେ ଦକ୍ଷିଣୀ ନୋଥ ପିତେଇ ମଣିଷ ଚିହ୍ନେଇ କି?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋଷଣାହାରୀ ପୁଅ ତାଙ୍କୁ ପିଢ଼ା ଖଣ୍ଡିଏ ଦିଅ।**

ରୋଜଗାରିଆ ପୁଅର ଆଦବ କାଇଦା କାହିଁରେ କେତେ। ଭଲ ରୋଜଗାର କରି ପ୍ରତିପୋଷଣ କରିପାରୁଥିବା ପୁଅ ସଭିଙ୍କ ପ୍ରିୟ ବା ଆଦରଣୀୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଏକାଧିକ ପ୍ରାର୍ଥୀଙ୍କୁ ଭୋଟ ଦେଲେ ବାଲଟ ନାକଚ ହେବ

**ଭୋଟ ପାଇଁ ଗାଇଡଲାଇନ**

**ମତଦାନ ବେଳେ ସତର୍କ ରହିବାକୁ ନିର୍ବାଚନ କମିଶନଙ୍କ ପରାମର୍ଶ**

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଚାର ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଅତି ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୋଟ ଦେବାବେଳେ ମତଦାତାମାନେ କିଭଳି ସତର୍କ ରହିବେ ଓ ଭୋଟ୍ ଯେପରି ନାକଚ ନ ହେବ, ସେଥିପାଇଁ ରାଜ୍ୟ ନିର୍ବାଚନ କମିଶନ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ଏବଂ ଜିଲା ପରିଷଦ ଆସନ ପାଇଁ ଅଲଗା ଅଲଗା ବାଲଟ ପେପର ରହିଛି। ପ୍ରତି ବାଲଟ ପେପରରେ ୧୦ଟି ଚିହ୍ନ ରହିଛି। ପଞ୍ଚାୟତ ପାଇଁ ଯେତିକି ଜଣ ପ୍ରାର୍ଥୀ ଥିବେ ବାଲଟ ପେପରରେ ଆରମ୍ଭରୁ ସେମାନଙ୍କୁ ଚିହ୍ନ ପ୍ରଦାନ କରାଯାଇଛି। ପ୍ରିଜାଇଡିଂ ଅଫିସର ଭୋଟରଙ୍କୁ ବାଲଟ ପେପର ଦେବା ବେଳେ ଫୋଲ୍ଡ କରି ଦେବେ। ଯେଉଁ ଚିହ୍ନଗୁଡିକ ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇ ନ ଥିବ ସେ ଚିହ୍ନ ବାଲଟ ପେପର ନିମ୍ନ ଅଂଶରେ ରହିଥିବ। ସେହି ଚିହ୍ନକୁ ପ୍ରିଜାଇଡିଂ ଅଫିସର ଫୋଲ୍ଡ କରି ଦେବେ। ବାଲଟ ପେପରରେ ଏକାଧିକ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ତାହା ନାକଚ ହୋଇଯିବ।

ଯଦି କେହି ଭୋଟର ପ୍ରାର୍ଥୀଙ୍କ ଚିହ୍ନରେ ଭୋଟ ଦେବା ସହିତ ଫୋଲ୍ଡିଂ ହୋଇ ରହିଥିବା ବା ପ୍ରାର୍ଥୀଙ୍କୁ ଦିଆଯାଇ ନ ଥିବା ଚିହ୍ନରେ ଭୋଟ ଦେଇଥିବେ ତା'ହେଲେ ସେ ବାଲଟ ପେପର ନାକଚ ହେବନାହିଁ। କାରଣ ଫୋଲ୍ଡିଂ ହୋଇଥିବା ନିମ୍ନଭାଗ ଚିହ୍ନଗୁଡିକ କାହାରିକୁ ପ୍ରଦାନ କରାଯାଇନାହିଁ। ସେଥିପାଇଁ ସେଥିରେ ଭୋଟ ଦେଇଥିଲେ ମଧ୍ୟ ତାହା ନାକଚ ହେବନାହିଁ। ଭୋଟ ଦେବାବେଳେ ସତର୍କ ରହିବାକୁ ମତଦାତାଙ୍କୁ ନିର୍ବାଚନ କମିଶନର ପରାମର୍ଶ ଦେଇଛନ୍ତି। ଯେଉଁ ଚିହ୍ନରେ ଭୋଟ ଦେଉଛନ୍ତି ସେହି ଘର ଭିତରେ ଷ୍ଟାମ୍ପ ମାରିବା ଦରକାର। ଏହା ଯେପରି ଘରର ଗାର ଅତିକ୍ରମ ନ କରିବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟ ଭୋଟ୍ ପୂର୍ବରୁ ନିର୍ବାଚନ କମିଶନ ଭୋଟ ଗଣତି ପାଇଁ କେଉଁ ବାଲଟ ପେପର ବୈଧ, କେଉଁ ଭୋଟ୍ ନାକଚ ହେବ ସେନେଇ ମଧ୍ୟ ସମସ୍ତ ଜିଲାପାଳଙ୍କୁ ଗାଇଡ୍‌ଲାଇନ ପ୍ରଦାନ କରିଛନ୍ତି।

## ଥଣ୍ଡା ଥିଲେ ମତଦାନ, ଭୋଟ ଗଣତି କେନ୍ଦ୍ରକୁ କର୍ମଚାରୀଙ୍କୁ ମନା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କୋଭିଡ୍ ଦ୍ୱିତୀୟ ଟିକା ନେଇଥିବା ସତ୍ତ୍ୱେ ଯଦି କୋଭିଡ୍‌ର କୌଣସି ଲକ୍ଷଣ ଯଥା ଜ୍ୱର, ସର୍ଦ୍ଦି, ଥଣ୍ଡା ଆଦି ପ୍ରକାଶ ପାଏ, ତେବେ ସେହି କର୍ମଚାରୀଙ୍କୁ ମତଦାନ କିମ୍ବା ଭୋଟ ଗଣନା କେନ୍ଦ୍ରକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ଓ ଭୋଟ ଗଣନା କାର୍ଯ୍ୟ କୋଭିଡ୍-୧୯ ନିୟମାବଳୀ ଅନୁଯାୟୀ ହେବ। ମତଦାନର ପୂର୍ବଦିନ ନିର୍ଦ୍ଧାରିତ ଭୋଟଗ୍ରହଣ କେନ୍ଦ୍ରକୁ ଭଲ ଭାବେ ବିଶୋଧନ କରାଯିବ। ମତଦାନ କେନ୍ଦ୍ରରେ ନିୟୋଜିତ ସମସ୍ତ କର୍ମଚାରୀ ଦ୍ୱିତୀୟ ଡୋଜ୍ ଟିକା ନେବା ବାଧ୍ୟତାମୂଳକ କରାଯାଇଛି। କର୍ମଚାରୀମାନେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ଭୋଟଗ୍ରହଣ ଦିନ ଭୋଟରଙ୍କ ପାଇଁ ପ୍ରବେଶ ଦ୍ୱାର ନିକଟରେ ଥର୍ମାଲ ସ୍କାନିଂ ସହ ସାନିଟାଇଜର ବ୍ୟବହାର କରାଯିବ। ସେହିପରି ଭୋଟ ଗଣତି ନିମନ୍ତେ ନିରୂପିତ କେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକୁ ଭଲଭାବେ ବିଶୋଧନ କରାଯିବ। ଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀ ଦ୍ୱିତୀୟ ଡୋଜ୍ କୋଭିଡ୍ ଟିକା ନେବା ଆବଶ୍ୟକ। ଏହାଛଡ଼ା ସମସ୍ତ କର୍ମଚାରୀ ମାସ୍କ ଓ ଗ୍ଲୋଭ୍‌ସ ପରିଧାନ କରି ଗଣତିରେ ନିୟୋଜିତ ହେବେ। କାଉଣ୍ଟିଂ ଏଜେଣ୍ଟମାନେ ମଧ୍ୟ ମାସ୍କ ପରିଧାନ ସହ କୋଭିଡ୍ ଦ୍ୱିତୀୟ ଡୋଜ୍ ଟିକା ନେବା ବାଧ୍ୟତାମୂଳକ କରାଯାଇଛି। କୋଭିଡ୍-୧୯ ଦ୍ୱିତୀୟ ମାତ୍ରା ଟିକା ନେଇଥିଲେ ମଧ୍ୟ ଭୋଟ ଗଣନା କେନ୍ଦ୍ରକୁ ପ୍ରବେଶର ୪୮ ଘଣ୍ଟା ମଧ୍ୟରେ ଅଧିକାରୀ ଓ କର୍ମଚାରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟିଂ କରାଯିବ।

## ଡଙ୍ଗାରୁ ୨୦ ଲକ୍ଷର ଗଞ୍ଜେଇ ଜବତ, ଜଣେ ଗିରଫ

ଚିତ୍ରକୋଣ୍ଡା,୧୪।୨(ଡି.ଏନ୍.ଏ.)

ଗଞ୍ଜେଇ ଚାଲାଣ ପାଇଁ ମାଫିଆମାନେ ଏବେ ଜଳପଥକୁ ବାଛିଛନ୍ତି। ମାଛଧରା ଡଙ୍ଗାରେ ଗଞ୍ଜେଇ ଚାଲାଣବେଳେ ଚିତ୍ରକୋଣ୍ଡା ପୋଲିସ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଓ ଡଙ୍ଗା ଜବତ କରିଛି। ଡଙ୍ଗାରେ ଗଞ୍ଜେଇ ଚାଲାଣ ନେଇ ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ରବିବାର ରାତିରେ ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ଲାଗି ରହିଥିବା ଦୋରାଘାଟ ଗ୍ରାମରେ ଚଢ଼ାଉ କରିଥିଲା। ଡଙ୍ଗାରୁ ୧୦ ପ୍ୟାକେଟ ଗଞ୍ଜେଇ ଜବତ କରିବା ସହ ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏମ୍‌ଭି ୧୦୯ ଗ୍ରାମର ସୁମନ୍ତ ସରକାର। ଜବତ ଗଞ୍ଜେଇ ୨୫୦ କେଜି ୮ଶହ ଗ୍ରାମ୍ ବୋଲି ସୂଚନା ମିଳିଛି। ଏ ନେଇ ଚିତ୍ରକୋଣ୍ଡା ଥାନାରେ ୩୨/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ଫୁଲବାଣୀ ଅଫିସ/ ବାଲିଗୁଡ଼ା(ଡି.ଏନ୍.ଏ.), ୧୪।୨

କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ତୁମୁଡ଼ିବନ୍ଧ ବନାଞ୍ଚଳ କୁର୍ତ୍ତମଗଡ଼ ସେକ୍ସନ ମାଙ୍ଗାପାଙ୍ଗା ଅଞ୍ଚଳରୁ ଏକ ବଜ୍ରକାପ୍ତା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ବନ କର୍ମଚାରୀ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଜିକାନ୍ତ ମାଝି ଓ ଟିବିର ମାଝି।

ମାଙ୍ଗାପାଙ୍ଗାର ଅଞ୍ଚଳର କେତେଜଣ ଲୋକ ବଜ୍ରକାପ୍ତା ବିକ୍ରି କରିବାକୁ ଯାଉଥିବା ବନବିଭାଗ ଖବର ପାଇଥିଲା। ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ କରାଯାଇଥିଲା। ଯୋଜନା ମୁତାବକ ବନ କର୍ମଚାରୀମାନେ ଗ୍ରାହକ ସାଜି ଲଣ୍ଡୁରୁଗୁଡାରେ ପହଞ୍ଚିଥିଲେ।



ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

ଦେଢ଼ ଲକ୍ଷ ଟଙ୍କାରେ ବଜ୍ରକାପ୍ତା କିଣିବେ ବୋଲି କଥା ଛିଡ଼ାଇଥିଲେ। ପ୍ରାୟ ସାଢ଼େ ୩ ଫୁଟ ଲମ୍ବ ଓ ୧୦ କେଜି ଓଜନର ଏହି ବଜ୍ରକାପ୍ତାକୁ ବନ କର୍ମଚାରୀ ଉଦ୍ଧାର କରିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରିଥିଲେ।

# କକ୍ଷପଥରେ ଇଓଏସ୍-୦୪

ଶ୍ରୀହରିକୋଟା, ୧୪।୨

ଚଳିତ ବର୍ଷର ପ୍ରଥମ ମିଶନ ଭାବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସୋମବାର ସଫଳତାର ସହ ପିଏସ୍‌ଏଲ୍‌ଭି-ସି୫୨ ଯୋଗେ ଇଓଏସ୍-୦୪ ଉପଗ୍ରହକୁ ସଫଳତାର ସହ ପ୍ରେରଣ କରିଛି। ଏହା ସହ ଦୁଇଟି ଛୋଟ ସାଟେଲାଇଟ୍ ଇନ୍‌ସ୍ପାୟାରସାଟ୍-୧ ଏବଂ ଆଇଏନ୍‌ଏସ୍-୨ଟିଡି ମଧ୍ୟ କକ୍ଷପଥରେ ପହଞ୍ଚିଛି। ୨୫ ଘଣ୍ଟା ୩୦ ମିନିଟ୍‌ର ପ୍ରସ୍ତୁତି ପରେ ସକାଳ ୫ଟା ୫୯ରେ ପୃଥିବୀ ନୀରିକ୍ଷଣ ସାଟେଲାଇଟ୍ ଇଓଏସ୍-୦୪କୁ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧୱନ ସ୍ପେସ୍ ସେଣ୍ଟରରୁ ଲଞ୍ଚ୍ କରାଯାଇଥିଲା। କରାଯିବ। ଏହି ଉପଗ୍ରହକୁ ଆକାଶରେ



ଭାରତର ଆଖି ବୋଲି କୁହାଯାଉଛି। ପ୍ରାୟ ୧୭ ମିନିଟ୍ ପରେ ସାଟେଲାଇଟ ସୂର୍ଯ୍ୟର ସିଙ୍କ୍ରୋନସ୍ ପୋଲାର ଅର୍‌ବିଟ୍‌ରେ ସ୍ଥାପିତ ହୋଇଛି। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋକୁ ଶୁଭେଚ୍ଛା ଜଣାଇଛନ୍ତି।

ସାଟେଲାଇଟ୍ ଇଓଏସ୍-୦୪ ଏକ ରାଡାର ଇମେଜିଂ ସାଟେଲାଇଟ୍। ସମସ୍ତ ପ୍ରକାର ପାଣିପାଗରେ ଏହା ହାଇ କ୍ୱାଲିଟି ଫଟୋ ଉତ୍ତୋଳନ କରିପାରିବ, ଯାହା କି କୃଷି, ଜଙ୍ଗଲ ଓ ଚାରାରୋପଣ, ମୃତ୍ତିକାର ଆର୍ଦ୍ରତା, ଜଳ ସ୍ଥିତି ସମେତ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ବାବଦରେ ସୂଚନା ଦେବ। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟରେ ଏହି ସାଟେଲାଇଟ୍ ବେଶ୍ ଉପଯୋଗୀ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏହାର କାର୍ଯ୍ୟକାଳ ୫ ବର୍ଷ ରହିବ।

**ପ୍ରଥମ ପୃଷ୍ଠାରୁ...**

## ବଢୁଛି ଯୁଦ୍ଧ...

ଯଦି ରୁଷିଆ ଓଏସ୍‌ସିଇ ଅଞ୍ଚଳରେ ନିରାପତ୍ତାକୁ ଗୁରୁତ୍ୱ ଦେଉଛି ତେବେ ଉତ୍ତେଜନା ହ୍ରାସ ଏବଂ ସୁରକ୍ଷା ବୃଦ୍ଧି ପାଇଁ ସାମରିକ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତା ପୂରଣ କରିବାକୁ ପଡିବ ବୋଲି କୁଲେବା କହିଛନ୍ତି। ତେବେ ଆଗାମୀ ଦିନରେ ରୁଷିଆ ଆକ୍ରମଣ କରିବାର କୌଣସି ପ୍ରମାଣ ନ ଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ରବିବାର ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଫୋନ୍ ଯୋଗେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ କଥା ହୋଇଛନ୍ତି। ସହଯୋଗ ଓ ସମର୍ଥନ ପାଇଁ ଜେଲେନ୍‌ସ୍କି ବାଇଡେନ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ସେ ବାଇଡେନ୍‌ଙ୍କୁ ୟୁକ୍ରେନକୁ ନିମନ୍ତ୍ରଣ କରିଛନ୍ତି। ସ୍ଥିତିରେ ସୁଧାର ଆଣିବା ନିମନ୍ତେ ବାଇଡେନ୍‌ଙ୍କ ୟୁକ୍ରେନ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଜେଲେନ୍‌ସ୍କି କହିଛନ୍ତି। ରୁଷିଆ ସହ ବିବାଦ ଘନେଇଥିବାବେଳେ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ସୋମବାର କିଭ୍‌ରେ ପହଞ୍ଚିବା ପରେ ଜେଲେନ୍‌ସ୍କିଙ୍କୁ ଭେଟିଛନ୍ତି। ମଙ୍ଗଳବାର ଓଲାଫ୍ ସ୍କୋଲ୍‌ଜ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଭେଟି ଯୁଦ୍ଧସ୍ଥିତି ଟାଳିବାକୁ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଯୁଦ୍ଧ ଭୟରେ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନେକ ଦେଶ ସେମାନଙ୍କ ଦୂତାବାସ କର୍ମଚାରୀଙ୍କୁ ଫେରି ଆସିବାକୁ କହିଥିବାବେଳେ ୟୁକ୍ରେନ ନ ଯିବା ପାଇଁ ନାଗରିକଙ୍କୁ ପରାମର୍ଶ ଦେଉଛନ୍ତି। ଆମେରିକା ପୂର୍ବରୁ ନିଜ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ କହିବା ସହ କିଭ୍‌ରେ ଥିବା ଦୂତାବାସ କର୍ମଚାରୀଙ୍କୁ ଫେରିଆସିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି। ବ୍ରିଟେନ, ଜର୍ମାନୀ, ଇଟାଲୀ, ଆୟର୍ଲାଣ୍ଡ, ବେଲଜିୟମ, ଲକ୍ସମବର୍ଗ, ନେଦରଲାଣ୍ଡସ, କାନାଡା, ନରୱେ, ଇଷ୍ଟୋନିଆ, ଲିଥୁଆନିଆ, ବୁଲଗେରିଆ, ସ୍ଲୋଭେନିଆ, ଅଷ୍ଟ୍ରେଲିଆ, ଜାପାନ, ଇସ୍ରାଏଲ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ନିଜ ନିଜ ନାଗରିକମାନଙ୍କୁ ୟୁକ୍ରେନ ଛାଡିବାକୁ ପରାମର୍ଶ ଦେଇଛନ୍ତି। ଫଳରେ ସେଠାରେ ରହୁଥିବା ବିଦେଶୀ ନାଗରିକମାନେ ଏବେ ନିଜ ନିଜ ଦେଶ ମୁହାଁ ହୋଇଛନ୍ତି।

## ସରିଲା ପ୍ରଥମ...

ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା ଓ କୋରାପୁଟ ଜିଲାକୁ ପୋଲିଂ ଦଳ ଗସ୍ତ କରିଛନ୍ତି। ମଙ୍ଗଳବାର ଅନ୍ୟ ୧୯ ଜିଲାକୁ ଅବଶିଷ୍ଟ ପୋଲିଂ ପାର୍ଟି ଗସ୍ତ କରିବେ। ଚଳିତଥର ମତଦାନ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ଯାଏ ଅନୁଷ୍ଠିତ ହେବ। ପୂର୍ବରୁ ପୂର୍ବାହ୍ନ ୧୨ଟାରେ ଭୋଟ ଗ୍ରହଣ ଶେଷ ହେଉଥିଲା। ପ୍ରଥମଥର ଲାଗି ୧ ଘଣ୍ଟା ସମୟ ବୃଦ୍ଧି କରାଯାଇଛି।

ଏଥର ପ୍ରଥମଥର ଲାଗି ଭୋଟଗଣତି ମତଦାନ କେନ୍ଦ୍ରରେ ନ ହୋଇ ବ୍ଲକ ସଦରମହକୁମାରେ ୨୬, ୨୭ ଓ ୨୮ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ଯେଉଁ କେନ୍ଦ୍ରରେ ଭୋଟ ଗ୍ରହଣ ଶେଷ ହେଉଥିଲା ସେଠାରେ ସେହିଦିନ ଗଣନା କରାଯାଉଥିଲା। ଏହାକୁ ନେଇ ଆପତ୍ତି ଅଭିଯୋଗ ହେବା ପରେ କମିଶନ ଏକକ ଗଣନା କେନ୍ଦ୍ର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ପଞ୍ଚାୟତିରାଜ ଆଇନକୁ ସଂଶୋଧନ କରିଛନ୍ତି। ଭୋଟ ଗ୍ରହଣ ପରେ ଆଉ ଗଣନା ନ ହୋଇ ଭୋଟବାକ୍ସଗୁଡ଼ିକ ବ୍ଲକ ମୁଖ୍ୟାଳୟରେ ରହିବ। ସମସ୍ତ ୫ପର୍ଯ୍ୟାୟ ମତଦାନ ଶେଷ ହେବାର ଦିନକ ପରେ ଜୋନ୍‌ୱାରି ଗଣନା ହେବ। ସେହିଦିନ ଫଳାଫଳ ପ୍ରକାଶ କରାଯିବ। ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାକୁ ଚାହୁଁଥିବା କର୍ମଚାରୀଙ୍କ ପାଇଁ ମତଦାନ ଦିନ ଦରମା ପ୍ରଦାନ ସହ ଛୁଟି ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ବାଣିଜ୍ୟ ଓ ଶିଳ୍ପାନୁଷ୍ଠାନ ନିଜ ନିଜ ଅଞ୍ଚଳ ପାଇଁ ସ୍ଥିର ହୋଇଥିବା ମତଦାନ ତାରିଖ ଦିବସରେ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ଜିଲାପାଳ ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀଙ୍କୁ ଏନେଇ ଚିଠି ଲେଖି ଜଣାଇ ଦିଆଯାଇଛି।

## ୫୪ ଚାଇନା...

ସ୍ୱିଟ୍ ସେଲ୍ଫି ଏଚ୍‌ଡି, ବ୍ୟୁଟି କ୍ୟାମେରା-ସେଲ୍ଫି କ୍ୟାମେରା, ଇକ୍ୱାଲାଇଜେର ଆଣ୍ଡ ବ୍ରାସ୍ ବୁଷ୍ଟର, କ୍ୟାମ୍‌କାର୍ଡ ଫର୍ ସେଲ୍ସ ଫୋର୍ସ ଏଣ୍ଟରଟେନ୍‌ମେଣ୍ଟ, ଆଇସୋଲାଣ୍ଡ୨: ଆଶେସ୍ ଅଫ୍ ଦି ଟାଇମ୍ ଲାଇଟ୍, ଭିଭା ଭିଡିଓ ଏଡିଟର, ଟେନ୍‌ସେଣ୍ଟ ଜାଇଭର, ଓନ୍‌ମିଓଜି ଚେସ୍, ଓନ୍‌ମିଓଜି ଏରେନା, ଆପ୍‌ଲକ୍ ଏବଂ ଡୁଆଲ୍ ସ୍ପେସ୍ ଲାଇଟ୍। ଏହା ପୂର୍ବରୁ ୨୦୨୦ ଜୁନ୍‌ରେ ଚାଇନାର ଟିକ୍‌ଟକ୍, ୱିଚାଟ୍ ଏବଂ ହେଲୋ ଭଳି ୫୯ ମୋବାଇଲ୍ ଆପ୍‌କୁ ଭାରତ ଅନୁରୂପ କାରଣ ଦର୍ଶାଇ ବ୍ଲକ୍ କରିଥିଲା। ଚାଇନାର ଆପ୍‌ଗୁଡ଼ିକ ୟୁଜର୍ସ ଡାଟା ପ୍ରେରଣ କରୁଥିବା ନେଇ ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ସତର୍କ କରାଯିବା ପରେ ଗତବର୍ଷ ଜୁନ୍ ୨୯ରେ ଅନେକ ଆପ୍ଲିକେଶନର ବ୍ୟବହାର ଉପରେ ରୋକ ଲଗାଯାଇଥିଲା। ୨୦୨୦ ଜୁନ୍ ୧୫ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ଓ ଭାରତୀୟ ଯବାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର ୪୩ ସୈନ୍ୟ ନିହତ ହୋଇଥିଲେ। ସୀମାରେ ଉତ୍ତେଜନା ଲାଗିରହିଥିବାରୁ ନୂଆଦିଲ୍ଲୀ ପକ୍ଷରୁ ଉପରୋକ୍ତ ପଦକ୍ଷେପ ନିଆଯାଇଥିଲା। ପରେ ୨୦୨୦ ସେପ୍ଟେମ୍ବର ୩ରେ ପବ୍‌ଜି ସମେତ ଚାଇନାର ୧୧୮ଟି ଆପ୍‌କୁ ମଧ୍ୟ ଆଇଟି ଆଇନ ଧାରା ୬୯ଏ ଅଧୀନରେ ଭାରତ ବ୍ୟାନ୍ କରିଥିଲା। ବେଜିଂ ଏହାକୁ ପ୍ରତିବାଦ କରିଥିଲା। ଭାରତର କାର୍ଯ୍ୟାନୁଷ୍ଠାନ ବିଶ୍ୱ ବାଣିଜ୍ୟ ସଙ୍ଗଠନର ବିଦ୍ୱେଷବିରୋଧୀ ସିଦ୍ଧାନ୍ତର ପରିପନ୍ଥୀ ବୋଲି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଭାରତର ସଦ୍ୟ ପଦକ୍ଷେପକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଚାଇନା ପକ୍ଷରୁ କୌଣସି ମନ୍ତବ୍ୟ ଆସିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଅନୁକୂଳଗ୍ରହ ସ୍ଥିତିରୁ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ। ବିବାଦୀୟ ପରିସ୍ଥିତିରେ ଅନ୍ୟ ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହାକି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ଅର୍ଥ, ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁ ମିଳନ ହେତୁକ ଖୁସି ରହିବେ।

**ବୃଷ** – ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ।

**ମିଥୁନ** – କର୍ମକ୍ଷେତ୍ରରେ ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆତ୍ମୀୟମାନେ ଅସହଯୋଗ କରିପାରନ୍ତି, ଯାହାକି ସାମୟିକ ସମସ୍ୟା ସୃଷ୍ଟି କରିବ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରି ନ ପାରେ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବା ଆଶଙ୍କା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଅଶ୍ଳେଷା ନକ୍ଷତ୍ର ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବ।

**ସିଂହ** – ବନ୍ଧୁମାନଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନାରେ ବ୍ୟସ୍ତତା ବଢ଼ିଯିବ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଅଶାନ୍ତ ରହିପାରନ୍ତି।

**କନ୍ୟା** – ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇ ଖୁସି ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବନ୍ଧୁ ମଧ୍ୟରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି। ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ।

**ତୁଳା** – କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ବନ୍ଧୁଙ୍କ ଆହ୍ୱାନରେ ସଭାସମିତିରେ ଯୋଗ ଦେଇ ସମ୍ମାନ, ପ୍ରତିଷ୍ଠା ପାଇବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ପୂର୍ବରୁ ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ସମସ୍ୟା ହେତୁ ବାତିଲ ହେବାର ଆଶଙ୍କା ଦେଖାଦେବ।

**ବିଛା** – ମନ ଯେମିତି ଚାହୁଁଛି ତାହା ପାଇବା କାରଣରୁ ଉତ୍‌ଫୁଲ୍ଲିତ ରହିବେ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ। ଅନ୍ୟମାନଙ୍କ ଉଦ୍ଦେଶ୍ୟକୁ ବୁଝି ନ ପାରି ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ପରିବାରର ଆବଶ୍ୟକତା ଲାଗି ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** – ପରିବାର ମଧ୍ୟରେ କଳହ ସୃଷ୍ଟି ଆଶଙ୍କା ଦେଖା ଦେଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ସଂଗ୍ରହ କରିବା ଲାଗି ଚିନ୍ତା କରିବେ। ସାଂଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗପୀଡ଼ାରେ କଷ୍ଟ ପାଇପାରନ୍ତି।

**ମକର** – ମୁଖଭାବସ୍ଥ ରବି ବୁଧ ପ୍ରଭାବରୁ ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ବିରାଗଭାଜନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରି ବନ୍ଧୁଙ୍କୁ ପରାମର୍ଶ ମାଗିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** – ଦୀର୍ଘଦିନ ହେଲା ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ କିଛିନା କିଛି ସମସ୍ୟା ଅବଶ୍ୟ ପରିଲକ୍ଷିତ ହୋଇପାରେ।

**ମୀନ** – ଆଜି କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ,ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ସମସ୍ୟା ସୃଷ୍ଟି ହୋଇପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ହେବନି। ଶିକ୍ଷା, ସନ୍ତାନ, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବାର ଆଶା ରହିଛି।


## classifieds Everyday

0674-2580101, 2549302

automobile

**SALE**

Chevrolet Optra Magnum for sale 2012 Model 65000K.M. running (Personal use). 8249311037. D-71789

real estate

**SALE**

ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ NH-16କୁ ଲାଗି ଘରବାରି, boundary, electrification ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। 9777342153. D-71795

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

ଭୁବନେଶ୍ୱର ଯାଆଁଳା NH-5 ରୁ 400 ମିଟର ଦୂରତାରେ ପଟ୍ଟା, boundary, ଇଲେକ୍ଟ୍ରିସିଟି ସୁବିଧା ଥାଇ immediate ଘର କଲାଭଳି ପ୍ଲଟ୍ 15,60,000/-. 9437691481. D-71783

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 19,50,000/– କିଣି ଆଜି ଘର କରନ୍ତୁ – 9938016295. D–71791

MIG-II- 79/2, at OSHB Phase-I, Chandrasekharpur, Bhubaneswar-751016 well furnished living house. 7978472782, 9439357383. D-71016

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ– 9778822812. D-23066

13.77 Acre plots by side of state highway 10, near Gomardihi, Kutra, Dist.-Sundergarh with one Petrolpump/ wellfurnished living houses. 9437044900, 9439909433. D-71014

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1KM ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71862

House- M/21, RDA Phase-I at Chhend Colony, 769015 with ground + Two floors. 9439357383, 9040445349. D-71015

ଭୁବନେଶ୍ୱର ବାଲିଅନ୍ତା-1100/-, ସୁନ୍ଦରପଦା– 750/-, ତମାଣ୍ଡୋ– 1200/-, Limited plot (Bank finance available). 9776846520. D-71794

Private plot 6000sqft. ଘରବାରି (6ft. height boundary) near Balaji Apartment ଗୁଡ଼ିଆପୋଖରୀ ଛକ– 48,00,000/-, direct owner- 9937373013. D-71796

healthcare

Relax, refresh your body, mind at Lotus SPA with best therapies. 8018891951. D-71863

Refreshing your mind and body with the best therapy, 7873794731. D-23024

Newly open full body massage ladies and gents. 8327740003. D-71859

Take wellness relax body massage by experienced lady therapist. 7008773793. D-71473

Relax, Refresh your body, Mind at SAIKRUPA Spa with best therapies. 8984068077. D-23068


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

## ଜାନୁୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ୬.୦୧%କୁ ବୃଦ୍ଧି

ଗତ ଜାନୁୟାରୀରେ ଖାଉଟି ମୂଲ୍ୟସୂଚୀ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ୬.୦୧ ପ୍ରତିଶତକୁ ବୃଦ୍ଧି ପାଇଥିବା ସୋମବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ଡିସେମ୍ବରରେ ମୁଦ୍ରାସ୍ଫୀତି ୫.୫୯ ପ୍ରତିଶତ ଥିଲା ବୋଲି ପୂର୍ବରୁ ଦର୍ଶାଯାଇଥିଲା। ପରେ ଏହାକୁ ୫.୬୬ ପ୍ରତିଶତକୁ ସଂଶୋଧନ କରାଯାଇଥିଲା। ଖାଦ୍ୟ, ଇନ୍ଧନ ଏବଂ ଘରକରଣା ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବଢ଼ିଛି। ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତରେ ସୀମିତ ରଖିବାକୁ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବାବେଳେ ଜାନୁୟାରୀରେ ଏହା ସର୍ବୋଚ୍ଚ ସୀମାକୁ ଟପିଯାଇଛି। ଖାଦ୍ୟସାମଗ୍ରୀ ମୂଲ୍ୟ ଯାହାକି ଖାଉଟି ମୂଲ୍ୟସୂଚୀର ପ୍ରାୟ ଅଧା, ତାହା ଜାନୁୟାରୀରେ ୫.୪୩ ପ୍ରତିଶତ ବୃଦ୍ଧି ପାଇଛି।

# ଟଙ୍କା ପାଇଁ ୧୪ଜଣଙ୍କୁ ବିବାହ

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

ସରକାରୀ ଉଚ୍ଚ ପଦସ୍ଥ ଅଧିକାରୀ ପରିଚୟ ଦେଇ ଫସାଉଥିଲେ। ନାଁ ବଦଳାଇ ରାଜ୍ୟରୁ ରାଜ୍ୟ ବୁଲି ଠକେଇ କରୁଥିଲେ। ଜଣଙ୍କ ପରେ ଆଉଜଣଙ୍କୁ ବିବାହ କରି ଟଙ୍କା, ସୁନା ଲୁଟୁଥିଲେ। ୧୯୮୨ରୁ ଏପର୍ଯ୍ୟନ୍ତ ୭ ରାଜ୍ୟର ୧୪ଜଣ ମହିଳାଙ୍କୁ ବିବାହ କରିଥିବା ରସିକିଆ ଠକ ତଥା ନକଲି ଡାକ୍ତର ଶେଷରେ କମିଶନରେଟ ପୋଲିସ ହାତରେ ଧରାପଡିଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ସିଙ୍ଗୋଳର ରମେଶ ଚନ୍ଦ୍ର ସ୍ୱାଇଁ ଓରଫ ବିଧୁ ପ୍ରକାଶ ସ୍ୱାଇଁ ଓରଫ ରମଣୀ ରଞ୍ଜନ ସ୍ୱାଇଁ (୫୪)। ଭୁବନେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଖଣ୍ଡଗିରି ଅଞ୍ଚଳରୁ ଗିରଫ କରିବା ସହ ତାଙ୍କଠାରୁ ୩ଟି ମୋବାଇଲ୍ ଫୋନ୍, ବିଭିନ୍ନ ଜାଲ୍ ପରିଚୟପତ୍ର, ଏକାଧିକ ଏଟିଏମ୍ କାର୍ଡ ଜବତ ହୋଇଛି।



ରମେଶ ଚନ୍ଦ୍ର ସ୍ୱାଇଁ

## ଗିରଫ ହେଲେ ନକଲି ଡାକ୍ତର

- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉଚ୍ଚପଦସ୍ଥ ଅଧିକାରୀ ପରିଚୟ ଦେଉଥିଲେ
- ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ

ଏସମ୍ପର୍କରେ ଡିସିପି ଉମାଶଙ୍କର ଦାଶ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଦିଲ୍ଲୀର ଜଣେ ସ୍କୁଲ୍ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଆଧାରରେ ମାମଲା ନଂ.୮୬/୨୦୨୧ ରୁଜୁ କରାଯାଇଥିଲା। ଉକ୍ତ ଶିକ୍ଷୟିତ୍ରୀଙ୍କୁ ରମେଶ ୨୦୧୮ରେ ନୂଆଦିଲ୍ଲୀର ଆର୍ଯ୍ୟ ସମାଜ ମଣ୍ଡଳ ଜନକପୁରୀରେ ବିବାହ କରିଥିଲେ। ସେତେବେଳେ ସେ ନିଜକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ବୋଲି ପରିଚୟ ଦେଇଥିଲେ। ଗତବର୍ଷ ଭୁବନେଶ୍ୱର ଆଣି ତାଙ୍କୁ ପାଖରେ ରଖିଥିଲେ। କିଛିଦିନ ରହିବା ଭିତରେ ଶିକ୍ଷୟିତ୍ରୀ ଜଣକ ତାଙ୍କର ଅସଲ ରୂପ ଜାଣିବାକୁ ପାଇଥିଲେ। ରମେଶ ପୂର୍ବରୁ ଅନେକ ମହିଳାଙ୍କୁ ବିବାହ କରିଥିବା ଜାଣିବା ପରେ ସେ ୨୦୨୧ ଜୁଲାଇ ୫ରେ ଭୁବନେଶ୍ୱର ମହିଳା ଥାନାରେ ଏତଲା ଦାଏର କରିଥିଲେ। ତଦନ୍ତବେଳେ ତାଙ୍କ କଳାକାରନାମା ଜଣାପଡିଥିଲା। ଏହାପରେ ତାଙ୍କୁ ଗିରଫ ପାଇଁ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ଏକ ଟିମ୍ ଗଠନ କରାଯାଇଥିଲା। ଖଣ୍ଡଗିରି ଅଞ୍ଚଳରେ ଏକ ଭଡାଘରୁ ଅଭିଯୁକ୍ତ ରମେଶଙ୍କୁ ଗିରଫ କରାଯାଇଥିଲା। ଆଇପିସି ଦଫା ୪୯୮(ଏ), ୪୧୯, ୭୬୮, ୪୭୧, ୪୯୪ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଠକେଇ ସାମ୍ରାଜ୍ୟ ସମ୍ପର୍କରେ ଡିସିପି ପୂରା ତଥ୍ୟ ଦେବା ସହ ଅଧିକ ତଦନ୍ତ ପାଇଁ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି।





ଜବତ ନକଲି ଆଇ କାର୍ଡ ଓ ମୋବାଇଲ୍।

### ପ୍ରଥମ, ଦ୍ୱିତୀୟ ସ୍ତ୍ରୀଙ୍କ ୫ ପୁଅଝିଅ ଡାକ୍ତର

ଅଭିଯୁକ୍ତ ରମେଶ ୧୯୮୨ରୁ ୨୦୦୨ ମସିହା ମଧ୍ୟରେ ଦୁଇଜଣ ମହିଳାଙ୍କୁ ବିବାହ କରିଥିଲେ। ତେବେ ୨୦୦୨ ମସିହାରୁ ୨୦୨୦ ମଧ୍ୟରେ ସେ ଆଉ ୧୨ଜଣ ମହିଳାଙ୍କୁ ବିବାହ କରିଛନ୍ତି। ଏହି ୧୪ ଜଣଙ୍କ ମଧ୍ୟରୁ କମିଶନରେଟ ପୋଲିସ ୯ଜଣ ମହିଳାଙ୍କୁ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରିଛି। ପ୍ରଥମ ସ୍ତ୍ରୀ ଗାଁରେ ରହୁଥିବାବେଳେ ତାଙ୍କର ୨ଜଣ ଝିଅ ଓ ଜଣେ ପୁଅ ଅଛନ୍ତି। ସମସ୍ତେ ଡାକ୍ତର ଓ ସେମାନେ ବିଦେଶରେ ରହୁଛନ୍ତି। ଦ୍ୱିତୀୟ ସ୍ତ୍ରୀ ଆହ୍ଲାବାଦରେ ରହୁଛନ୍ତି। ତାଙ୍କର ଦୁଇ ପିଲା ମଧ୍ୟ ଡାକ୍ତର ଥିବା ଜଣାପଡିଛି। ତେବେ ରମେଶ ଅଧିକାଂଶ ସ୍ତ୍ରୀଙ୍କ ସହ ସମ୍ପର୍କରେ ନ ଥିଲେ ମଧ୍ୟ ବିଭିନ୍ନ ସମୟରେ ରାଜ୍ୟରୁ ରାଜ୍ୟ ବୁଲୁଥିଲେ। ଅଧିକାଂଶ ସମୟରେ ଗୁଆହାଟୀ, ଆସାମରେ ଥିବା ସ୍ତ୍ରୀଙ୍କ ସହ ରହୁଥିବା ପୋଲିସ ଜାଣିବାକୁ ପାଇଛି।

### ମାଟ୍ରିମୋନିଆଲ୍ ସାଇଟ୍‌ରୁ ମହିଳାଙ୍କୁ ଟାର୍ଗେଟ

ସେ ମୁଖ୍ୟତଃ ଅଧିକ ବୟସର ଏକାକୀ ରହୁଥିବା କର୍ମଜୀବୀ ମହିଳାଙ୍କୁ ଟାର୍ଗେଟ କରୁଥିଲେ। ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା ସେମାନଙ୍କୁ ଫସାଇ ଟଙ୍କା ଓ ସମ୍ପତ୍ତି ହଡ଼ପ କରିବା। ଏଥିପାଇଁ ସେ ବିବାହକୁ ଆପଣାଇଥିଲେ। ସେ ମାଟ୍ରିମୋନିଆଲ ସାଇଟ୍‌ରେ ବିଜ୍ଞାପନ ଦେଉଥିଲେ। ଉକ୍ତ ସାଇଟ୍‌ରୁ ଆସୁଥିବା ପ୍ରସ୍ତାବରୁ ମହିଳାଙ୍କ ସହ ଯୋଗାଯୋଗ କରୁଥିଲେ। ବିଶେଷକରି ଧନୀ ଘରର ଏକାକୀ ରହୁଥିବା ମହିଳାଙ୍କୁ ବାଛୁଥିଲେ। ନିଜକୁ ଅବିବାହିତ କହିବା ସହ ମିଥ୍ୟା ପରିଚୟ ଦେଇ ଜାଲ୍ କାଗଜପତ୍ର ଦେଖାଇ ବିଶ୍ୱାସ ଜନ୍ମାଉଥିଲେ। କେତେକ ମାଟ୍ରିମୋନି ପ୍ରୋଫାଇଲ୍‌ରେ ନିଜର ପରିଚୟ ସହ ଡାକ୍ତର ବିଜୟଶ୍ରୀ ରମେଶ କୁମାର ବୋଲି ଲେଖିଥିଲେ। ଏଭଳି ବିଭିନ୍ନ ମାଧ୍ୟମରେ ମହିଳାଙ୍କୁ ନିଜ ଆଡକୁ ଆକର୍ଷିତ କରି ବିବାହ କରୁଥିଲେ।

### ପୂର୍ବରୁ କୋଟି, ହାଇଦ୍ରାବାଦ ପୋଲିସ ଗିରଫ କରିଥିଲା



ଜବତ କାର୍ଡ

କେବଳ ସେ ବିବାହ କରି ଟଙ୍କା ଓ ସୁନା ଲୁଟୁ ନ ଥିଲେ, ଋଣ, ନାମଲେଖା ଓ ଚାକିରି ଦେବା ନାଁରେ ମଧ୍ୟ ବହୁ କୋଟି ଠକେଇ କରିଛନ୍ତି। କେରଳର କୋଚିସ୍ଥିତ ଏସ୍‌ବିଆଇ ଶାଖା ସମେତ ୧୩ଟି ବ୍ୟାଙ୍କରେ ୧୨୮ଟି ଜାଲ୍ କ୍ରେଡିଟ୍ କାର୍ଡ, ଜାଲ୍ ପରିଚୟ ପତ୍ର ଓ ଦରମା ପ୍ରମାଣପତ୍ର ଦେଇ ଋଣ ନେବା ଅଭିଯୋଗରେ ଗିରଫ ହୋଇଥିଲେ। ପୁନର୍ବାର ସେ ଅନେକ ବେକାର ଯୁବତୀଯୁବକଙ୍କୁ ଚାକିରି, ଦିଲ୍ଲୀ ଏମ୍ସରେ ସିଟ୍ କରାଇବା ସହ ଅନ୍ୟ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିବା ଅଭିଯୋଗରେ ହାଇଦ୍ରାବାଦ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଦ୍ୱାରା ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ। ସେହିଭଳି ମିଛ ପରିଚୟ ମାଧ୍ୟମରେ ସେ ସିଆଇଏସ୍‌ଏଫର ଜଣେ ଅଧିକାରୀଙ୍କୁ ବିବାହ କରିଥିଲେ। ତାଙ୍କଠାରୁ ୧୦ଲକ୍ଷ ଟଙ୍କା ଠକିନେଇଥିଲେ। ସେହିଭଳି ଗୁରୁଦ୍ୱାର ନାମରେ ମେଡିକାଲ କଲେଜ କରିବାକୁ କହି ସେ ଗୁରୁଦ୍ୱାରଠାରୁ ୧୧ ଲକ୍ଷ ଟଙ୍କା ମଧ୍ୟ ଠକି ନେଇଥିଲେ।

### ଉଚ୍ଚଶିକ୍ଷିତ ହୋଇ ବି ଠକ ସାଜିଥିଲେ

ଅଭିଯୁକ୍ତ ରମେଶ ଉଚ୍ଚ ଶିକ୍ଷିତ ହୋଇ ବି ଠକେଇକୁ ଆପଣାଇଥିଲେ। କେନ୍ଦ୍ରାପଡ଼ା କଲେଜରୁ ଯୁକ୍ତ୨ ବିଜ୍ଞାନ ଶିକ୍ଷା ଶେଷ କରିବା ପରେ ସେ କୋଚିନ ଇନ୍‌ଷ୍ଟିଚ୍ୟୁଟ୍‌ରେ ପାରା ମେଡିକାଲ୍ ଓ ଲାବରେଟୋରି ଟେକ୍ନୋଲୋଜି ଏବଂ ଫାର୍ମାସୀ ଶିକ୍ଷାଲାଭ କରିଥିଲେ। ଏଥିସହ ସେ ଅଲଟରନେଟିଭ୍ ସିଷ୍ଟମ ଅଫ୍ ମେଡିସିନ୍, କୋଲକାତାରୁ ସ୍ନାତକୋତ୍ତର ଡିଗ୍ରୀ ଓ ଏମ୍‌ଡି ହାସଲ କରିଛନ୍ତି ବୋଲି ଜେରାବେଳେ ସେ ସ୍ୱୀକାର କରିଛନ୍ତି। ତେବେ ଏସବୁ କେତେ ସତ ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ ବୋଲି ଡିସିପି ଦାଶ କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**୩ କୋଟି ୩୯ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ**



**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର ଗ୍ରୀନ୍‌ପାର୍କ ରେସିଡେନ୍ସିରେ ରହୁଥିବା ବିଦ୍ୟୁତ୍ ବିଭାଗର ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ପଣ୍ଡାଙ୍କ ଘରେ ସୋମବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଏକସମୟରେ ସମ୍ବଲପୁର ଗ୍ରୀନ୍‌ପାର୍କରେ ଥିବା ଦୁଇଟି ଫ୍ଲାଟ, ଭୁବନେଶ୍ୱର ଖଣ୍ଡଗିରିସ୍ଥିତ କସ୍ମୋପଲିସ ଫ୍ଲାଟ ନଂ୨୨, ସମ୍ବଲପୁରରେ ଥିବା ଅଫିସରେ ଚଢ଼ାଉ କରିଥିଲା। ପ୍ରାଥମିକ ଭାବେ ଟିମ୍ ତାଙ୍କର ୩ ଗୋଟି ଫ୍ଲାଟ ପ୍ରାୟ ୬୪ ଲକ୍ଷ, ଅଇଁଠାପାଲିରେ ୨ ପ୍ଲଟ, ଭୁବନେଶ୍ୱର ଗ୍ରାଣ୍ଡ ବଜାରରେ ୧ କୋଟି ୪ ଲକ୍ଷ ୭୧ ହଜାର ଟଙ୍କାର ଦୋକାନ, ଭୁବନେଶ୍ୱରରେ ପ୍ଲଟ କିଣିବା ପାଇଁ ଅଗ୍ରିମ ଦେଇଥିବା ୬୧ ଲକ୍ଷ ୬୫ ହଜାର, ବ୍ୟାଙ୍କ ଜମା ୩୨ ଲକ୍ଷ ୪ ହଜାର, ବୀମା ଜମା ୧୯ ଲକ୍ଷ ୮୦ ହଜାର, ମ୍ୟୁଚୁଆଲ ଫଣ୍ଡ ଜମା ୧୬ ଲକ୍ଷ ୨୮ ହଜାର, ୧୭ ଲକ୍ଷ ଟଙ୍କା ମୂଲ୍ୟର ଏକ ଚାରିଚକିଆ ଗାଡ଼ି, ଘର ସାମଗ୍ରୀ ଓ ସୁନାରୁପା ଅଳଙ୍କାର ୧୫ ଲକ୍ଷ ୭୭ ହଜାର ଏପରି ମୋଟ ୩ କୋଟି ୩୯ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରିଛି। ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ାଉରେ ଭିଜିଲାନ୍ସ ବିଭାଗର ୨ ଜଣ ଡିଏସ୍‌ପି, ୯ ଇନ୍ସପେକ୍ଟର, ୨ ଏଏସ୍‌ଆଇଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

### ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲ୍

**କେନ୍ଦୁଝର, ୧୪।୨(ସ୍ୱ.ପ୍ର.):** ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦୁଝର ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଏସ୍. ତ୍ରିପାଠୀ ସୋମବାର ଅଭିଯୁକ୍ତ ପୂର୍ଣ୍ଣ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ବର୍ଷ ଜେଲ୍ ସହ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଆଉ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଉକ୍ତ ନାବାଳିକା ତେଲକୋଇ ଥାନା ଅଞ୍ଚଳର ଏକ ଆଦିବାସୀ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲରେ ପାଠ ପଢୁଥିଲେ। ସେ ଘରେ ମା'ଙ୍କୁ ସହାୟତା କରିବା ପାଇଁ ସ୍କୁଲରୁ ଘରକୁ ଯାଇଥିଲେ। ୨୦୧୫ ଡିସେମ୍ବର ୧୨ରେ ସେ ପାଖ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ପୂର୍ଣ୍ଣ ମହାନ୍ତ ତାଙ୍କୁ ହାତ, ଗୋଡ଼ ବାନ୍ଧି ବଳାତ୍କାର କରିଥିଲେ। ଏହାର ପରଦିନ ପୀଡ଼ିତା ତେଲକୋଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା(ନଂ. ୧୩୦/୨୦୧୫)ରୁଜୁ ସହ ଅଭିଯୁକ୍ତ ପୂର୍ଣ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୨ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ମଙ୍ଗଳାଯୋଡ଼ିରେ ବିରଳ ପକ୍ଷୀ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ଚିଲିକା ମଙ୍ଗଳାଯୋଡ଼ିରେ ଏକ ବିରଳ ଧଳା ରଙ୍ଗର ଟେମ୍‌ନିକ୍‌ସ ଷ୍ଟିଣ୍ଟ୍ ପକ୍ଷୀ ଦେଖିବାକୁ ମିଳିଛି। ସୋମବାର ସକାଳୁ ପର୍ଯ୍ୟଟକଙ୍କୁ ଡଙ୍ଗାରେ ବୁଲାଇବାବେଳେ ବାର୍ଡ ଗାଇଡ୍ ତଥା ମଙ୍ଗଳାଯୋଡ଼ି କଞ୍ଜରଭେଶନ ଟ୍ରଷ୍ଟର ଟ୍ରଷ୍ଟି ମଧୁ ବେହେରା ଏହି ପକ୍ଷୀଟିକୁ ଠାବ କରିଥିଲେ। ପକ୍ଷୀଟିର ପୂରା ଦେହର ରଙ୍ଗ ଧଳା ହୋଇଥିବାବେଳେ ଦୁଇପଟ ଡେଣାରେ ଦୁଇଟି ଲେଖାଏ ଛୋଟ କଳା ପ୍ୟାଚ୍ ଦେଖାଯାଉଛି। ତେବେ ଗୋଡ଼ର ରଙ୍ଗ ଅନ୍ୟ ଟେମ୍‌ନିକସ୍ ଷ୍ଟିଣ୍ଟଙ୍କ ଭଳି ହଳଦିଆ। ଏହି ବିରଳ ପ୍ରଜାତିର ଧଳା ଟେମନିକସ୍ ଷ୍ଟିଣ୍ଟକୁ ମଙ୍ଗଳାଯୋଡିର ବାଲିଆଯୋରି ନାଳ ନିକଟରେ ଖାଦ୍ୟ ଅନ୍ୱେଷଣ କରୁଥିବାର ମଧୁ ଦେଖିବାକୁ ପାଇଥିଲେ। ତେବେ ଏହି ପକ୍ଷୀଟି ଏକ ଲିୟୁସିଷ୍ଟିକ ଟେମ୍‌ନିକ୍‌ସ ଷ୍ଟିଣ୍ଟ୍ ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଚିହ୍ନଟ କରିଛନ୍ତି। ଓଡ଼ିଶାରେ ଏହି ପକ୍ଷୀର ଏଭଳି ମ୍ୟୁଟେଶନ ଦେଖାଯିବା ପ୍ରଥମ ଓ ସାରା ଭାରତରେ ଦ୍ୱିତୀୟ ଘଟଣା ବୋଲି ଶୁଭେନ୍ଦୁ କହିଛନ୍ତି।

ଏହି ପକ୍ଷୀମାନେ ସାଧାରଣତଃ ଉତ୍ତର ୟୁରୋପ ଏବଂ ଏସିଆ ଦେଶଗୁଡ଼ିକରେ ବାସ କରିଥାନ୍ତି। ଦକ୍ଷିଣ ସ୍କାଣ୍ଡିନେଭିଆ, ରୁଷିଆ, ନର୍‌ୱେ, ଫିନ୍‌ଲାଣ୍ଡ, ସୁଇଡେନ ଆଦି ଦେଶରେ ଏହି ପକ୍ଷୀମାନେ ପ୍ରଜନନ କରିଥାନ୍ତି। ଭାରତ ତଥା ଓଡ଼ିଶାକୁ କେବଳ ଶୀତ ଦିନରେ ହିଁ ଆସିଥାନ୍ତି। ଶୀତ ସରିବା ପରେ ପୁଣି ନିଜ ଦେଶକୁ ବାହୁଡ଼ି ଯାଇଥାନ୍ତି। ଏଥର କରୋନା କଟକଣା କୋହଳ ହୋଇଥିବାରୁ ଏହି ଲିୟୁସିଷ୍ଟିକ ଟେମନିକ୍‌ସ ଷ୍ଟିଣ୍ଟ ପକ୍ଷୀକୁ ଦେଖିବାକୁ ଅଧିକ ପର୍ଯ୍ୟଟକ ତଥା ପକ୍ଷୀପ୍ରେମୀ ମଙ୍ଗଳାଯୋଡ଼ିକୁ ଆସିବେ ବୋଲି ମଧୁ ଆଶାବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ମଧୁ ମଙ୍ଗଳାଯୋଡ଼ିରେ ଅନ୍ୟ ଦୁଇ ନୂଆ ପ୍ରଜାତି ଲିୟୁସିଷ୍ଟିକ ପକ୍ଷୀ – ଲିୟୁସିଷ୍ଟିକ ନର୍ଦନ୍ ଶୋଭେଲର ଏବଂ ଲିୟୁସିଷ୍ଟିକ କମନ ମୁର ହେନ୍ ପକ୍ଷୀଙ୍କୁ ଠାବ କରିଥିଲେ।



ଲିୟୁସିଷ୍ଟିକ ଟେମ୍‌ନିକ୍‌ସ ଷ୍ଟିଣ୍ଟ୍

# ଓମ୍‌ସା ନିର୍ବାଚନ ଉପରେ ଅନ୍ତରୀଣ ରହିତାଦେଶ

**କଟକ ଅଫିସ,୧୪।୨:** ଓଡ଼ିଶା ମେଡିକାଲ୍ ସର୍ଭିସ୍ ଆସୋସିଏଶନ୍ (ଓମ୍‌ସା) ପକ୍ଷରୁ ପ୍ରକାଶିତ ନିର୍ବାଚନ ସଂକ୍ରାନ୍ତ ବିଜ୍ଞପ୍ତିକୁ ବେଆଇନ ଦର୍ଶାଇ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟ ସୋମବାର ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଆବେଦନକାରୀ ପୁରୀର ଡା. ପବିତ୍ର ମୋହନ ମଲ୍ଲିକଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଏବଂ ଆବେଦନକାରୀଙ୍କୁ ରିଜେଣ୍ଡର୍ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁଯାୟୀ, ଓମ୍‌ସା ଆପିଲିଏଟ୍ ଅଥରିଟି ପକ୍ଷରୁ ଗତ ଜାନୁୟାରୀ ୨୫ରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ପ୍ରସ୍ତାବ ଅନୁସାରେ ଓମ୍‌ସାର କେନ୍ଦ୍ରୀୟ କମିଟି ଦ୍ୱାରା ଆସନ୍ତା ମାର୍ଚ୍ଚ ୧ରେ ନିର୍ବାଚନ ହେବ ବୋଲି ଫେବୃୟାରୀ ୧ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଆବେଦନକାରୀଙ୍କ ପକ୍ଷରୁ ଉକ୍ତ ନିର୍ବାଚନ ବିଜ୍ଞପ୍ତିକୁ ବେଆଇନ ଦର୍ଶାଯାଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଏଥିରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତିକୁ ଖାରଜ କରାଯିବାକୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟର ବିଚାରପତି ଅରିନ୍ଦମ୍ ସିହ୍ନା ଏହାର ଶୁଣାଣି କରି ଏହି ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି।







































“ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ

# ୟୁକ୍ରେନ୍‌ରେ ଯୁଦ୍ଧ

ୟୁକ୍ରେନ୍ ଉପରେ ରୁଷିଆ ଖୁବ୍‌ଶୀଘ୍ର ଆକ୍ରମଣ କରିପାରେ ବୋଲି ଦୀର୍ଘ ସମୟ ଧରି ଆଲୋଚନା ଚାଲିଲାଣି। କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଫେବୃୟାରୀ ୧୨ରେ ହୋଇଥିବା ଆଲୋଚନା ବିଫଳ ହେବା ପରେ ଏଭଳି ଆଶଙ୍କା ବଢ଼ିଯାଇଛି। ଯଦି ଉଭୟ ପକ୍ଷର ଉତ୍ତେଜନା ଯୁଦ୍ଧ ଘଟାଏ, ତେବେ ବିଶ୍ୱଶାନ୍ତି ପ୍ରତି ବିପଦ ସୃଷ୍ଟି ହୋଇପାରେ। ଗୋଟିଏ ପଟେ ରୁଷିଆକୁ ଚାଇନା ଓ ଉତ୍ତର କୋରିଆ ସମର୍ଥନ କରୁଥିବାରୁ ସ୍ଥିତି ଭୟଙ୍କର ହେବ ବୋଲି କୁହାଯାଉଛି। କାରଣ ଏହି ତିନୋଟି ଦେଶର ଚରିତ୍ର ଏକଚ୍ଛତ୍ରବାଦର ସଙ୍କେତ ବହନ କରୁଛି। ଅନ୍ୟପଟେ ଆମେରିକା ଓ ନାଟୋ ଗୋଷ୍ଠୀ ୟୁକ୍ରେନ୍‌କୁ ସମର୍ଥନ କରୁଥିଲେ ମଧ୍ୟ ଏମାନଙ୍କ ମଧ୍ୟରେ କଠୋର ନିଷ୍ପତ୍ତି ନେବା ଭଳି ସ୍ଥିତିରେ କେହି ଥିବାପରି ମନେହେଉ ନାହିଁ। ଆଫଗାନିସ୍ତାନରୁ ତରବରିଆ ଭାବେ ସେନା ପ୍ରତ୍ୟାହାର କରିବା ଓ ବୈଦେଶିକ ନୀତି ସ୍ୱଷ୍ଟ କରିବାରେ ବାଇଡେନ୍ ସମର୍ଥ ହେଉ ନ ଥିବାରୁ ତାଙ୍କ ପ୍ରତି ଆମେରିକାରେ ଅସନ୍ତୋଷ ଲାଗିରହିଛି। ସେହି ଦୃଷ୍ଟିରୁ ବାଇଡେନ୍ ଭାବୁଥାଇପାରନ୍ତି, ଅନ୍ୟ ରାଷ୍ଟ୍ରର କନ୍ଦଳ ଭିତରେ ପ୍ରତ୍ୟକ୍ଷ ସମ୍ପୃକ୍ତ ନ ରହି କୂଟନୈତିକ ଗୋଟିଚାଳନା କରିବା ଠିକ୍ ହେଇପାରେ। ସମ୍ଭବତଃ ନାଟୋ ମୁଣ୍ଡରେ ବନ୍ଧୁକ ରଖି ଆମେରିକା ସେହି ୟୁରୋପୀୟ ଗୋଷ୍ଠୀଗୁଡ଼ିକର ଶକ୍ତି ଆକଳନ କରିବାକୁ ଚାହୁଁଛି। ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ କହୁଛନ୍ତି, ବାଇଡେନ୍ ଓ ପୁଟିନ୍‌ଙ୍କ ମଧ୍ୟରେ ଫେବୃୟାରୀ ୧୪ରେ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଆମେରିକା ଧୈର୍ଯ୍ୟ ହରାଇ ଫେବୃୟାରୀ ୧୨ରେ ରୁଷିଆ ସହ କଥାବାର୍ତ୍ତା କରିବା ଲାଗି ଅନୁରୋଧ କରିଥିଲା। ଏଥିସହିତ ଆଉ ଏକ ବିଷୟ ଯାହା ଆଲୋଚନା ହେଉଛି ଯେ ବାଇଡେନ୍ ଅନ୍ୟ କୌଣସି ଦେଶ ସକାଶେ ଯୁଦ୍ଧ ଲଢ଼ିବାକୁ ଏଇଥିପାଇଁ ଚାହୁଁ ନ ଥାଇପାରନ୍ତି, କାରଣ ତାଙ୍କ ଭୋଟଦାତାମାନେ ସବୁ ଯୁଦ୍ଧରେ ଆମେରିକାର ସମ୍ପୃକ୍ତିକୁ ନାପସନ୍ଦ କରୁଛନ୍ତି। ସମୟ ଥିଲା ଯେତେବେଳେ ଆମେରିକାର ପତିଆରା ସମଗ୍ର ପୃଥିବୀରେ ଅନୁଭୂତ ହେଉଥିଲା। ବିଶେଷକରି ସୋଭିଏଟ୍ ୟୁନିୟନର ପତନ ପରେ ଏହି ସ୍ୱଷ୍ଟ ସ୍ଥିତି ଉପୁଜିଥିଲା। ପରବର୍ତ୍ତୀ ସମୟରେ ଚାଇନାର ଅର୍ଥନୈତିକ ଶକ୍ତି ବୃଦ୍ଧି ସହ ରୁଷିଆରେ ପୁଟିନ୍‌ଙ୍କର ଏକଚ୍ଛତ୍ରବାଦୀ ଶାସନ ଆମେରିକାର ବୈଦେଶିକ ନୀତିକୁ ଦୁର୍ବଳ କରିବାରେ ଲାଗିଲା। ବାଇଡେନ୍‌ଙ୍କ ହ୍ୱାଇଟ ହାଉସ୍‌ରେ ପ୍ରବେଶ କରିବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର, ଯାହା ଆମେରିକାକୁ ଏକ ଦୁର୍ବଳ ଦେଶ ଭାବେ ବିଶ୍ୱବ୍ୟାପୀ ଚିତ୍ରଣ କଲା। ଫଳସ୍ୱରୂପ ଫେବୃୟାରୀ ୧୨ର ବାଇଡେନ୍-ପୁଟିନ୍ ଟେଲିଫୋନ୍ ଆଲୋଚନା ପରେ ଆମେରିକାର ଦୃଢ଼ୋକ୍ତିକୁ ବିଶ୍ୱାସ କରିହେଉ ନାହିଁ। ଆଲୋଚନାରେ ବାଇଡେନ୍ ସ୍ୱଷ୍ଟ କରି ପୁଟିନ୍‌ଙ୍କୁ କହିଲେ ଯେ, ୟୁକ୍ରେନ୍‌କୁ ଆକ୍ରମଣ କଲେ ତାହାର ପରିଣତି ଭୟାବହ ହେବ। ଏଥିସହିତ ରୁଷିଆର ରାଷ୍ଟ୍ରପତିଙ୍କ ସହଯୋଗୀ ୟୁରି ଉଶାକୋଭ୍‌ଙ୍କ କହିବା ଅନୁଯାୟୀ ଉଭୟ ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସନ୍ତୁଳିତ ଓ ପ୍ରସଙ୍ଗ ଆଧାରିତ ଥିଲା। ମାତ୍ର ରୁଷିଆର ମୁଖ୍ୟ ନିରାପତ୍ତା ବିଷୟଗୁଡ଼ିକ ଆଲୋଚନାକୁ ଆସି ନ ଥିଲା। ଫଳରେ ଉଶାକୋଭ କହିଛନ୍ତି, ଏକଘଣ୍ଟା ଧରି ହୋଇଥିବା କଥାବାର୍ତ୍ତା ଏକ ଭୟପୂର୍ଣ୍ଣ ବାତାବରଣରେ ରହିଗଲା। ଏଥିରୁ ବୁଝାଯାଇପାରେ ଯେ, ପୁଟିନ୍‌ଙ୍କ ଅପେକ୍ଷା ବାଇଡେନ୍‌ଙ୍କ ଅଧିକ ଭୟ ପ୍ରକାଶ ପାଇଛି। କେବଳ ଅନ୍ତର୍ଜାତୀୟ ସମୁଦାୟକୁ ଦେଖାଇବାକୁ ଯାଇ ବାଇଡେନ୍ ଧମକପୂର୍ଣ୍ଣ ଚେତାବନୀ ଦେବାକୁ ଚେଷ୍ଟା କରିଛନ୍ତି।

ଏଠାରେ ମନେପକାଇ ଦିଆଯାଇପାରେ ଯେ, କିଛିବର୍ଷ ପୂର୍ବରୁ ଗଠିତ କ୍ୱାଡ୍‌ରେ ଆମେରିକା ସହ ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଶିକରି ଏକ ଗୋଷ୍ଠୀ ସୃଷ୍ଟି କରିଥିଲେ। ଏହାର ମୂଳଲକ୍ଷ୍ୟ ଥିଲା ସାମୁଦ୍ରିକ ସୁରକ୍ଷା ଓ ସହଯୋଗ ସହିତ ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା। ଫେବୃୟାରୀ ୧୧ରେ ଏହିସବୁ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନଙ୍କ ଏକ ବୈଠକ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣଠାରେ ଅନୁଷ୍ଠିତ ହୋଇଯାଇଛି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଏଭଳି ବୈଠକ ଆୟୋଜିତ ହେଉଥିବା ପୂର୍ବରୁ ଘୋଷଣା ହୋଇଥିଲେ ମଧ୍ୟ ମୁଖ୍ୟତଃ ଟିକାକରଣ, ସାଇବର ଅପରାଧ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ପର୍ଯ୍ୟବସିତ ଥିଲା। ସମ୍ଭବତଃ କ୍ୱାଡ୍ ଗୋଷ୍ଠୀ ଧରିନେଲେଣି ଯେ, ଯୁଦ୍ଧ କିମ୍ବା ଅଶାନ୍ତି ଏସିଆର ଏହି ଅଞ୍ଚଳ ସକାଶେ ଶୁଭଙ୍କର ହେବ ନାହିଁ। ଏଥିରୁ ବୁଝିବାକୁ ହେବ, ଗୋଟିଏ ପଟେ ଏକଚ୍ଛତ୍ରବାଦୀ ଶାସକମାନେ ଯୁଦ୍ଧମୁହାଁ ହେଉଥିବା ବେଳେ ଗଣତାନ୍ତ୍ରିକ ଦେଶର ନେତୃତ୍ୱ ଯୁଦ୍ଧ ପ୍ରତି ବିମୁଖ ହେଲେଣି। ଏହି ଦୁଇ ବିପରୀତଧର୍ମୀ ଚିନ୍ତାଧାରା ସମଗ୍ର ମାନବଜାତିର ଭବିଷ୍ୟତକୁ କିଭଳି ପ୍ରଭାବିତ କରିପାରେ, ତାହା ଆସନ୍ତା ଦିନଗୁଡ଼ିକରେ ଜଣାପଡ଼ିବ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଫେବୃୟାରୀ ୧୯୯୭

- ରୁଷିଆ ଓ ଏହାର ସମଭାବାପନ୍ନ କେତେକ ରାଷ୍ଟ୍ରର ଅଣୁନିଶାର ଦମନ ପାଇଁ ଆମେରିକା ପର୍ଯ୍ୟାପ୍ତ ସଂଖ୍ୟକ ଅଣୁଅସ୍ତ୍ର ଗଚ୍ଛିତ ରଖିବାକୁ ନିଷ୍ପତ୍ତି ନେଇଛି।
- ରାଜସ୍ୱ ଓ ପରିବହନ ମନ୍ତ୍ରୀ କାହ୍ନୁଚରଣ ଲେଙ୍କା ନିଜ ନିର୍ବାଚନମଣ୍ଡଳୀ ଚୌଦ୍ୱାରରେ ଗୁଣ୍ଡମାନଙ୍କ ଆକ୍ରମଣର ଶିକାର ହୋଇଛନ୍ତି।
- ପଞ୍ଜାବରୁ ସମସ୍ତ ପ୍ରକାରର ଅନୁକମ୍ପାମୂଳକ ଅନୁଦାନ ବ୍ୟବସ୍ଥା, ଭୂ-ରାଜସ୍ୱ ଓ ପଣ୍ୟକର ବ୍ୟବସ୍ଥା ଉଚ୍ଛେଦ କରାଯିବା ନେଇ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଘୋଷଣା କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | 5 | | |
| | | 7 | | 3 | | | | |
| 4 | 3 | | | 1 | 7 | 6 | | 8 |
| | 2 | | 3 | | | | | |
| | 1 | | | 9 | | 7 | 5 | |
| | | | | | | 4 | | |
| | | | 9 | | | 2 | | 7 |
| | | 2 | 1 | | | 3 | 6 | |
| | | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 2 | 7 | 3 | 9 | 8 | 1 |
| 1 | 8 | 3 | 5 | 4 | 9 | 7 | 6 | 2 |
| 9 | 2 | 7 | 8 | 6 | 1 | 3 | 5 | 4 |
| 4 | 9 | 5 | 6 | 8 | 7 | 2 | 1 | 3 |
| 3 | 7 | 8 | 1 | 2 | 5 | 6 | 4 | 9 |
| 2 | 6 | 1 | 9 | 3 | 4 | 5 | 7 | 8 |
| 8 | 1 | 6 | 7 | 9 | 2 | 4 | 3 | 5 |
| 5 | 4 | 9 | 3 | 1 | 6 | 8 | 2 | 7 |
| 7 | 3 | 2 | 4 | 5 | 8 | 1 | 9 | 6 |

ଗତକାଲିର ଉତ୍ତର

# ଏ ଉପଦେଶ କ'ଣ ପାଇଁ



କିଶୋର ଜେନା

ଅଧିକାର ଏବଂ ଅଧିକାର ପାଇଁ ଲଢ଼େଇରେ ଗତ ୭୦ ବର୍ଷରେ ଅନେକ ସମୟ ବ୍ୟୟ ହୋଇଛି ଏବଂ ସେଥିରେ ଭାରତ ଦୁର୍ବଳ ହୋଇଛି। ଦେଶର ଅଧିକାଂଶ ଲୋକ ନିଜର ଅଧିକାର ଆଦାୟ କରିବା ପାଇଁ ଯେତେ ଚେଷ୍ଟା କରିଛନ୍ତି, କର୍ତ୍ତବ୍ୟ ସେଭଳି ଭାବେ ପାଳନ କରିନାହାନ୍ତି। କର୍ତ୍ତବ୍ୟକୁ ଉପେକ୍ଷା କରି ଅଧିକାରକୁ ସର୍ବୋଚ୍ଚ ମର୍ଯ୍ୟାଦା ଦେବା ଆମ ସମାଜକୁ ସଂକ୍ରମିତ କରିଛି। ସମାଜ ଗଠନରେ ପରବର୍ତ୍ତୀ ୨୫ ବର୍ଷରେ ଆମକୁ ଅଗ୍ରଣୀ ହେବାକୁ ପଡ଼ିବ। ଏହି ଭାଷଣ ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨୦ ଜାନୁୟାରୀରେ ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ଏକ ଅନୁଷ୍ଠାନରେ। ଦେଶ ଓ ଦୁନିଆରେ ବର୍ତ୍ତମାନର ସରକାର ଓ ଭାଜପାର ଭାବନାକୁ ପ୍ରଚାର କରିବା ଲକ୍ଷ୍ୟରେ ଏହି ଅନୁଷ୍ଠାନକୁ ବ୍ୟବହାର କରିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କ ପଦାଙ୍କ ଅନୁସରଣ କରି ୨୬ ଜାନୁୟାରୀ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତି ତାଙ୍କ କାର୍ବନ କପି ହିଁ ଉପସ୍ଥାପିତ କରିଛନ୍ତି। ପ୍ରଧାନମନ୍ତ୍ରୀ କେବଳ ଉପରୋକ୍ତ ଉପଦେଶ ବର୍ଷଣ କରି ନୀରବ ହୋଇଯାଇ ନାହାନ୍ତି, ସରକାରଙ୍କ କୃତିତ୍ୱର ପ୍ରଚାର ଏବଂ ବିରୋଧୀଙ୍କ ଉପରେ ଆକ୍ରମଣ ସ୍ଥାୟୀ ଏଜେଣ୍ଡା ଉପରେ ଜୋର ଦେଇଛନ୍ତି।

ସମ୍ବିଧାନର ମୂଳନୀତି ଓ ଭିତ୍ତିକୁ ବାରମ୍ବାର କ୍ଷତବିକ୍ଷତ କରାଯାଉଛି। ସମ୍ବିଧାନରେ ବର୍ଣ୍ଣିତ ଅଧିକାରକୁ ବିଭିନ୍ନ ଉପାୟରେ ହରଣ କରିବା ପଛରେ ରହିଛି ସଂଘ ପରିବାରର ନିହିତ ଉଦ୍ଦେଶ୍ୟ ପୂରଣର ଲକ୍ଷ୍ୟ। ମୌଳିକ ଅଧିକାର ପାଇଁ ନାଗରିକଙ୍କ ଆନ୍ଦୋଳନ ପ୍ରତି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ବିଷୋଦ୍‌ଗାରରେ ଏହା ପ୍ରତିଫଳିତ। କ୍ଷମତାକୁ ଆସିବାର ଥରେ ସୁଯୋଗ ପାଇ ହିଟଲର ଜନସାଧାରଣଙ୍କ ସବୁ ଅଧିକାର କାଢ଼ିନେଇଥିଲେ। ଏହାର ହିଁ ପ୍ରତିଧ୍ୱନି ବ୍ରହ୍ମାକୁମାରୀ ସଂଗଠନର ସଭାରେ ଜନତାଙ୍କ ମୌଳିକ ଅଧିକାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ। ତାହାକୁ ମଧ୍ୟ ସମର୍ଥନ କରି ରାଷ୍ଟ୍ରପତିଙ୍କ ସାଧାରଣତନ୍ତ୍ର ଦିବସର ବକ୍ତବ୍ୟ। ମୌଳିକ ଅଧିକାର ସମ୍ବିଧାନରେ ଯାହା ଲେଖା ହୋଇଛି ତାହା ଅଲଙ୍ଘନୀୟ। ସମ୍ବିଧାନ ପ୍ରଣୟନର ଖସଡ଼ା କମିଟିରେ ଆଲୋଚନା ଓ ସିଦ୍ଧାନ୍ତକୁ ସମ୍ବିଧାନର ବିଭିନ୍ନ ସଂଶ୍ଲିଷ୍ଟ ଧାରାରେ ନିଶ୍ଚିତ କରାଯାଇଛି। ସଂକ୍ଷେପରେ କୁହାଯାଇପାରେ, 'ସମ୍ବିଧାନରେ ରହିଛି ଆଇନ ଆଗରେ କାହାରି କ୍ଷେତ୍ରରେ ସମତାକୁ ରାଷ୍ଟ୍ର ଅସ୍ୱୀକାର କରିବ ନାହିଁ। ସରକାରୀ ଚାକିରି କ୍ଷେତ୍ରରେ ସମାନ ସୁଯୋଗ, ଅସ୍ପୃଶ୍ୟତାର ବିଲୋପ ଏବଂ ଯେକୌଣସି କ୍ଷେତ୍ରରେ ଅନୁପାଳନ ନିଷିଦ୍ଧ।' ଅଧିକାରକୁ ବଳବତ୍ତର କରିବା ପାଇଁ ସମ୍ବିଧାନରେ ପ୍ରତିକାର ବ୍ୟବସ୍ଥା ଧାରା ୩୨ରେ ବର୍ଣ୍ଣିତ ହୋଇଛି, ଯେଉଁ ଧାରାର ଗୁରୁତ୍ୱ ସମ୍ପର୍କରେ ଆମ୍ବେଦକର ଲେଖିଛନ୍ତି - ସମ୍ବିଧାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଶେଷ କୌଣସି ଧାରାକୁ ଉଲ୍ଲେଖ କରିବାକୁ ମତେ ପଚରାଗଲେ ମୁଁ କହିବି, 'ଏହି ଧାରାକୁ ଛାଡ଼ିଦେଲେ ସମ୍ବିଧାନ ଅର୍ଥହୀନ ହୋଇଯିବ, ଏହାଛଡ଼ା ଅନ୍ୟ କୌଣସି ଧାରା ମୋ ପକ୍ଷରେ ଉଲ୍ଲେଖ କରିବା ସମ୍ଭବ ନୁହେଁ।'

ମୋଦି ସରକାର ଶାସନରେ ଜନଗଣଙ୍କ କେଉଁ ମୌଳିକ ଅଧିକାରର ରକ୍ଷା କରାଯାଇଛି? ବରଂ ଜନସାଧାରଣଙ୍କୁ ଅଧିକାର ବିହୀନ କରିବା ପାଇଁ ଅଧିକାର କାଢ଼ିନିଆଯାଇଛି। କେବଳ ରାଜନୈତିକ ନୁହେଁ, ଅର୍ଥନୈତିକ, ସାମାଜିକ, ସବୁ କ୍ଷେତ୍ରରେ ବୈଷମ୍ୟ ବଢ଼ିଛି। ବିଗତ ୮ବର୍ଷରେ ଏହି ବୈଷମ୍ୟ ବୃଦ୍ଧିର ପାଖାପାଖି ଗୁରୁତର ମାନବାଧିକାର ଓ ମୌଳିକ ଅଧିକାର ଲଙ୍ଘନର ସମୀକ୍ଷା, ରିପୋର୍ଟ, ଦେଶ ଓ ବିଦେଶର ବିଭିନ୍ନ ସୁପ୍ରତିଷ୍ଠିତ ସଂଗଠନ ଓ ସଂସ୍ଥା, ବ୍ୟକ୍ତିବର୍ଗ, ରାଷ୍ଟ୍ରସଂଘର ମାନବାଧିକାର କମିଶନର ଅଭିମତ ଓ ରିପୋର୍ଟ ବହୁଳ ଭାବରେ ପ୍ରକାଶିତ ହୋଇଛି। ସରକାରୀ ପର୍ଯ୍ୟାୟରେ ଏ ସବୁର ମାମୁଲି ଦୁର୍ବଳ ପ୍ରତିବାଦ ଛଡ଼ା ମୋଦି ସରକାର କୌଣସିଟିକୁ ଖଣ୍ଡନ କରିପାରି ନାହିଁ। ଯେତେବେଳେ ଖଣ୍ଡନ କରିବାକୁ ଯାଇଛନ୍ତି, ସେତେବେଳେ ବିକୃତ ଅର୍ଦ୍ଧସତ୍ୟ ତଥ୍ୟ ଦେଇଛନ୍ତି ସରକାର।

ରାଷ୍ଟ୍ରୀୟ କ୍ଷମତାର ଅପବ୍ୟବହାର ହେଉଛି, ଏହାକୁ ଖଣ୍ଡନ କରିବାକୁ ସରକାର ଅକ୍ଷମ। ଅଧିକାର ଆଦାୟରେ ଜନସାଧାରଣଙ୍କ ମାତ୍ରାଧିକ ସମୟ ବ୍ୟୟ ହେଉଥିବାରୁ ଭାରତ ଦୁର୍ବଳ ହେଉଛି- ଏହା କର୍ପୋରେଟ୍ ଏବଂ ଐଶ୍ୱର୍ଯ୍ୟଶାଳୀଙ୍କ ମୁହଁରୁ ସବୁବେଳେ ପ୍ରକାଶ ପାଉଥିବା କଥା, ଯାହା ଏବେ ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ଫୁଟି ଉଠିଛି। ବାକ୍ ସ୍ୱାଧୀନତା, ସୁବିଚାର, ଧର୍ମ- ବର୍ଣ୍ଣ- ଜାତି- ଲିଙ୍ଗ, ଭାଷା, ନିର୍ବିଶେଷରେ ସମାନ ଅଧିକାର ଆଦାୟ ପାଇଁ ନାଗରିକଙ୍କ ଲଢ଼େଇ ଅଧିକ ହୁଅନ୍ତା ନାହିଁ, ଯଦି ଶିକ୍ଷା, ସ୍ୱାସ୍ଥ୍ୟ, କର୍ମସଂସ୍ଥାନ, ବାସସ୍ଥାନ ଓ ସ୍ୱଚ୍ଛ ଜଳରୁ ସୁନିଶ୍ଚିତ ହେବାରୁ ଜନଗଣ ବଞ୍ଚିତ ହୁଅନ୍ତେ ନାହିଁ। ଜନଗଣଙ୍କ ଏସବୁ ପ୍ରାପ୍ୟ ଅଧିକାର ପ୍ରତି ଶାସକଙ୍କ ଚରମ ଉଦାସୀନତା ହିଁ ଭାରତକୁ ଦୁର୍ବଳ କରିଛି। ବିଚ୍ଛିନ୍ନତାବାଦୀ ଓ ସନ୍ତ୍ରାସବାଦୀ ଜନ ଅସନ୍ତୋଷରୁ ଫାଇଦା ଉଠାଉଛନ୍ତି।

ଭାରତରେ ଘରେ ଘରେ ବେକାର, କର୍ମସଂସ୍ଥାନ ନାହିଁ। ୨୦୧୪ ନିର୍ବାଚନରେ ନରେନ୍ଦ୍ର ମୋଦି ଓ ଭାଜପା ଦେଶ ସାରା ପ୍ରଚାର କରିଥିଲେ- ବର୍ଷକୁ ୨ କୋଟି ବେକାରଙ୍କୁ କାମ ଦେବେ। ସେହି ଅନୁଯାୟୀ ୮ ବର୍ଷରେ ୧୬ କୋଟି କର୍ମସଂସ୍ଥାନ ସୃଷ୍ଟି ହେବା କଥା। ସମଗ୍ର ଭାରତରେ କୃଷକଙ୍କ ବଞ୍ଚିବା ପାଇଁ ସର୍ବନିମ୍ନ ଦାବିରେ ଲକ୍ଷ ଲକ୍ଷ କୃଷକ ଏକବର୍ଷ ରାସ୍ତାରେ ବସିରହିଥିଲେ। ୭୦୦ରୁ ଊର୍ଦ୍ଧ୍ୱ ମରିଗଲେ। କୋଭିଡ୍ ମହାମାରୀର ପ୍ରଥମ ଦଫାରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଚାଲି ଚାଲି ଅତ୍ୟନ୍ତ କଷ୍ଟ ସହି ଘରକୁ ଅନାହାରରେ ଫେରିଲେ। ପ୍ରଧାନମନ୍ତ୍ରୀ ଏ ସମସ୍ତଙ୍କୁ ଉପଦେଶ ଦେଉଛନ୍ତି ଯେ 'କର୍ତ୍ତବ୍ୟ ପାଳନ କର, ଅଧିକାର ହାସଲ ପାଇଁ ମୋଟେ ଦୃଷ୍ଟି ଦିଅନା।' ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ସରକାର ନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତି ପାଳନ କ'ଣ କର୍ତ୍ତବ୍ୟ ମଧ୍ୟରେ ଆସୁନାହିଁ? ଏସବୁର ଜବାବ ଚାହିଁଲେ, ସମାଲୋଚନା କଲେ, ଦେଶ ବିରୋଧୀ କାର୍ଯ୍ୟକଳାପ, ଦେଶଦ୍ରୋହର ମାମଲା କରାଯାଉଛି। ସମ୍ବିଧାନର ପ୍ରଦତ୍ତ ଅଧିକାର ଅନୁଯାୟୀ ସରକାରଙ୍କ ପାଖରେ ପ୍ରତିଶ୍ରୁତି ପାଳନ କଥା ଜଣାଇଲେ, ଭାରତକୁ ଦୁର୍ବଳ କରିବା ପରି ଗୁରୁତର ଅଭିଯୋଗ ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଆଣୁଛନ୍ତି। ଜନ ଆନ୍ଦୋଳନକୁ ହିଂସାତ୍ମକ ପଦ୍ଧତିରେ ଦମନ କରୁଛନ୍ତି। ସରକାର ତାଙ୍କ କର୍ତ୍ତବ୍ୟ ପାଳନ କରିବ ନାହିଁ, ପ୍ରତିଶ୍ରୁତି ପାଳନ କରିବ ନାହିଁ ବା ସମ୍ବିଧାନର ନୀତି ନିର୍ଦ୍ଦେଶକୁ ଉଲ୍ଲଂଘନ କରିଚାଲିବ, ଯାହା ଏବେ ନିତିଦିନିଆ ଘଟଣା ହେଲାଣି; ପ୍ରଶ୍ନ ଉଠୁଛି କର୍ତ୍ତବ୍ୟ ପାଳନ ପାଇଁ ନେଇଥିବା ସାମ୍ବିଧାନିକ ଶପଥ ସରକାର ଭୁଲିଯାଇଛନ୍ତି କି?

ଭାରତର ନିପୀଡ଼ିତ ନାଗରିକ, ଜନଗଣ କିମ୍ବା ବିରୋଧୀ ଦଳଗୁଡ଼ିକର ରିପୋର୍ଟ ନୁହେଁ, ସୁପ୍ରତିଷ୍ଠିତ ଓ ନିର୍ଭରଯୋଗ୍ୟ ଆନ୍ତର୍ଜାତିକ ସମୀକ୍ଷା ସଂସ୍ଥା 'ଅକ୍ସଫାମ୍'ର ରିପୋର୍ଟ ହେଲା ''ଭାରତୀୟ ଜନସଂଖ୍ୟାର ଉଚ୍ଚବର୍ଗର ୧୦ ପ୍ରତିଶତ ଜାତୀୟ ସମ୍ପଦର ୭୭ ପ୍ରତିଶତର ଅଧିକାରୀ। ୧୦୦ କୋଟି ଡଲାରରୁ ବେଶି ସମ୍ପଦଶାଳୀ ଧନିକଙ୍କ ସଂଖ୍ୟା ୨୦୧୭ରେ ଥିଲା ୧୦୧, ଏବେ ୧୧୮। ଭାରତ ପ୍ରତିଦିନ ୭ଜଣ କୋଟିପତିଙ୍କୁ ଜନ୍ମ ଦେଉଛି। ଅନ୍ୟ ଦିଗରେ ପୃଥିବୀ ମଧ୍ୟରେ ପ୍ରସୂତିଙ୍କ ମୃତ୍ୟୁର ୧୨ ଭାଗ ଭାରତରେ; ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାର ୨୧ ପ୍ରତିଶତରୁ ବେଶି।'' ଏହା ଏକ ନିଷ୍ଠୁର ପରିହାସ ଯେ ଭାରତରେ ଏକାସାଙ୍ଗରେ ଶହ ଶହ କୋଟି ଟଙ୍କାର ସମ୍ପଦଶାଳୀ ଧନୀ ସୃଷ୍ଟି ହୋଇଛନ୍ତି। ଅନ୍ୟ ଦିଗରେ କୋଟି କୋଟି ମଣିଷଙ୍କୁ ନିଛକ ଓ ଦରିଦ୍ରତା ମଧ୍ୟକୁ ଠେଲି ଦିଆଯାଉଛି। ଏହି ନୂତନ 'ଅସ୍ୱାଭାବିକ' ଅବସ୍ଥାର ଅନୁପାତ ବିଚାରକୁ ନେଲେ ଦେଖାଯାଏ ୧୦ଲକ୍ଷ ନିଃସ୍ୱ ପିଛା ଜଣେ ବିଲିୟନେୟାର। ମୋଦିଙ୍କ ଭାଷାରେ ଏହା ହିଁ ସାମ୍ୟ, ଭାରତରେ ବୈଷମ୍ୟର ସ୍ଥାନ ନାହିଁ ତାଙ୍କ ଶାସନରେ!

ପ୍ରଧାନମନ୍ତ୍ରୀ ତାଙ୍କ ସରକାର ଦ୍ୱାରା ପରିବେଷିତ ରିପୋର୍ଟକୁ ଟିକେ ଦୃଷ୍ଟି ଦିଅନ୍ତୁ। ସୂଚନା ଅଧିକାର ଜରିଆରେ କରାଯାଇଥିବା ଏକ ଅନୁସନ୍ଧାନର ଜବାବରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଜଣାଇଛି ଯେ, ୨୦୨୧ ଅକ୍ଟୋବର ୧୪ ପର୍ଯ୍ୟନ୍ତ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୩୩ଲକ୍ଷ ଲୋକ ଅପୁଷ୍ଟିରେ ଆକ୍ରାନ୍ତ। ଏମାନଙ୍କ ମଧ୍ୟରୁ ୧୭.୭୬ଲକ୍ଷ ଶିଶୁ ଅପୁଷ୍ଟି ଯୋଗୁ ଅତ୍ୟନ୍ତ ଗୁରୁତର। ଶିଶୁ ଅପୁଷ୍ଟିରେ ଆଗରେ ଅଛନ୍ତି ବିହାର, ଉତ୍ତରପ୍ରଦେଶ, ଗୁଜରାଟ ଓ ମହାରାଷ୍ଟ୍ର। ପ୍ରଧାନମନ୍ତ୍ରୀ ମୋଦି ଅନ୍ତତଃ ନିଶ୍ଚିତ ଯେ, ଏହି ଶିଶୁମାନେ କେବେହେଲେ ସେମାନଙ୍କ ଅଧିକାରର ଦାବି କରିନାହାନ୍ତି। ଭାରତର ରାଷ୍ଟ୍ରପତି ଅଭିଭାଷଣରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମସ୍ୟା ଓ ଜନଗଣଙ୍କ କ୍ରମବର୍ଦ୍ଧମାନ ସମସ୍ୟା ପ୍ରତିଫଳିତ ହେବା ବଦଳରେ କର୍ତ୍ତବ୍ୟ ପାଳନର ରାସ୍ତାରେ ଅଗ୍ରସର ହେବାକୁ ଉପଦେଶ ଦେଇଛନ୍ତି ପାଠଶାଳାହୀନ ଛାତ୍ର, କର୍ମହୀନ ଯୁବକ ଓ ଅସହାୟ ମହିଳାଙ୍କୁ।

ଭାବମୂର୍ତ୍ତି ସଙ୍କଟରେ ବିଚଳିତ ସରକାର ହଜାର ହଜାର କୋଟି ଟଙ୍କାରେ ନିୟମିତ ବିଜ୍ଞାପନ ପ୍ରସାରଣ ଫଳରେ ସରକାରୀ ସ୍ତରରେ ଖର୍ଚ୍ଚର ସ୍ରୋତକୁ ଗତିଶୀଳ କରିଛି। ଏଭଳି ବଦଖର୍ଚ୍ଚର ଶୀର୍ଷରେ ଥିବା ଭାରତବର୍ଷର ପ୍ରଧାନମନ୍ତ୍ରୀ ବିଦେଶରେ ଭାରତର ଭାବମୂର୍ତ୍ତି ଚମକାଇବା ପାଇଁ ମଧ୍ୟ ପଛଘୁଞ୍ଚା ଦେଇନାହାନ୍ତି। ୨୦୦୨ର ଗୁଜରାଟ ଦଙ୍ଗା, ୧୯୯୨ର ବାବ୍ରୀ ମସ୍‌ଜିଦ ଭଙ୍ଗାବେଳେ ଭାରତର ଭାବମୂର୍ତ୍ତି କିଏ କଳଙ୍କିତ କରିଥିଲା? ହରିଦ୍ୱାର ଓ ଦିଲ୍ଲୀ ଧର୍ମସଂସଦମାନଙ୍କରୁ ତଥାକଥିତ ସାଧୁମାନେ ମୁସଲମାନମାନଙ୍କ ସମସ୍ୟାର ଚୂଡ଼ାନ୍ତ ସମାଧାନ ବା ଫଏସଲା କରିବା ପାଇଁ ସମ୍ପ୍ରତି ଗଣହତ୍ୟାର ଡାକ ଦେଇଛନ୍ତି। ଭିଡ଼ ହତ୍ୟା ଇତ୍ୟାଦି ନୃଶଂସତା ପ୍ରକାଶ୍ୟରେ ହେଉଛି, ଯାହା ନେଇ ପାଶ୍ଚାତ୍ୟ ଗଣମାଧ୍ୟମ ମୁଖର। ଏଥିରେ ଭାରତର ଭାବମୂର୍ତ୍ତି କ୍ଷତି ହେବା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ ଏଥିରୁ ପ୍ରଧାନମନ୍ତ୍ରୀ ନିବୃତ୍ତ ନ କରି ନୀରବ ରହିଛନ୍ତି କାହିଁକି?

**ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ, କଟକ, ମୋ:୯୪୩୭୩୮୪୮୬୭**

# ମହିମାଗାଦିର ମହାମେଳା



ଡ. ଉଦ୍ଧବ ଚରଣ ନାୟକ

ମହିମାଗାଦି ହେଉଛି ଓଡ଼ିଶାର ନିଜସ୍ୱ ଧର୍ମ ମହିମାଧର୍ମର ପୁଣ୍ୟପୀଠ। ଏହି ଧର୍ମର ପ୍ରାଣପ୍ରତିଷ୍ଠାତା ମହିମା ଗୋସେଇଁ ଦୀର୍ଘ ୧୪ବର୍ଷକାଳ ପଦବ୍ରଜରେ ଭ୍ରମଣ ପୂର୍ବକ ମହିମାଧର୍ମର ଶାଶ୍ୱତବାଣୀ ପ୍ରଚାରକରି ପରିଶେଷରେ ଢେଙ୍କାନାଳର ଯୋରନ୍ଦା ମହିମା ଆଶ୍ରମଠାରେ ୧୮୭୬ ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ବ୍ରହ୍ମଲୀନ ହୋଇଥିଲେ। ସ୍ୱାମୀ ଯୋରନ୍ଦାର ଯେଉଁ ସ୍ଥାନରେ ବ୍ରହ୍ମଲୀନ ହୋଇଥିଲେ ସେଠାରେ ତାଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଏକ ମନ୍ଦିର ପ୍ରତିଷ୍ଠା ହୋଇଛି। ତାଙ୍କର ନଶ୍ୱର ଶରୀରକୁ ଯେଉଁଠାରେ ଭୂ-ସମାଧି କରାଯାଇଥିଲା, ସେଠାରେ ବିରାଟ ମନ୍ଦିର ନିର୍ମାଣ କରାଯାଇଛି। ଏହା ମହିମାଗାଦି ମନ୍ଦିର ଭାବରେ ଖ୍ୟାତ। ପ୍ରତିବର୍ଷ ଏଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ବିରାଟ ମହିମା ମେଳା ମହା ଆଡ଼ମ୍ବର ସହକାରେ ପାଳିତ ହୁଏ। ଯୋରନ୍ଦାସ୍ଥିତ ମହିମାଧର୍ମ ସମାଜର ସମସ୍ତ ମଠମନ୍ଦିର ମହିମାଗାଦି ଭାବରେ ସୁପ୍ରସିଦ୍ଧ।

ମହିମା ଗୋସେଇଁ ବା ମହିମାସ୍ୱାମୀ ଓଡ଼ିଶାର ବହୁ ସ୍ଥାନରେ ମହିମା ଆଶ୍ରମ ବା ମହିମାଟୁଙ୍ଗି ସ୍ଥାପନ କରିଥିଲେ। ତନ୍ମଧ୍ୟରେ ବାଙ୍କୀର ମାଳବେହାରପୁର, ଆଠଗଡ଼ର ଖୁଣ୍ଟୁଣୀ, ଖୋର୍ଦ୍ଧାର ଅନ୍ଧାରୁଆ, ଦାରୁଠେଙ୍ଗ, ଡାଳିଯୋଡ଼ାର ମଙ୍ଗରାଜପୁର, ଆଗ୍ରାହାଟ, ଢେଙ୍କାନାଳର ଜକା ଯୋରନ୍ଦା ଓ ମଢ଼ି (କାମାକ୍ଷାନଗର) ଏବଂ ଅନୁଗୋଳର ଅଙ୍ଗାରବନ୍ଧ ଆଦି ଅନ୍ୟତମ। ଏହିସବୁ ମହିମାଟୁଙ୍ଗିରେ ସ୍ୱାମିଜୀ ସ୍ୱହସ୍ତରେ ଧୁନି ସ୍ଥାପନ କରିଥିଲେ। ପ୍ରତ୍ୟେକ ମହିମା ଟୁଙ୍ଗିରେ ସେ ମହିମାମେଳା ଅନୁଷ୍ଠିତ କରୁଥିଲେ। ଜଗତ ଭଗତଙ୍କୁ ମହିମାଧର୍ମର ଶାଶ୍ୱତବାଣୀ ଶୁଣାଉଥିଲେ। ଏହିସବୁ ଆଶ୍ରମ ବା ଟୁଙ୍ଗି ଥିଲା ଗୋଟିଏ ଗୋଟିଏ ଶିକ୍ଷାକେନ୍ଦ୍ର। ମହିମା ସ୍ୱାମୀ ଯୋରନ୍ଦାଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମେଳା ଅନୁଷ୍ଠିତ କରିଥିବାରୁ ବ୍ରହ୍ମଲୀନ ପରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯୋରନ୍ଦାଠାରେ ପ୍ରତିବର୍ଷ ମହିମାମେଳା ଅନୁଷ୍ଠିତ ହୋଇଆସୁଛି। ଏହି ମେଳା ମହିମାଧର୍ମର ବାର୍ଷିକ ଉତ୍ସବ ଭାବରେ ପରିଚିତ।

ମହିମା ସ୍ୱାମୀଙ୍କ ମହାପ୍ରୟାଣ ପରେ ତାଙ୍କର ପ୍ରିୟ କୌପୀନଧାରୀ ସିଦ୍ଧ ସନ୍ନ୍ୟାସୀ ଶିଷ୍ୟ ପରମାନନ୍ଦ ବାବା ସମାଧି ଉପରେ ସର୍ବପ୍ରଥମେ ଏକ ୫ ହାତିଆ ମନ୍ଦିର ନିର୍ମାଣ କରି ନୀତି-ସେବା କରୁଥିଲେ। ଏହି ନୀତି କାର୍ଯ୍ୟରେ ତାଙ୍କୁ ତତ୍‌କାଳୀନ କୌପୀନଧାରୀ ସିଦ୍ଧ ସନ୍ନ୍ୟାସୀ ଘାସିରାମ ବାବା, ମସ୍ତରାମ ବାବା ଓ ଚନ୍ଦ୍ରମଣି ବାବା ଓଗେର ସହାୟତା କରୁଥିଲେ। ମହିମା ସ୍ୱାମୀଙ୍କ ଗହଣିଆ ଭକ୍ତ ଯୋରନ୍ଦା ଗ୍ରାମ ନିବାସୀ ଦାମ ବେହେରା ମଧ୍ୟ ସହାୟତା କରୁଥିଲେ। ଏହାପରେ ୧୮୮୧ରେ ମହିମା ସ୍ୱାମୀଙ୍କ ଅନ୍ୟ ସିଦ୍ଧ ଶିଷ୍ୟ ଯଥା ସିଦ୍ଧ କୌପୀନଧାରୀ ବିଦ୍ୟାଧର ବାବା, ସିଦ୍ଧ ବଲ୍କଲଧାରୀ ବଡ଼ କୃପାସିନ୍ଧୁ ବାବା ଓ ନୀଳାଦ୍ରି ବାବା ପ୍ରମୁଖ ସନ୍ନ୍ୟାସୀମାନେ ମିଳିତ ହୋଇ ନୀତି ସେବା କାର୍ଯ୍ୟରେ ଯୋଗଦେଇଥିଲେ। ତତ୍‌ପରେ ଭକ୍ତମାନଙ୍କ ଅର୍ଥ ଦାନରେ ପରମାନନ୍ଦ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିମାଗାଦି ମନ୍ଦିର ଓ ମଠ, ଧର୍ମଶାଳା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେଲା। ପରମାନନ୍ଦ ବାବାଙ୍କ ନିର୍ମିତ ୫ ହାତିଆ ସମାଧି ମନ୍ଦିରଟି ବର୍ତ୍ତମାନର ବିରାଟ ମହିମା ମନ୍ଦିର ଗର୍ଭଗୃହରେ ବିଦ୍ୟମାନ। କ୍ରମେ ମହିମାଗାଦିର ପରିସର ବୃଦ୍ଧିପାଇବାରେ ଲାଗିଛି। ବର୍ତ୍ତମାନ ଏଠାରେ ଅନେକ ମଠମନ୍ଦିର ରହିଛି। ସେଗୁଡ଼ିକ ହେଲା- ଶୂନ୍ୟମନ୍ଦିର, ଧୁନିମନ୍ଦିର, କୌପୀନଧାରୀ ମହିମା ସମାଜର ଅଖଣ୍ଡବଟି ମନ୍ଦିର, ପଶ୍ଚିମାଞ୍ଚଳ ମହିମାଶ୍ରମ କୃତାମୂଳ ଆଶ୍ରମ, ଜଟିଆ ବାବାଙ୍କ ଆଶ୍ରମମଣ୍ଡଳ, ଯାମୁଶାର ମଠ, ପଣସମୂଳ ମଠ, ବର୍ଣ୍ଣାଢ଼୍ୟ ପଟଣା ମଠ, ଆମ୍ବମୂଳ ସିଦ୍ଧାଶ୍ରମ ଓ ପୋଖରୀ ତଳ କାଶୀନାଥ ବାବାଙ୍କ ଆଶ୍ରମ ମଣ୍ଡଳ ଇତ୍ୟାଦି।

ମହିମାମେଳାକୁ ଉପଭୋଗ କରିବା ପାଇଁ ତଥା ମହିମା ମହୋତ୍ସବ ଦର୍ଶନ ନିମନ୍ତେ ମେଳା ପୂର୍ବରୁ ସମବେତ ହୁଅନ୍ତି ଓଡ଼ିଶା, ଆସାମ, ନାଗାଲାଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ସିକ୍କିମ, ତିବ୍ବତ, ନେପାଳ ଓ ବାଂଲାଦେଶର ଭକ୍ତ ଓ ସନ୍ନ୍ୟାସୀମାନେ। ମହିମାମେଳା ଦିବସରେ ଏହି ଭକ୍ତ ଓ ସନ୍ନ୍ୟାସୀମାନଙ୍କର ଅପୂର୍ବ ସମାବେଶ ଘଟେ। 'ଅଲେଖ ମହିମା ବ୍ରହ୍ମମନ୍ତ୍ର ନିନାଦରେ ବେଢ଼ା ପରିସର ପ୍ରକମ୍ପିତ ହୁଏ। ମନ୍ଦିର ପରିସରରେ ବିଭିନ୍ନ ବାଦ୍ୟଯନ୍ତ୍ରର ନିନାଦ ଓ ଜନ କୋଳାହଳ ମଧ୍ୟରେ ମୁହୁର୍ମୁହୁ 'ଅଲେଖ' ଡାକରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏପରି ଆଧାତ୍ମିକ ଦୃଶ୍ୟପଟକୁ ସନ୍ଦର୍ଶନ କରି ଧାର୍ମିକ ଜନତା ମନରେ ଅଫୁରନ୍ତ ଧର୍ମଭାବ ଉଦ୍ରେକ ହେବା ସ୍ୱାଭାବିକ। ଆକାଶର ପୂର୍ଣ୍ଣଚନ୍ଦ୍ର କିରଣ ଓ ଘୃତଦୀପାଳିଗୁଡ଼ିକର ଜ୍ୟୋତିଶିଖା ଏକତ୍ରିତ ହୋଇ ମହିମା ସ୍ୱାମୀଙ୍କ ସ୍ମୃତିକୁ ଅବଲୋକନ କରୁଥିବା ପରି ମନେହୁଏ। ଏହି ମେଳାରେ ଦୀପଶିଖା ବା ଦୀପାଳିଗୁଡ଼ିକରେ ମହଣ ମହଣ ଘୃତ ଆହୂତି ହୋଇଥାଏ। ଏପରି ଦୃଶ୍ୟ ଅନ୍ୟତ୍ର ଦେଖିବାକୁ ବିରଳ। ଏହା ସହିତ ସନ୍ଥକବିଙ୍କ ଭଜନ ଜଣାଣ ଗାୟନକରି ସାଧୁଭକ୍ତମାନେ ନାଚି ନାଚି ଆନନ୍ଦରେ ଗଡ଼ିଯାଆନ୍ତି। ସେମାନଙ୍କ ମୁହଁରୁ ସ୍ୱତଃ ନିସୃତ ହୋଇଥାଏ ''ଗୁରୁ ଅଲେଖ ମହିମା ରଖ, ତିନି ଭୁବନରୁ ପଡ଼ୁଛି ଡାକ। ଗୁରୁ ଅନାଦି ମହିମାଗାଦି ତିନି ଭୁବନକୁ ଯାଉଛି ଭେଦି।'' ଏହି ମେଳା ପରିସରକୁ ଜାତି, ବର୍ଣ୍ଣ , ଧର୍ମ ନିର୍ବିଶେଷରେ ଭକ୍ତମାନେ ପ୍ରବେଶ କରିଥାଆନ୍ତି। କୌଣସି ବାରଣ ନ ଥାଏ- ଏହା ହେଉଛି ମହିମାଧର୍ମର ଆଦର୍ଶ ଓ ପରମ୍ପରା। ମହିମାଧର୍ମ ଓ ମହିମାମେଳା ସାର୍ବଜନୀନ ଧର୍ମ ଓ ମହୋତ୍ସବ ଭାବରେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଏହାର ମୂଳମନ୍ତ୍ର ହେଲା -

''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ।''

**ମୋ-୯୪୩୮୨୯୯୧୭୪**

## ଏଇ ଭାରତରେ

ଦୀର୍ଘ ୨୦ ବର୍ଷ ହେଲା ନିଜ ରୋଜଗାରରୁ ଗରିବ ପରିବାରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି କେରଳର କୋଡୁଙ୍ଗାଲାରୁ ନିବାସୀ ଶିନୋଦ ପି.ସି. ଏବଂ ତାଙ୍କ ସ୍ତ୍ରୀ ବିନ୍ଦୁ। ପ୍ରତିମାସରେ ୧୫୦ଟି ଗରିବ ପରିବାରକୁ ସେମାନଙ୍କ ଆୟର ଏକ ସିଂହଭାଗ 'ୱେଲଫେୟାର ପେନ୍‌ସନ' ଭାବେ ଦାନ କରୁଛନ୍ତି। ଏହାବାଦ୍ ସେମାନେ ନିଜ ଘରେ ଏକ ଡିଜିଟାଲ ସେବାକେନ୍ଦ୍ର ଖୋଲି ସେଠାରେ ଗରିବମାନଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ବିଭିନ୍ନ ଯୋଜନା ଏବଂ ସେବା ମାଗଣାରେ ଯୋଗାଇ ଦେଉଛନ୍ତି। ଶିନୋଦ ଏଲ୍‌ଆଇସିରେ ଆଡ୍‌ମିନିଷ୍ଟ୍ରେଟିଭ୍ ଅଧିକାରୀ ଭାବେ ୧୯୯୭ରେ ଚାକିରିରେ ଯୋଗଦେବା ପରେ ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କରିଥିଲେ। ସେ ଏବେ ଅବସର ନେଇସାରିଥିଲେ ବି ତାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଘରଠାରୁ ୭ କି.ମି. ପରିସୀମା ମଧ୍ୟରେ ଥିବା ଗରିବ ଲୋକଙ୍କୁ ଆଶାକର୍ମୀଙ୍କ ସହାୟତାରେ ଚିହ୍ନଟ କରିବା ପରେ ସେମାନଙ୍କ ସହ ସାକ୍ଷାତ୍ କରି ଏହି ଆର୍ଥିକ ସହାୟତା ଯୋଗାଇ ଦେଉଥିଲେ। ହେଲେ ଶିନୋଦ ଚାକିରିରୁ ଅବସର ନେବା ପରେ ନିଜେ ଗରିବଙ୍କୁ ଚିହ୍ନଟ କରୁଛନ୍ତି। ଚାକିରିରେ ଥିବା ସମୟରେ ସେ ୧୫୦ ପରିବାରକୁ ସାହାଯ୍ୟ କରୁଥିଲେ। ଅବସର ପରେ ସେହିସବୁ ପରିବାରକୁ ସାହାଯ୍ୟ କରୁଛନ୍ତି ବୋଲି କୁହନ୍ତି ଶିନୋଦ। ସେମାନେ ପ୍ରତି ପରିବାର ପିଛା ମାସକୁ ୩୦୦ରୁ ଆରମ୍ଭ କରି ୨,୦୦୦ ଟଙ୍କା ଯାଏ ସାହାଯ୍ୟ କରୁଛନ୍ତି। ଏହା ବ୍ୟତୀତ ସେମାନଙ୍କର କୌଣସି ବିବାହ କିମ୍ବା ମେଡିକାଲ କେସ୍‌ରେ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

## ଚିରନ୍ତନୀ

ଜୀବନ-କାଳିମା ସେ ଦେହର ଦାହ
ଅନୀତି ଅନାଚାର ପୀରତି ହାୟ!
କି ପାଇଁ ଲାଜ ଭୟ କି ପାଇଁ ଘୃଣା ?
ଦେଇଛି ଦାନ ସେ ତ ନ କରି ଊଣା।
ଦେଇଛି ସୁଖ ରାଶି ସଜାଡ଼ି
ଦୁଃଖର ଲୁହ କେତେ ଅଜାଡ଼ି
ବ୍ୟଥାର ଉହାଡେ ସେ ଗଭୀର ଆଶା ମମ
ଶ୍ରାବଣ ଘନ ତଳେ ପୁନିଅଁ ଶଶି ସମ
ଶ୍ରାବଣ ପୁନିଅଁରେ ବଢ଼ାଇଦେଲା ରାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି।

-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ କିଣା ଚାଲିଛି

ମହାଶୟ,

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନେତାନେତ୍ରୀଗଣ ବର୍ତ୍ତମାନ ପାଗଳ ପ୍ରାୟ। ୱାର୍ଡକୁ ୱାର୍ଡ ବୁଲି ମତଦାତାଗଣଙ୍କୁ ପ୍ରଭାବିତ କରିବା ପାଇଁ ଏମାନେ କଳ, ବଳ ଓ କୌଶଳ ପ୍ରୟୋଗ କରିଚାଲିଛନ୍ତି। ଯେମିତି ହେଲେ ଜିତିବାକୁ ହେବ ; ନ ହେଲେ ୫ ବର୍ଷ ଉପରକୁ ଚାହିଁ ରହିବାକୁ ପଡ଼ିବ। ନେତାମାନେ ବର୍ତ୍ତମାନ ମଦମାଂସ, ଟଙ୍କା ଓ ମିଥ୍ୟା ପ୍ରତିଶ୍ରୁତି, ଦେବଦେବୀଙ୍କ ମନ୍ଦିର ଓ ଯୁବକ ସଂଘକୁ ଟଙ୍କା ଦେବାରେ ଲାଗିପଡିଛନ୍ତି। ଏମାନେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପ୍ରଦାନ କରୁଛନ୍ତି। ଯିଏ ୨/୩ ଥର ସରପଞ୍ଚ ଓ ସମିତି ସଭ୍ୟ ହୋଇ ବହୁ ଟଙ୍କା ରଖିଛନ୍ତି, ସେ ବର୍ତ୍ତମାନ ଭୋଟ କିଣି ଜିତିବାକୁ ପ୍ରସ୍ତୁତ। ସତରେ ଓଡ଼ିଶାର ପଞ୍ଚାୟତ ନିର୍ବାଚନ ପରେ ପ୍ରାୟ ହଜାର ହଜାର ଷ୍ଟାମ୍ପଦିଆ ଟାଉଟର ଓ ଲୁଟେରା ସୃଷ୍ଟି ହୋଇଯିବେ। ଭୋଟରଙ୍କୁ ହେୟ ଜ୍ଞାନ କରି ସରକାରୀ ଯୋଜନା ଅର୍ଥକୁ ଲୁଟିବେ। ଆମର ସାମ୍ବିଧାନିକ ଅବ୍ୟବସ୍ଥା ପାଇଁ ଏସବୁ ହେଉଛି। ସୁତରାଂ, ଗୋଟିଏ ପରିବାରର କେହି ଜଣେ କେବଳ ଥରେ ମାତ୍ର ସରପଞ୍ଚ, ସମିତି ସଭ୍ୟ ଅଥବା ଅନ୍ୟ ପଦବୀଯୁକ୍ତ ହୋଇପାରିବାର ସାମ୍ବିଧାନିକ ବିଧିବ୍ୟବସ୍ଥା କରାଯିବା ଉଚିତ। ସର୍ବଗିଳା ଧର୍ମଛଡା ଅସାଧୁ ବ୍ଲକ ଚେୟାରମ୍ୟାନ ଓ ସରପଞ୍ଚଙ୍କ ଘରେ ଭିଜିଲାନ୍ସ ଚଢାଉ କରାଯାଇ କୋଟି କୋଟି ଟଙ୍କାର କଳାଧନ ଉଦ୍ଧାର କରାଯିବା ଉଚିତ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## 'ଅରୁନ୍ଧତୀର ଗପ' ଲୋକାର୍ପିତ

ଭୁବନେଶ୍ୱର, (ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର 'ଅରୁନ୍ଧତୀ'ର ଚିତ୍ରନାଟକ 'ଅରୁନ୍ଧତୀର ଗପ'ର ଲୋକାର୍ପଣ ଉତ୍ସବ ସୋମବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ରଜନୀ ରଞ୍ଜନଙ୍କ ରଚିତ ଓ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ ଉତ୍ସବରେ ଚଳଚ୍ଚିତ୍ର ନିର୍ମାତା ଡ. ସବ୍ୟସାଚୀ ମହାପାତ୍ର, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ଓଡ଼ିଆ ସିନେକ୍ରିଟିକ ଆସୋସିଏଶନ ସମ୍ପାଦକ ଦିଲୀପ ହାଲି, କଥାକାର ଡ. ଅଜୟ ସ୍ୱାଇଁ ଯୋଗ ଦେଇଥିଲେ। ଚଳଚ୍ଚିତ୍ରର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଡିୟର ଲଭର'ର ଘୋଷଣା କରାଯାଇଥିଲା।

## ସଂକ୍ଷେପରେ

### 'ଓଡ଼ିଶା ରାଜନୀତି' ଡିରେକ୍ଟୋରି ଉନ୍ମୋଚିତ

ଭୁବନେଶ୍ୱର, ୧୪।୨(ବ୍ୟୁରୋ) : ଓଡ଼ିଶାର ନିର୍ବାଚିତ ଲୋକପ୍ରତିନିଧି ଓ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଯୋଗାଯୋଗ ନମ୍ବର ସମ୍ବଳିତ ତଥା ତଥ୍ୟମୂଳକ ଡିରେକ୍ଟୋରି 'ଓଡ଼ିଶା ରାଜନୀତି' ସୋମବାର ଉନ୍ମୋଚିତ ହୋଇଛି। ଗଣମାଧ୍ୟମ ଅନୁଷ୍ଠାନ 'ବିଜ୍ଞାପନ' ପକ୍ଷରୁ ପ୍ରସ୍ତୁତ ଏହି ଡିରେକ୍ଟୋରିକୁ ସ୍ଥାନୀୟ ବରମୁଣ୍ଡାସ୍ଥିତ କାର୍ଯ୍ୟାଳୟରେ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନ ନିର୍ଦ୍ଦେଶକ (ପ୍ରକଳ୍ପ) ମନୋଜ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ପ୍ରଶାସନ) କମଳାକାନ୍ତ ମହାନ୍ତି, ଗ୍ରୁପ୍ ଏଡିଟର ଦିଲୀପ ମିଶ୍ର, କଳା ସମ୍ପାଦିକା ମଧୁସ୍ମିତା ପଲାଇ, ଡାଟା ଏକ୍ଜିକ୍ୟୁଟିଭ୍ ଲକ୍ଷ୍ମୀପ୍ରିୟା ରାୟ ଓ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, 'ଓଡ଼ିଶା ରାଜନୀତି'ରେ ରାଜ୍ୟର ସମସ୍ତ ଏମ୍‌ପି, ବିଧାୟକ, ବିଭିନ୍ନ ସରକାରୀ ନିଗମର ଅଧ୍ୟକ୍ଷ, ପରାମର୍ଶଦାତା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଯୋଗାଯୋଗ ନମ୍ବର ରହିଛି। ଏହା ବ୍ୟତୀତ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତା ତାଲିକା ଏମ୍‌ପି, ବିଧାୟକ ଏବଂ ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତିଙ୍କ ସାକ୍ଷାତ୍କାର ସହ କେତେକ ଆଲେଖ୍ୟ ମଧ୍ୟ ରହିଛି।

### ଜଗନ୍ନାଥ ଦଇତାପତି ନିଯୋଗ ସଭାପତି, ରାମକୃଷ୍ଣ ସମ୍ପାଦକ

ପୁରୀ ଅଫିସ, ୧୪।୨: ଶ୍ରୀମନ୍ଦିର ପରିସରରେ ସୋମବାର ଶ୍ରୀମନ୍ଦିର ଦଇତାପତି ନିଯୋଗର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଦାସ ମହାପାତ୍ର ନିଯୋଗର ସଭାପତି, ଶ୍ୟାମପ୍ରସାଦ ଦାସ ମହାପାତ୍ର ଉପସଭାପତି, ରାମକୃଷ୍ଣ ଦାସ ମହାପାତ୍ର ସମ୍ପାଦକ, ଶିବାନୀ ଦାସ ମହାପାତ୍ର ସହସମ୍ପାଦକ ଏବଂ କାର୍ତ୍ତିକ ଦାସ ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୫ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ୧୦ଜଣ ନିର୍ବାଚିତ ସଦସ୍ୟ ନିଯୋଗର କମିଟି ମେମ୍ବର ଭାବେ ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଦଇତାପତି ନିଯୋଗ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବାଧିକ ଭୋଟ ପାଇଥିବା ୧୫ଜଣ ପ୍ରାର୍ଥୀ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ସୋମବାର ନିଯୋଗ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ହୋଇଥିଲା।

### ଖୋର୍ଦ୍ଧା ଜିଲାପାଳଙ୍କ ଦୁଇ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୪।୨ (ବ୍ୟୁରୋ): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ସୋମବାର ଲେଖକ ତଥା ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଲିଖିତ ୨ଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସେଗୁଡ଼ିକ ହେଲା, ସାହିତ୍ୟିକ ତଥା ଜ୍ଞାନପୀଠ ବିଜେତା ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ରଙ୍କ ଆତ୍ମଜୀବନୀର ଇଂଲିଶ ଅନୁବାଦ 'ମାଇଁ ଫାଷ୍ଟ ଥାର୍ଟି ଫାଇଭ୍ ଇୟର୍ସ' ଏବଂ ଲେଖକଙ୍କ ସ୍ୱରଚିତ ଓଡିଆ ପୁସ୍ତକ 'ଗାଁରେ ସେହି ସବୁ ଦିନ'। ମହାପାତ୍ରଙ୍କ ଲିଖିତ ୫ଟି କ୍ଷୁଦ୍ର ଗଳ୍ପ ସଂକଳନ, ଗୋଟିଏ ଉପନ୍ୟାସ, ୨ଟି ଜନଜାତି କବିତା ସଂକଳନ, ୨ଟି ଅନୁବାଦ ଓ ୨ଟି ଅନ୍ୟାନ୍ୟ ରଚନା ପୂର୍ବରୁ ପ୍ରକାଶ ପାଇବା ସହ ପାଠକୀୟ ଆଦୃତି ଲାଭ କରିଛି। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସ୍ତ୍ରୀ ଧରିତ୍ରୀ ମହାପାତ୍ର ଉପସ୍ଥିତ ଥିଲେ।

# ସପ୍ତାହ ପରେ ବି ବନ ବିଭାଗ, କ୍ରାଇମବ୍ରାଞ୍ଚ ଚୁପ୍

ଭୁବନେଶ୍ୱର, ୧୪।୨(ବ୍ୟୁରୋ)



**ହାତୀର ଗଳିତ ମୃତଦେହ ଜବତ ଘଟଣା**
- ଆଜି ପିସିସିଏଫ୍ କାର୍ଯ୍ୟାଳୟ ଘେରାଉ
- ପୂର୍ବତନ ରେଞ୍ଜ ଅଫିସରଙ୍କୁ ପଚରାଉଚରା ସୂଚନା

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ୱେଷ୍ଟ ରେଞ୍ଜର ବାରସିଂଘା ବିଟ୍ ଅନ୍ତର୍ଗତ ବାଲିକିଆରୀ ସଂରକ୍ଷିତ ଜଙ୍ଗଲରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ହାତୀର ଗଳିତ ମୃତଦେହ ମାଟିତଳୁ ଜବତ କରିଥିଲା। ପୋତିବା ପୂର୍ବରୁ ହାତୀଟିର ଦାନ୍ତ କାଟି ନିଆଯିବା ପରେ ପୋଡ଼ି ଦିଆଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ଇତିମଧ୍ୟରେ ଏହି ଘଟଣାକୁ ସପ୍ତାହେ ବିତିଯାଇଥିଲେ ମଧ୍ୟ ଏଯାଏ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ନା କ୍ରାଇମବ୍ରାଞ୍ଚ କାହାକୁ ଗିରଫ କରିଛି, ନା ବନ ବିଭାଗ କାହାକୁ ନିଲମ୍ବନ କରିଛି। ଉଭୟ ପୋଲିସ ଓ ବନ ବିଭାଗ ସଲାସୁତୁରା କରି ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚାପିଦେବାକୁ ଉଦ୍ୟମ ହେଉଥିବା ନେଇ ଆଶଙ୍କା କରିଛି ଏକାମ୍ର ୱେଲଫେୟାର ଟ୍ରଷ୍ଟ। ତେଣୁ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟକୁ ଘେରାଉ କରିବାକୁ ସୂଚନା ଦିଆଯାଇଛି। ଟ୍ରଷ୍ଟର ପୁରବୀ ପାତ୍ରଙ୍କ ନେତୃତ୍ୱରେ ହେବାକୁ ଥିବା ଏହି ଧାରଣାରେ କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ପୂର୍ବତନ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କ ସମେତ ବହୁ ପ୍ରାଣୀ ଅଧିକାର ପାଇଁ କାର୍ଯ୍ୟ କରୁଥିବା କର୍ମୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

ମିଳିଥିବା ସୂଚନାନୁସାରେ, ଆଠଗଡ଼ ଡିଏଫ୍‌ଓ ସଞ୍ଜୟ ସ୍ୱାଇଁ କିଛିଦିନ ତଳେ ବାରାସିଂଘା ବିଟ୍‌ରେ କାମ କରୁଥିବା କେତେଜଣ ୱାଚରଙ୍କ ଜମାନବନ୍ଦୀ ରେକର୍ଡ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୫ଜଣ ହାତୀ ମରିବା, ପୋତା ହେବା ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ବୋଲି ସ୍ୱୀକାର ମଧ୍ୟ କରି ସାରିଛନ୍ତି। ଏମାନଙ୍କୁ ମଧ୍ୟ ସାକ୍ଷ୍ୟ ଦେବା ସହ ଜମାନବନ୍ଦୀ ପାଇଁ ଡକାଯାଇଛି। ଆଠଗଡ଼ ଡିଏଫ୍‌ଓ ନିଜେ ଉପସ୍ଥିତ ରହି ସବୁ କାମ ତଦାରଖ କରୁଛନ୍ତି। ତେବେ ସୋମବାର ନରସିଂହପୁର ୱେଷ୍ଟ ରେଞ୍ଜ୍‌ର ବିଦାୟୀ ରେଞ୍ଜ ଅଫିସର ଅଶୋକ ବେହେରାଙ୍କୁ ପଚରାଉଚରା ପାଇଁ ଆଠଗଡ଼ ଡିଏଫ୍‌ଓଙ୍କ କାର୍ଯ୍ୟାଳୟକୁ ଡକାଯାଇଥିଲା। ତେବେ ତାଙ୍କର ଜମାନବନ୍ଦୀ ବିଷୟରେ ଅଧିକ କିଛି ମିଳିପାରିନାହିଁ।

ସେପଟେ ବିଦାୟୀ ରେଞ୍ଜର ଅଶୋକଙ୍କୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମହଲରେ ନାନା ଆଲୋଚନା ଚାଲିଛି। ତାଙ୍କର ଗତବର୍ଷ ସେପ୍ଟେମ୍ବର ମାସରୁ ହିଁ ଚନ୍ଦକା ଡିଭିଜନକୁ ବଦଳି ହୋଇଥିଲେ ମଧ୍ୟ ୫ ମାସରୁ ଊର୍ଦ୍ଧ୍ୱ ସମୟ ସେ ନରସିଂହପୁର ୱେଷ୍ଟ ରେଞ୍ଜରେ ହିଁ ଥିଲେ। ତାଙ୍କୁ ଆଠଗଡ଼ ଡିଏଫ୍‌ଓ କୌଣସି କାରଣରୁ ରିଲିଭ୍ କରି ନ ଥିଲେ। ଆଶ୍ଚର୍ଯ୍ୟର କଥା, ଯେଉଁଦିନ କ୍ରାଇମବ୍ରାଞ୍ଚ ନରସିଂହପୁରରେ ପହଞ୍ଚି ଶୁଳିଆ ନର୍ସରିର ୱାଚରମାନଙ୍କୁ ପଚରାଉଚରା ପାଇଁ ଉଠେଇ ନେଇଥିଲା, ସେହିଦିନ ସନ୍ଧ୍ୟାରେ ତାଙ୍କୁ ଆଠଗଡ଼ ଡିଭିଜନରୁ ରିଲିଭ୍ କରାଯାଇଥିଲା। ଏହି ଘଟଣାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ହାତୀ ମୃତଦେହକୁ ଲୁଚେଇବା କାମ ଜଣେ ରେଞ୍ଜରଙ୍କ ନିର୍ଦ୍ଦେଶରେ ହିଁ ହେଇଥିଲା। ସେହି ରେଞ୍ଜର କିଏ ବୋଲି ଏବେ ସାଧାରଣରେ ଜୋର୍‌ଦାର ଚର୍ଚ୍ଚା ଚାଲିଛି।




ଅନ୍‌ଲାଇନ ପରୀକ୍ଷା ଦାବିରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ସୋମବାର ବିକ୍ଷୋଭ କରୁଛନ୍ତି।

## ବେଙ୍ଗାଲୁରୁ ଆଇଆଇଏସ୍‌ରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

**୪୨୫ କୋଟି ଦାନକଲେ ବାଗ୍‌ଚୀ ଓ ପାର୍ଥସାରଥି ଦମ୍ପତି**



ପ୍ରସିଦ୍ଧ ବିଜ୍ଞାନ ଓ ଗବେଷଣା ଶିକ୍ଷାନୁଷ୍ଠାନ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍) ପରିସରରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ୮୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଓ ତାଙ୍କ ସ୍ତ୍ରୀ ତଥା ମୋ ସ୍କୁଲ ସଂଗଠନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଏବଂ ସହଯୋଗୀ 'ମାଇଣ୍ଡ ଟ୍ରି'ର ଅନ୍ୟତମ ପ୍ରତିଷ୍ଠାତା ଏନ. ପାର୍ଥସାରଥି ଓ ତାଙ୍କ ସ୍ତ୍ରୀ ରାଧା ୪୨୫ କୋଟି ଟଙ୍କା ଦାନ କରିଛନ୍ତି। ଏହି ହସ୍ପିଟାଲର ନାମ ରହିବ 'ବାଗ୍‌ଚୀ–ପାର୍ଥସାରଥି ହସ୍ପିଟାଲ'। ଏହି ହସ୍ପିଟାଲ ୨୦୨୪ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ହସ୍ପିଟାଲ ପ୍ରତିଷ୍ଠାନ ସମ୍ପର୍କରେ ସୁସ୍ମିତା କହିଛନ୍ତି, ଭାରତୀୟ ବିଜ୍ଞାନ ସଂସ୍ଥାନ ସହ ଯୋଡ଼ି ହୋଇଥିବାରୁ ଆମେ ଆନନ୍ଦିତ। ଆମ ଦେଶରେ କେବଳ ସରକାର କିମ୍ବା କର୍ପୋରେଟ୍ ଜଗତ ଚାହିଁଲେ ହିଁ ମେଡିକାଲ ଗବେଷଣା ହୋଇପାରିବ ନାହିଁ, ଏଥିପାଇଁ ଆମ ପରି ଲୋକମାନଙ୍କୁ ଆଗେଇ ଆସିବାକୁ ହେବ। ଗତବର୍ଷ ମଧ୍ୟ ଓଡ଼ିଶାରେ ଏକ କ୍ୟାନ୍‌ସର ହସ୍ପିଟାଲ ଓ ପାଲିଏଟିଭ୍ କେୟାର କେନ୍ଦ୍ର ସ୍ଥାପନ ପାଇଁ ବାଗ୍‌ଚୀ ଦମ୍ପତି ୩୪୦ କୋଟି ଟଙ୍କା ଦାନ କରିଥିଲେ। ବାଗ୍‌ଚୀ ଓ ପାର୍ଥସାରଥି ଦମ୍ପତିଙ୍କ ଏପରି ବଦାନ୍ୟତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ବାଗ୍‌ଚୀ ଦମ୍ପତି ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ୍ ଓ ହୃଦରୋଗ ପ୍ରଯତ୍ନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅକୁଣ୍ଠ ଅବଦାନ ରଖିଛନ୍ତି। ମୋ ସ୍କୁଲ, ଓଡ଼ିଶା ଓ ସ୍କିଲ୍‌ଡ ଓଡ଼ିଶା ଜରିଆରେ ସେମାନଙ୍କର ବଦାନ୍ୟତା ଓ ସ୍ୱେଚ୍ଛାକୃତ ଅବଦାନ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପ୍ରାଚୀନ ଓଡ଼ିଆ ଶାସ୍ତ୍ରର ସଂରକ୍ଷଣକୁ ଗୁରୁତ୍ୱ

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

ଶାସ୍ତ୍ରୀୟ ଓ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଦୁଇଦିନିଆ ଆଲୋଚନାଚକ୍ର ଆରମ୍ଭ ହୋଇଛି। ପ୍ରାଚୀନ ଓଡ଼ିଆ ଶାସ୍ତ୍ରର ସଂରକ୍ଷଣ ଓ ଶବ୍ଦ ସଂଗ୍ରହରେ ବୈଷୟିକ ଜ୍ଞାନ କୌଶଳର ଉପଯୋଗ' ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଭାଷା ବିଜ୍ଞାନୀ ପ୍ରଫେସର ପଞ୍ଚାନନ ମହାନ୍ତି, ପ୍ରଫେସର ନିଳାଦ୍ରୀ ଶେଖର ଦାଶ ଆଲୋଚକ ଭାବେ ଯୋଗ ଦେଇ ପ୍ରାୟୋଗିକ ଭାଷା ବିଜ୍ଞାନ ଦୃଷ୍ଟିରୁ ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ସରଂକ୍ଷଣ ପାଇଁ ବ୍ୟବହୃତ ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ 'ଭାରତୀୟ ବ୍ୟକରଣ ପରମ୍ପରା ଓ ଓଡ଼ିଆ ବ୍ୟାକରଣ' ସମ୍ପର୍କରେ ଆଲୋଚନା କରାଯିବ।

## ଇସ୍କନ ମନ୍ଦିରର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

ଇସ୍କନ ମନ୍ଦିର ପରିସରରେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜୟନ୍ତୀ ତଥା ୪୫ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ରବିବାରଠାରୁ ଅଷ୍ଟପ୍ରହରୀ ଆରମ୍ଭ ହୋଇଥିଲା। ସୋମବାର ସକାଳ ୬ଟାରୁ ସଂକୀର୍ତ୍ତନ ଆରମ୍ଭ ହୋଇ ୭ଟା ୩୦ରେ ଗୁରୁପୂଜା ସହ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ଗୁରୁ ଗୌର ଗୋବିନ୍ଦ ସ୍ୱାମୀଙ୍କ ଏକ ଭଡ଼ିଓ ବାର୍ତ୍ତା ପ୍ରସାରଣ କରାଯାଇଥିଲା। ମଧ୍ୟାହ୍ନରେ ମହାପ୍ରଭୁଙ୍କ ମହାଭିଷେକ ଉତ୍ସବ ପାଳିତ ହୋଇଥିଲା।

## ମେଣ୍ଢାଶାଳରେ କୁମ୍ଭମେଳା ମହୋତ୍ସବ

ବାରଙ୍ଗ,୧୪।୨(ଡି.ଏନ୍.ଏ.)

ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀଭଗବତ ବାସୁଦେବଙ୍କ ମନ୍ଦିର ପରିସରରେ ଚଳିତବର୍ଷ କୁମ୍ଭମେଳା ଅନୁଷ୍ଠିତ ହୋଇଯାଇଛି। ରବିବାର ଶୁଭ ଦିବସ, ସୋମବାର ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମେଣ୍ଢାଶାଳ, ତମାଣ୍ଡୋ, ଯାଆଁଳା, ଯୋରକଣୀ, କୁଜିମହଲ, ବରପଦା, ଗିରିଙ୍ଗାପୁଟ, ମାଣ୍ଡିଗ୍ରୀ, ରେଙ୍ଗାଳ, ଅନନ୍ତପୁର, ବଡରଘୁନାଥପୁର, ମଦନପୁର, ଗୌଡକାଶିପୁର, ଭୋଳା, ଅରଗଡ, ଅନ୍ଧାରୁଆ ଓ ଘାଟିକିଆ ପ୍ରଭୃତି ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରବୀନ୍ଦ୍ରନାଥ ମିଶ୍ରଙ୍କ ପୌରୋହିତ୍ୟରେ ଏହି ମହୋତ୍ସବ ହୋଇଥିଲା। ଏଥିରେ ଭରତଚନ୍ଦ୍ର ରାଉତରାୟ, ପ୍ରଫୁଲ୍ଲ ଚନ୍ଦ୍ର ଶ୍ରୀଚନ୍ଦନ, ଭାସ୍କରଚନ୍ଦ୍ର ସୁବୁଦ୍ଧି, ପ୍ରଫୁଲ୍ଲ ପାତ୍ର ଏବଂ ସୁରେନ୍ଦ୍ରନାଥ ସାମନ୍ତରାୟ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ନନ୍ଦନକାନନ : ସାମଗ୍ରୀ ବିକ୍ରିବେଳେ ଧରାପଡ଼ିଲା

ବାରଙ୍ଗ, ୧୪।୨(ଡି.ଏନ୍.ଏ.)

ନନ୍ଦନକାନନର ଫଡ଼ର ଫାର୍ମରେ ରହିଥିବା ଅନାବଶ୍ୟକ ଜିନିଷ ଲୁହା, ତମ୍ବାତାର, ପମ୍ପକେବୁଲ ଆଦି ସାମଗ୍ରୀକୁ ସେଠାକାର ଜଣେ କର୍ମଚାରୀ କବାଡିଆକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ସୋମବାର ଫରେଷ୍ଟଗାର୍ଡ ହାତରେ ଧରାପଡିଛି। ସୂଚନା ଅନୁଯାୟୀ, ନନ୍ଦନକାନନରେ ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀର ବଳକା ଅଂଶକୁ ଷ୍ଟୋର ବିଭାଗର ୱାର୍କଶପ୍‌ରେ ରଖାଯାଏ। ପରେ ଏହା ପର୍ଯ୍ୟାୟକ୍ରମେ ନିଲାମ ହୋଇଥାଏ। କିନ୍ତୁ ବଳକା ସାମଗ୍ରୀକୁ ୱାର୍କଶପ୍‌ରେ ରଖା ନ ଯାଇ ଫଡ଼ର ଫାର୍ମରେ ରଖାଯାଇଥିଲା। ଫଡ଼ର ଫାର୍ମର ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଅଟୋରେ ବଳକା ସାମଗ୍ରୀ ରଖି ବାରଙ୍ଗରେ ଥିବା ଏକ କବାଡିଆ ପାଖକୁ ବିକ୍ରି ଉଦ୍ଦେଶ୍ୟରେ ନେଇଥିଲେ। ସେହି ସମୟରେ କବାଡିଆ ଦୋକାନ ଦେଇଯାଉଥିବା ନନ୍ଦନକାନନର ଫରେଷ୍ଟଗାର୍ଡ ରାମଚନ୍ଦ୍ର କାଣ୍ଡିଙ୍କ ନଜର ଏହା ଉପରେ ପଡିବାରୁ ପଛେ ଯାଇ କବାଡିଆ ଦୋକାନରେ ପହଞ୍ଚିଥିଲେ। ସେସବୁ ନନ୍ଦନକାନନର ଜିନିଷ ହୋଇଥିବାରୁ ତାକୁ ଚିହ୍ନି ଏ ବିଷୟରେ ସିକ୍ୟୁରିଟି ଓ ଷ୍ଟୋର ବିଭାଗ ରେଞ୍ଜରଙ୍କୁ ଡକାଇଥିଲେ। ଦୁଇ ରେଞ୍ଜର ଘଟଣା ସ୍ଥଳରେ ପହଞ୍ଚି ବିକ୍ରି ପାଇଁ ଆସିଥିବା ସାମଗ୍ରୀ ନନ୍ଦନକାନନର ଜାଣିବା ପରେ ଅଟୋ ସହ ସମସ୍ତ ସାମଗ୍ରୀକୁ ନନ୍ଦନକାନନକୁ ଆଣିଥିଲେ। ବିକ୍ରି ଉଦ୍ଦେଶ୍ୟରେ ଯାଇଥିବା ସାମଗ୍ରୀକୁ ଅଣ୍ଡରଟେକିଂରେ ରଖି ଅଟୋ ଏବଂ ଚାଳକଙ୍କୁ ଛାଡିଦେଇଥିଲେ। ତେବେ ବିକ୍ରି ଉଦ୍ଦେଶ୍ୟରେ ଯାଇଥିବା ସାମଗ୍ରୀଗୁଡିକ ପ୍ରାୟ ୨ଲକ୍ଷ ଟଙ୍କାର ହେବ। ଅନ୍ୟପଟେ ଏହି ଘଟଣା ଜାଣିବା ପରେ ଉପନିର୍ଦ୍ଦେଶକ ସଞ୍ଜିତ କୁମାର ଘଟଣାର ଅନୁଧ୍ୟାନ କରି ଦୁଇ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଷ୍ଟୋର ବିଭାଗ ରେଞ୍ଜରକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗହଣା ଚୋରି କରି ବନ୍ଧକ ରଖିଥିଲେ ଚାକରାଣୀ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟରୁ ଶନିବାର ହୋଇଥିବା ଚୋରି ଘଟଣାରେ ପୋଲିସ ସୋମବାର ସମ୍ପୃକ୍ତ ଚାକରାଣୀଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ସଦରଥାନ ଅଞ୍ଚଳର ନିରୁପମା ପାଲ(୨୪)। ପୋଲିସ ମାମଲା (ନଂ. ୬୮/୨୦୨୨)ରେ ତାଙ୍କୁ କୋର୍ଟ ଚାଲାଣ କରିବା ସହ ପୂରା ଘଟଣାର ପର୍ଦ୍ଦାଫାଶ କରିଛି। ପୋଲିସ ସୂଚନାନୁସାରେ, ଅଭିଯୋଗକାରିଣୀ ଶ୍ରୀବିହାରସ୍ଥିତ ହାବିଟାଟ୍ ଗ୍ରୀନ୍ ଆପାର୍ଟମେଣ୍ଟର ପ୍ଲାଟ ନଂ. ୩୦୮ରେ ରୁହନ୍ତି। ଅଭିଯୁକ୍ତା ନିରୁପମା ତାଙ୍କ ଘରେ ୮ ମାସ ହେବ ଚାକରାଣୀ ଭାବରେ କାମ କରିବା ସହ ମାଲିକାଣିଙ୍କ ଦେଖାଶୁଣା କରୁଥିଲେ। କିଛିଦିନ ତଳେ ଘରେ କେହି ନ ଥିବା ଦେଖି ନିରୁପମା ଆଲମାରି ଲକରରୁ କିଛି ସୁନା ଗହଣା ଚୋରାଇ ନେଇଥିଲେ। ଅଭିଯୋଗକାରିଣୀ ଚାକରାଣୀଙ୍କ ଉପରେ ସନ୍ଦେହ କରି ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତା ଚାକରାଣୀ ଚୋରି ସୁନାଗହଣାକୁ ଆଇଆଇଏଫ୍‌ଏଲ୍ ଚନ୍ଦ୍ରଶେଖରପୁର ଶାଖାରେ ବନ୍ଧକ ରଖିଥିବା ଜାଣିବାକୁ ପାଇଥିଲା। ଏହାପରେ ଉକ୍ତ ବନ୍ଧକ ଗହଣା ଜବତ କରିବା ସହ ମାମଲାରେ ଅଧିକ ତନାଘନା ଜାରି ରଖିଛି।

## କାୟାକଳ୍ପ ଟିମ୍‌ର ଏମ୍ସ ପରିଦର୍ଶନ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

କାୟାକଳ୍ପ ପୁରସ୍କାର ପାଇଁ ଚୂଡ଼ାନ୍ତ ମୂଲ୍ୟାୟନ ପ୍ରକ୍ରିୟା ଚାଲିଛି। ଏହି ପରିପ୍ରେକ୍ଷୀରେ କାୟାକଳ୍ପ ଟିମ୍ ସୋମବାର ଭୁବନେଶ୍ୱର ଏମ୍ସ ପରିଦର୍ଶନ କରିଥିଲା। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଆଣ୍ଡ ଫ୍ୟାମିଲି ୱେଲ୍‌ଫେୟାର (ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁ)ର ଡା. ମିରମ୍ବିକା ମହାପାତ୍ରୋଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁର ଡା. ଦିନେଶ ପଲ୍, ଡା. ରୂପେଶ ଗୁପ୍ତା, ମୁକେଶ କୁମାର ରାଏ ସାମିଲ ଥିଲେ। ସେମାନେ ଏମ୍ସର ବିଭିନ୍ନ ବିଭାଗ ସହ ପରିସର ଆଦି ବୁଲି ଦେଖିଥିଲେ। ସ୍ୱଚ୍ଛତା ସହ ପୁରସ୍କାର ରହିଥିବା ଅନ୍ୟାନ୍ୟ ଦିଗକୁ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ରୁ କାୟାକଳ୍ପ ପୁରସ୍କାର ଦିଆଯାଉଛି। ଏଥିରେ ହସ୍ପିଟାଲରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଥାଏ। ଭୁବନେଶ୍ୱର ଏମ୍ସ ପୂର୍ବରୁ ମଧ୍ୟ କାୟାକଳ୍ପ ପୁରସ୍କାର ପାଇଛି।




କାୟାକଳ୍ପ ଟିମ୍‌ର ସଦସ୍ୟମାନେ ଏମ୍ସ ପରିସର ବୁଲି ଦେଖୁଛନ୍ତି।

## ରାଜ୍ୟପାଳଙ୍କୁ ସ୍ମାରକପତ୍ର

ବାଲିପାଟଣା,୧୪।୨(ଡି.ଏନ୍.ଏ.)

ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦୁଇ ବର୍ଷ ଧରି ସ୍କୁଲ ବନ୍ଦ ଥିବାରୁ ବିଦ୍ୟାଳୟଗୁଡିକ ବିଭିନ୍ନ ସଙ୍କଟ ଦେଇ ଗତି କରୁଛି। ତିନି ବର୍ଷ ପାଇଁ ସି ଓ ଆର ନିସର୍ତ୍ତ ବର୍ଦ୍ଧିତ, ବେସରକାରୀ ବିଦ୍ୟାଳୟର ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ବିନା ଟିସିରେ ନାମ ଲେଖା ବନ୍ଦ କରିବା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିବା ଅପୋଷା ସଭାପତି ସତ୍ୟନାରାୟଣ ମିଶ୍ର ଓ ସମ୍ପାଦକ ଅବନ୍ତି କୁମାର ସୂତାର ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଆନ୍ତଃ ଜିଲା ଦିବାରାତ୍ର କ୍ରିକେଟ କପ୍ ଟୁର୍ନାମେଣ୍ଟ : ଏମ୍‌ଏମ୍‌ସି ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ବାଲିପାଟଣା,୧୪।୨(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବନମାଳୀପୁରସ୍ଥିତ କୁଶଭଦ୍ରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ଜିଲା ଦିବାରାତ୍ର କ୍ରିକେଟ କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କୁଶଭଦ୍ରା କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କଟକ ଭି ଲାୟନ୍ସ ଟିମ୍‌କୁ ହରାଇ ସମ୍ବଲପୁରର ଏମ୍‌ଏମ୍‌ସି ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଭି ଲାୟନ୍ସ ନିର୍ଦ୍ଧାରିତ ୫ ଓଭରରେ ୫୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମ୍‌ଏମ୍‌ସି ଟିମ୍ ୪.୨ ଓଭରରେ ୨ ଉଇକେଟ ବିନିମୟରେ ୫୪ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଭାଗୀରଥି ପାତ୍ର, ବରିଷ୍ଠ ଖବରଦାତା ଅଭିମନ୍ୟୁ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ଗଙ୍ଗାଧର ଓଝା, କୃଷ୍ଣଚନ୍ଦ୍ର ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୪୦ହଜାର ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୨୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏମ୍‌ଏମ୍‌ସି ଟିମ୍‌ର ଅମନ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। କୁଶଭଦ୍ରା କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଆଜି ଦାଖଲ ହେବ ଚୂଡ଼ାନ୍ତ ବୁଥ୍ ତାଲିକା

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

- ୨୪ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା
- ନୂଆ ଭୋଟରଙ୍କୁ ସାମିଲ ପାଇଁ ବ୍ୟବସ୍ଥା ନାହିଁ

ପୌର ନିର୍ବାଚନ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅନ୍ତର୍ଗତ ୬୭ଟି ୱାର୍ଡର ୨୧୯ ସ୍ଥାନରେ ୬୯୯ ବୁଥ୍ ସ୍ଥାପନ ପାଇଁ ଗୁରୁବାର ଚିଠା ତାଲିକା ପ୍ରକାଶ ପାଇଥିଲା। ଆପତ୍ତି ଅଭିଯୋଗ କରିବାକୁ ୪ଦିନ ସମୟ ଦିଆଯାଇଥିଲା। ରବିବାର ଅଭିଯୋଗ ଦାଖଲର ଅବଧି ସରିଥିବାବେଳେ ସୋମବାର ଚୂଡ଼ାନ୍ତ ବୁଥ୍ ତାଲିକା ପ୍ରକାଶ ପାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା। ତେବେ ତାଲିକା ଚୂଡ଼ାନ୍ତ ହୋଇ ସାରିଥିଲେ ମଧ୍ୟ ଏହାକୁ ପ୍ରକାଶ କରାଯାଇ ନାହିଁ। ମଙ୍ଗଳବାର ସିଧାସଳଖ ବୁଥ୍ ତାଲିକା ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯିବ ବୋଲି ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ବୁଥ୍ ତାଲିକାକୁ ନେଇ କେତେକ ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। କେତେକ ଭୋଟରଙ୍କ ବୁଥ୍ ଅନ୍ୟ ୱାର୍ଡକୁ ଚାଲି ଯାଇଥିବା ଅଭିଯୋଗ ରହିଥିବାରୁ ଚୂଡ଼ାନ୍ତ ତାଲିକାରେ ତାହା ସଂଶୋଧନ କରାଯାଇଛି। ସେହିପରି କିଛି ସମ୍ବେଦନଶୀଳ ସ୍ଥାନରେ ୨ଟି ଲେଖାଏ ବୁଥ୍ କରାଯାଇଛି। ଅପରପକ୍ଷେ କେବଳ ବୁଥ୍ ତାଲିକା ନୁହେଁ, ବରଂ ଭୋଟର ତାଲିକାରେ ମଧ୍ୟ ଅନେକ ତ୍ରୁଟି ଥିବା ଅଭିଯୋଗ ହୋଇ ଆସୁଛି।

ସେପଟେ ହଜାର ହଜାର ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡିଥିବା ଜଣାପଡିଛି। ବିଏମ୍‌ସିର ସୂଚନାନୁସାରେ, ଭୁବନେଶ୍ୱରରେ ସମୁଦାୟ ଭୋଟର ସଂଖ୍ୟା ୭ ଲକ୍ଷ ୨୭ ହଜାର ୪୫୬ ରହିଛି। ଆଉ କିଛିଦିନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ଏତେ କମ୍ ସମୟ ମଧ୍ୟରେ କିଭଳି ସେମାନେ ତାଲିକାରେ ଯୋଡିହେବେ ସେ ନେଇ ଅଧିକାରୀମାନେ ମାନସ ମନ୍ଥନ ଚଳାଇଛନ୍ତି। ଅଭିଯୋଗ ପାଇଁ ଆଉ ୨ଦିନ ଥିବାରୁ ତାଲିକା ଆହୁରି ଲମ୍ବା ହେବା ନେଇ ଆଶଙ୍କା କରାଯାଉଛି।

ଏ ସମ୍ପର୍କରେ ଏଡିଏମ୍ ସ୍ୱାଇଁ କହିଛନ୍ତି, ଭୋଟର ତାଲିକାକୁ ନେଇ ବହୁ ଅସନ୍ତୋଷ ଦେଖା ଦେଉଥିବାରୁ ଏହା ଉପରେ କାର୍ଯ୍ୟ କରାଯାଉଛି। ୧୬ ତାରିଖ ପର୍ଯ୍ୟନ୍ତ ଭୋଟରମାନେ ତାଲିକାକୁ ନେଇ ଆପତ୍ତି ଅଭିଯୋଗ କରିପାରିବେ। ୧୮ ତାରିଖରେ ଅଭିଯୋଗଗୁଡ଼ିକର ଶୁଣାଣି ପରେ ୧୯ରେ ତାଲିକା ପ୍ରକାଶ କରାଯିବ। ଏହାବାଦ୍ ଯେଉଁମାନଙ୍କର କୌଣସି ଅଭିଯୋଗ ଥିବ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ। ୨୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୨୦୨୨ ଜାନୁୟାରୀ ୧ ସୁଦ୍ଧା ତାଲିକାରେ ନାମ ଥିବା ଭୋଟରଙ୍କୁ ନେଇ ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ରହିଛି। ନୂଆ ଭୋଟରଙ୍କୁ ମିଶାଇବାର ବ୍ୟବସ୍ଥା ନାହିଁ। ୬ନମ୍ବର ୱାର୍ଡର କିଛି ଭୋଟରଙ୍କ ନାମ ୮ନମ୍ବର ୱାର୍ଡ ତାଲିକାରେ ପ୍ରକାଶ ପାଇଥିଲା। ସେହିପରି ୩୩ ନଂ. ୱାର୍ଡର କିଛି ଭୋଟର ୩୧ ନଂ ୱାର୍ଡକୁ ଯାଇଥିଲେ। କିଛି ୱାର୍ଡରେ ଏଭଳି ତ୍ରୁଟି ହୋଇଛି। ମାତ୍ର ଏହାକୁ ସଂଶୋଧନ କରାଯାଉଛି। ଫର୍ମ ନଂ. ୭ରେ ନିଜ ୱାର୍ଡକୁ ଫେରିବାକୁ ଆବେଦନ କରିପାରିବେ ବୋଲି ଏଡିଏମ୍ କହିଛନ୍ତି।

# ସ୍ପୋର୍ଟ୍ସ ଓଡ଼ିଶା, ଓଡ଼ିଶା ପୋଲିସ ବିଜୟୀ

**ମହିଳା ଫୁଟବଲ ଲିଗ୍**

ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ର ୨ଟି ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ଦଳ ୪-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଛି। ଏକାକୀ ୩ଟି ଗୋଲ ଦେଇ ସ୍ପୋର୍ଟ୍ସ ଓଡ଼ିଶାର ଶୁଭସ୍ମିତା ଶୁଭଦର୍ଶିନୀ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ମନୀଷା ନାଏକ ଅନ୍ୟ ଗୋଲଟି ଦେଇଥିଲେ। ରାଇଜିଂ ପକ୍ଷରୁ ଅମ୍ରିତା ନାଏକ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଧନେଶ୍ୱର ସର୍ଦ୍ଦାର, ବବ୍‌ଲି ଗଡ଼ନାୟକ, ବୀଣାପାଣି ବିରୁଆ ଓ ବିଷ୍ଣୁପ୍ରିୟା ଦାସ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଥିଲେ ଦୁର୍ଗା ମାଧବ ନାଏକ। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୮-୦ ଗୋଲରେ ସାଇ ଏସଟିସିକୁ ହରାଇ ଦେଇଛି। ଓଡ଼ିଶା ପୋଲିସ ପକ୍ଷରୁ ସତ୍ୟବତୀ ଖାଡ଼ିଆ ଓ ଜବାମଣି ସୋରେନ ୨ଟି ଲେଖାଏ ଏବଂ ଯଶୋଦା ମୁଣ୍ଡା, ପ୍ୟାରୀ ଖାଖା, ମୋନିକା ମିଞ୍ଜ ଓ ଯଶମଣି ସମ୍‌ସାଦ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଦୀପ୍ତ ଦାସ, ଆଲୋକ ଦେହୁରି, ବିଜୟ କୁମାର ମଙ୍ଗରାଜ ଓ ସୁଜିତ କୁମାର ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ ସୁଦୀପ୍ତା ଦାସ।


କ୍ୟାପିଟାଲ ଗ୍ରାଉଣ୍ଡରେ ଓଡ଼ିଶା ପୋଲିସ ଓ ସାଇ-ଏସ୍‌ଟିସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।


ପ୍ରୋ-ହକି ଲିଗ୍ ପାଇଁ କଳିଙ୍ଗ ଷ୍ଟାଡିୟମରେ ସୋମବାର ଭାରତୀୟ ମହିଳା ହକି ଦଳର ଅଭ୍ୟାସ।

# ପିଟରସନ, ନାଇଟ୍ ପ୍ଲେୟର ଅଫ୍ ଦି ମନ୍ଥ୍

**ଆଇସିସି ପୁରସ୍କାର**

ଦୁବାଇ, ୧୪।୨ (ପି.ଟି.)

ଦକ୍ଷିଣ ଆଫ୍ରିକା ବ୍ୟାଟର କିଗାନ ପିଟରସନ ଜାନୁୟାରୀ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଏହି ପୁରସ୍କାର ଦୌଡ଼ରେ ସେ ନିଜ ଦେଶର ୧୯ ବର୍ଷରୁ କମ୍ ଷ୍ଟାର ଖେଳାଳି ଡିୱାଲ୍ଡ ବ୍ରେଭିସ୍ ଓ ବାଂଲାଦେଶ ପେସ୍ ବୋଲର ଏବାଦତ ହୋସେନଙ୍କୁ ପଛରେ ପକାଇ ଦେଇଛନ୍ତି। ସେହିପରି ଶ୍ରୀଲଙ୍କା ଅଧିନାୟିକା ଚାମରି ଆଥାପାଥ୍ଥୁ ଏବଂ ୱେଷ୍ଟଇଣ୍ଡିଜର ଡିଣ୍ଡ୍ରା ଡଟିନ୍‌ଙ୍କୁ ପଛରେ ପକାଇ ଇଂଲଣ୍ଡ ଅଧିନାୟିକା ହିଥର ନାଇଟ୍ ମହିଳା ବିଭାଗ ପୁରସ୍କାର ପାଇଛନ୍ତି। ପିଟରସନ ନିକଟରେ ଅନୁଷ୍ଠିତ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଏକଦା ୦-୧ରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକାକୁ ୨-୧ରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ ୬୨ ରନ ସଂଗ୍ରହ କରି ତାଙ୍କ ଦଳକୁ ଅଗ୍ରଣୀ କରାଇବାରେ ସହାୟକ ହୋଇଥିଲେ। ପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ୨୮ ରନ ସହାୟତାରେ ଦକ୍ଷିଣ ଆଫ୍ରିକା ୨୧୨ ରନର ବିଜୟ ଲକ୍ଷ୍ୟ ହାସଲ କରି ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା। ସେ ପ୍ଲେୟର ଅଫ୍ ଦି ସିରିଜ ମଧ୍ୟ ବିବେଚିତ ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ୩ ନମ୍ବର ସ୍ଥାନରେ ତାଙ୍କ ବ୍ୟାଟିଂ ପ୍ରଭାବଶାଳୀ ରହିଥିଲା। ଏହି କାରଣରୁ ସେ ପୁରସ୍କାର ପାଇଁ ହକ୍‌ଦାର ଥିଲେ ବୋଲି ଭୋଟିଂ ପ୍ୟାନେଲର ସଦସ୍ୟ ତଥା ଦକ୍ଷିଣ ଆଫ୍ରିକାର ପୂର୍ବତନ ଷ୍ଟାର ଖେଳାଳି ଜେପି ଡୁମିନି କହିଛନ୍ତି।

ଅନ୍ୟପକ୍ଷରେ କାନବେରାଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ଆଶେସ ଟେଷ୍ଟରେ ନାଇଟ୍ ସର୍ବାଧିକ ରନ ସ୍କୋରର ଥିଲେ। ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ ୩୩୭/୯ରେ ଘୋଷଣା କରିବା ପରେ ଇଂଲଣ୍ଡ ସଂକଟରେ ପଡ଼ିଥିଲା। ହେଲେ ତୃତୀୟ ଓଭରରେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ନାଇଟ୍ ୧୬୮ରନ କରି ଅପରାଜିତ ରହିଥିଲେ। ୯ମ ଉଇକେଟରେ ନାଇଟ ଓ ସୋଫି ଏକ୍କ୍ଲେଷ୍ଟୋନ୍ ୧୦୦ ରନ ଯୋଗ କରିବା ପୂର୍ବରୁ ଭ୍ରମଣକାରୀ ଦଳର ସ୍କୋର ଏକଦା ୧୬୯/୮ ରହିଥିଲା। ଇଂଲଣ୍ଡ ଶେଷରେ ୨୯୭ ରନ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ସ୍କୋରଠାରୁ ମାତ୍ର ୪୦ ରନ ପଛରେ ରହିଥିଲା। ନାଇଟଙ୍କର ଏହି ଦୃଢ ବ୍ୟାଟିଂ ଯୋଗୁ ମ୍ୟାଚ ଶେଷ ବଲ ପର୍ଯ୍ୟନ୍ତ ଯାଇଥିଲା ଏବଂ ଡ୍ର ଭାବେ ଶେଷ ହୋଇଥିଲା। ଭୋଟିଂ ପ୍ୟାନେଲର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ଭାରତୀୟ ପେସ୍ ବୋଲର ଇର୍ଫାନ ପଠାନ କହିଛନ୍ତି, ଜଣେ ଅଧିନାୟିକା ହିସାବରେ ୧୬୮ ନଟଆଉଟ ମହିଳା ଟେଷ୍ଟ ଇତିହାସରେ ଦ୍ୱିତୀୟ ସର୍ବୋଚ୍ଚ ସ୍କୋର। ପୁନଶ୍ଚ ଅଷ୍ଟ୍ରେଲିଆ ବିପକ୍ଷରେ ଅଷ୍ଟ୍ରେଲିଆରେ ଇଂଲଣ୍ଡର ଜଣେ ମହିଳା ବ୍ୟାଟର ହିସାବରେ ସେ ସର୍ବୋଚ୍ଚ ସ୍କୋର କରିଛନ୍ତି।

## ୱାଶିଂଟନଙ୍କ ସ୍ଥାନରେ କୁଲଦୀପ୍ ଯାଦବ

**କୋଲକାତା, ୧୪।୨ (ପି.ଟି.):** ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ କ୍ରିକେଟ ସିରିଜ ଖେଳିପାରିବେ ନାହିଁ। ତାଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ଦଳରେ ନିଆଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରତ୍ୟାବର୍ତ୍ତନ କରିଥିବା ୱାଶିଂଟନ ବୁଧବାରଠାରୁ ଖେଳାଯିବାକୁଥିବା ଟି୨୦ ସିରିଜରେ ଅଲରାଉଣ୍ଡ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା। ହାମ୍‌ଷ୍ଟ୍ରିଙ୍ଗ ଯନ୍ତ୍ରଣା ଯୋଗୁ ୱାଶିଂଟନ ସୋମବାର ଅଭ୍ୟାସ କରିପାରି ନାହାନ୍ତି। ତେଣୁ ୫ ଦିନରେ ହେବାକୁଥିବା ସିରିଜର ତିନୋଟିଯାକ ମ୍ୟାଚ ପାଇଁ ସେ ଉପଲବ୍ଧ ନ ହେବା ଯଥେଷ୍ଟ ସମ୍ଭାବନା ରହିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଜଣେ ଅଫିସିଆଲ ସୂଚନା ଦେଇଛନ୍ତି। ଇଞ୍ଜୁରୀ ଯୋଗୁ ଅକ୍ଷର ପଟେଲ ଭାରତୀୟ ଦଳର ଓହରିଯାଇଛି। ୱାଂଶିଟନ ଖେଳିପାରିବେ ନାହିଁ।

# ଜାତୀୟ ସିନିୟର ଭଲିବଲର ସଫଳ ପରିସମାପ୍ତି

ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୭୦ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ (ମହିଳା/ପୁରୁଷ)ର ସଫଳ ପରିସମାପ୍ତି ଘଟିଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ଓ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ମିଳିତ ଆନୁକୂଲ୍ୟରେ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ଅଞ୍ଚଳରୁ ୧୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହାର ମହିଳା ବିଭାଗରେ କେରଳ ଓ ପୁରୁଷରେ ହରିୟାଣା ଚାମ୍ପିୟନ ହୋଇଥିଲା। ରେଲୱେ ଉଭୟ ବିଭାଗର ଫାଇନାଲରେ ପ୍ରବେଶ କରିଥିଲେ ହେଁ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ମହିଳା ଫାଇନାଲରେ କେରଳ ୩-୧ (୨୫-୨୨, ୧୬-୨୫, ୨୫-୨୧, ୨୫-୧୭) ସେଟ୍‌ରେ ହରାଇଥିବାବେଳେ କର୍ଣ୍ଣାଟକ ୩-୧ ସେଟ୍‌ରେ ହିମାଚଳ ପ୍ରଦେଶକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ପୁରୁଷ ବିଭାଗ ଫାଇନାଲରେ ହରିୟାଣା ୩-୦ (୨୫-୧୯, ୨୫-୧୮, ୨୫-୧୮)ରେ ରେଲୱେକୁ ହରାଇ ଟାଇଟଲ ହାସଲ କରିଥିଲା। ସର୍ଭିସେସ ୩-୦ରେ ତାମିଲନାଡୁକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିଲା।

ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ପ୍ରଶଂସନୀୟ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲା। ମହିଳା ବିଭାଗରେ ଓଡ଼ିଶା ପ୍ରଥମଥରପାଇଁ ନକ୍‌ଆଉଟରେ ପ୍ରବେଶ କରି ଇତିହାସ ରଚିଥିଲା। ଉଭୟ ବିଭାଗରେ ରାଜ୍ୟ ଦଳ କ୍ରମାଗତ ୪ଟି ଲେଖାଏ ମ୍ୟାଚରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ଗ୍ରୁପ୍ କ୍ୟାପ୍‌ଟେନ ଦୀନେଶ ସୁରି, ରଗ୍‌ବି ଇଣ୍ଡିଆ ସଭାପତି ତଥା ଅଭିନେତା ରାହୁଲ ବୋଷ, ୟୁରୋସ୍ପୋର୍ଟ ଇଣ୍ଡିଆର ମୁଖ୍ୟ ରୁଚିର ଜୈନ, ଭିଏଫ୍‌ଆଇ ସିଇଓ ରାମାବତାର ସିଂ ଜାଖର, ଭିଏଫ୍‌ଆଇ ସାଧାରଣ ସମ୍ପାଦକ ଅନିଲ ଚୌଧାରୀ, ଉପସଭାପତି ଏସ. ବାସୁଦେବନ, ଆନନ୍ଦ ରାଜହଂସ, ପି.ଜି.ଭି.ଆର. ନାଇଡୁ ଓ ସୁସାନ୍ତୋ ବିଶ୍ୱ ଶର୍ମା ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗ ଦେଇଥିଲେ। ଫେବୃୟାରୀ ୭ରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟ ୧୩ ତାରିଖରେ ଶେଷ ହୋଇଥିଲା। ଭାରତୀୟ ଭଲିବଲ ଇତିହାସରେ ପ୍ରଥମଥରପାଇଁ ଜାତୀୟ ସିନିୟର ପ୍ରତିଯୋଗିତା କ୍ରମାଗତ ତୃତୀୟ ଥରପାଇଁ ଗୋଟିଏ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।

# ୱିଣ୍ଟର ଅଲିମ୍ପିକ୍ସ ଫିଗର ସ୍କେଟିଂରେ ଭାଗ ନେଇପାରିବେ ଭାଲିଭା

**ବେଜିଂ, ୧୪।୨(ଏପି):** ଗେମ୍ସ ପୂର୍ବରୁ ହୋଇଥିବା ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ ମଧ୍ୟ ରୁଷିଆର ସ୍ୱଳ୍ପବୟସ୍କା ସ୍କେଟର କାମିଲା ଭାଲିଭା ୱିଣ୍ଟର ଅଲିମ୍ପିକ୍ସ ଫିଗର ସ୍କେଟିଂରେ ଅଂଶଗ୍ରହଣ କରିପାରିବେ। ଭାଲିଭା ତାଙ୍କ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ପ୍ରଚେଷ୍ଟାରେ ରହିଛନ୍ତି। ରେସ୍‌ର ଫଳାଫଳ ଯାହାହେଉନା କାହିଁକି ବେଜିଂରେ ଇଭେଣ୍ଟର ପଦକ ବିତରଣ ଉତ୍ସବ ଅନୁଷ୍ଠିତ ହେବନାହିଁ। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ଭାଲିଭାଙ୍କ ଆବେଦନର ବିଚାର କରି ତାଙ୍କ ରୁଲିଂରେ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ବିଚାରକ ମଣ୍ଡଳୀ କହିଛନ୍ତି ଯେ, ମାମଲାର ତଦନ୍ତ ଶେଷ ହୋଇ ନ ଥିବାରୁ ମହିଳା ବ୍ୟକ୍ତିଗତ ସ୍ୱର୍ଣ୍ଣ ଫେଭରାଇଟ୍ ୧୫ ବର୍ଷୀୟା ଭାଲିଭାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇପାରିବନାହିଁ। ରୁଷୀୟ ସ୍କେଟର ଜଣେ ନାବାଳିକା ହୋଇଥିବାରୁ କୋର୍ଟ ତାଙ୍କ ସପକ୍ଷରେ ଏପରି ନିଷ୍ପତ୍ତି ନେଇଛନ୍ତି। ଏହି ଆଥଲେଟ୍‌ଙ୍କୁ ଯଦି ଅଲିମ୍ପିକ ଗେମ୍ସରେ ଭାଗ ନେବାଲାଗି ସୁଯୋଗ ଦିଆ ନ ଯାଏ ତେବେ ତାଙ୍କର ଅପୂରଣୀୟ କ୍ଷତି ଘଟିବ ବୋଲି କାସ୍ ମହାନିର୍ଦ୍ଦେଶକ ମାଥ୍ୟୁ ରିବ୍ କହିଛନ୍ତି।

## ରାଜ୍ୟ ଖବର

# ଆଜି ବିଶ୍ୱ ପ୍ରସିଦ୍ଧ ମାଘମେଳା

ଢେଙ୍କାନାଳ ଅଫିସ, ୧୪।୨

ଓଡ଼ିଶାର ନିଜସ୍ୱ ଧର୍ମ ତଥା ମହିମା ଧର୍ମର ପ୍ରମୁଖ ପୀଠସ୍ଥଳୀ ଯୋରନ୍ଦାରେ ମଙ୍ଗଳବାର ବିଶ୍ୱ ପ୍ରସିଦ୍ଧ ମାଘମେଳା ଅନୁଷ୍ଠିତ ହେବ। ବ୍ରାହ୍ମ ମୂହୁର୍ତ୍ତରୁ ମନ୍ଦିର ପରିସରରେ ପାରମ୍ପରିକ ନୀତିକାନ୍ତି ଆରମ୍ଭ ହେବ। ଅପରାହ୍ନ ୫ଟାରୁ ସାଢ଼େ ୫ଟା ମଧ୍ୟରେ ଗାଦି ମନ୍ଦିରରେ ଖାଡ଼ଦୀପ ପ୍ରଜ୍ୱଳନ କରାଯିବା ଲାଗି ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। କରୋନା କଟକଣା ପାଇଁ ଚଳିତ ବର୍ଷ ମେଳା ପରିସରକୁ ଜନସାଧାରଣଙ୍କୁ ବାରଣ କରାଯାଇଛି।

# ଗୀତ ଗାଉ ଗାଉ ଟଳିପଡ଼ିଲେ



ଉଦଳା, ୧୪।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ରାତିରେ ତୁଳସୀ ଗଣନାଟ୍ୟର ଯାତ୍ରା ଚାଲିଥିବା ବେଳେ ଘଟିଛି ଏକ ଅଭାବନୀୟ ଘଟଣା। 'ବରଷା ରାତିକୁ ଭରସା ନାହିଁ' ନାଟକର ଟାଇଟଲ ଗୀତ ଗାଉଥିବାବେଳେ ଗାୟକ ସଞ୍ଜୟ କୁମାର ପାତ୍ର ଛାତିରେ ଯନ୍ତ୍ରଣା ହେବାରୁ ହଠାତ ଟଳିପଡିଲେ। ତାଙ୍କୁ ସହକର୍ମୀ ଓ ଯାତ୍ରା କମିଟିର ସଦସ୍ୟ ତୁରନ୍ତ ଉଦଳା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତାଙ୍କ ବିୟୋଗରେ ତୁଳସୀ ଯାତ୍ରା ପାର୍ଟିର ସମସ୍ତ କଳାକାର ଶୋକ ବ୍ୟକ୍ତ କରିଛନ୍ତି।

# ୩୨.୭୨ ହେକ୍ଟର ଜମି ପାଇଁ ଅଟକିଛି ପ୍ରକଳ୍ପ


ଝାରସୁଗୁଡ଼ା-ବିଳାସପୁର ଚାରିଆକିଆ ରେଳଲାଇନ

- ରାଜ୍ୟ ସରକାରଙ୍କ ଅବହେଳା ଅଭିଯୋଗ
- ଯଥାଶୀଘ୍ର ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ,୧୪।୨

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳ ଓଡ଼ିଶାର ଉତ୍ତର ପଶ୍ଚିମ ଭାଗରେ କାର୍ଯ୍ୟ କରୁଛି। ଏହି କ୍ଷେତ୍ର ତଥା ଦେଶର ଅନ୍ୟାନ୍ୟ ଅଂଶକୁ ସେବା ଯୋଗାଇବା ପାଇଁ ଅନେକ ବିକାଶମୂଳକ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏଥିରେ ବିଳାସପୁର-ଝାରସୁଗୁଡ଼ା ଚାରିଆକିଆ ରେଳ ଲାଇନ ଓ ୯ କି.ମି.ଆଇବି(ଇବ)ଫ୍ଲାଏ ଓଭର ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପର ବିଭିନ୍ନ ସମସ୍ୟାର ସମାଧାନ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହି ପ୍ରସଙ୍ଗ ଉପରେ ଓଡ଼ିଶା ସରକାର ସମାଧାନ କରିବେ। ରାଜ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ମଧ୍ୟ ଏନେଇ ସୂଚିତ କରାଯାଇଛି। ଏହି ମର୍ମରେ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳୱେର ମହାପ୍ରବନ୍ଧକ ଆଲୋକ କୁମାର ପତ୍ର ଲେଖିଛନ୍ତି। ଏହି ପତ୍ରକୁ ଭିତ୍ତିକରି ବାଣିଜ୍ୟ ଓ ପରିବହନ ବିଭାଗର ଡେପୁଟି ସେକ୍ରେଟାରୀ କଳ୍ପତରୁ ସାମନ୍ତରାୟ ଗତ ୧୦ ତାରିଖରେ ଝାରସୁଗୁଡ଼ା ଜିଲାପାଳଙ୍କୁ ଯଥାଶୀଘ୍ର ପ୍ରକଳ୍ପର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ବିଶେଷକରି ୩୨.୭୨ ହେକ୍ଟର ବେସରକାରୀ ଜମି ଏବଂ ୧୦.୫୭ ହେକ୍ଟର ସରକାରୀ ଜମି ଅଧିଗ୍ରହଣ ସହ ୧୩୨ କେଭି ଟ୍ରାନ୍ସମିଶନ ଲାଇନ୍ ସ୍ଥାନାନ୍ତରଣ କରିବାକୁ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

ଓଡ଼ିଶାରେ କେବଳ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ୮ ପ୍ରକଳ୍ପ ଅଧାରେ ଅଟକିଛି। ଏଥିରେ ୪୬୨୬.୩୦ ହେକ୍ଟର ବେସରକାରୀ, ସରକାରୀ ଏବଂ ଜଙ୍ଗଲ ଜମି ଚିହ୍ନଟ ହୋଇଛି। ସେଥିରୁ ମାତ୍ର ୨୫୩୮.୨୮ ହେକ୍ଟର ଜମି ଅକ୍ତିଆର କରାଯାଇଛି। ଏଥିପାଇଁ ଆବଶ୍ୟକ କର୍ମଚାରୀ ଓ ପାଣ୍ଠି ମଞ୍ଜୁର ହୋଇ ପାରୁ ନ ଥିବାରୁ ଜମି ଅଧିଗ୍ରହଣ ସୁରୁଖୁରୁରେ ହୋଇ ପାରୁନାହିଁ ବୋଲି ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସେଥିମଧ୍ୟରୁ ଦୀର୍ଘ ୨୫ ବର୍ଷ ହେଲା ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳ ପ୍ରକଳ୍ପ ଲୋକଙ୍କ ସେବା ଅପେକ୍ଷାରେ ରହିଛି। ଇତିମଧ୍ୟରେ ଝାରସୁଗୁଡ଼ା-ବିଳାସପୁର ଚାରିଆକିଆ ରେଳ ଲାଇନ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏଥିପାଇଁ ୨୦୧୮-୧୯ ବର୍ଷରେ ୨,୨୦୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ କେବଳ ରେଳଲାଇନ ପାଇଁ ମାତ୍ର ୩.୧ ହେକ୍ଟର ବେସରକାରୀ ଜମି ଆବଶ୍ୟକ ହୋଇଛି। ଏହାବାଦ୍ ୯ କିମି ବିଶିଷ୍ଟ ଆଇବି ଫ୍ଲାଏଓଭର ନିର୍ମାଣ ପାଇଁ ୨୯.୬୧ ହେକ୍ଟର ବେସରକାରୀ ଜମି ଓ ୧୦.୫୭ ହେକ୍ଟର ସରକାରୀ ଜମି ଦରକାର ପଡୁଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ଝାରସୁଗୁଡ଼ା ଜିଲାପାଳ ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ମହାପ୍ରବନ୍ଧକ ଆଲୋକ କୁମାର ପରାମର୍ଶ ଦେଇଛନ୍ତି।

# ଡିଭାଇଡରକୁ ଧକ୍କାଦେଇ ଓଲଟିଲା ଟ୍ୟାଙ୍କର

**ଲୋକେ ବୋହିନେଲେ ପେଟ୍ରୋଲ**

ବାଲୁଗାଁ,୧୪।୨(ଡି.ଏନ୍.ଏ.)

୧୬ନମ୍ବର ଜାତୀୟ ରାଜପଥର ବାଲୁଗାଁ-ବାଣପୁର ବାଇପାସ୍ ରାସ୍ତା ଅଲାଇଡ଼ିହ ଓଭରବ୍ରିଜ୍ ପାଖରେ ସୋମବାର ସନ୍ଧ୍ୟାରେ ଏକ ପେଟ୍ରୋଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଫଳରେ ଲୋକେ ବିଭିନ୍ନ ସାମଗ୍ରୀରେ ପେଟ୍ରୋଲ ବୋହି ନେଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏହି ପେଟ୍ରୋଲ ବୋଝେଇ ଟ୍ୟାଙ୍କର (ଓଆର୍ ୦୧କ୍ୟୁ ୨୦୯୦) ପାରାଦୀପରୁ ଛତ୍ରପୁର ଅଭିମୁଖେ ଯାଉଥିଲା। ଅଲାଇଡ଼ିହ ଓଭରବ୍ରିଜ୍ ପାଖରେ କୌଣସି କାରଣରୁ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଫଳରେ ଟ୍ୟାଙ୍କର କଭର ଫାଟି ପେଟ୍ରୋଲ ରାସ୍ତାରେ ଢାଳି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଓ ଉକ୍ତ ରାସ୍ତା ଦେଇ ଯାଉଥିବା ବାଇକ୍ ଆରୋହୀ ବୋତଲ, ବାଲ୍ଟି ଓ ପଲିଥିନରେ ପେଟ୍ରୋଲ ବୋହି ନେଉଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବାଲୁଗାଁ ଓ ବାଣପୁର ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ କ୍ରେନ୍ ଡକାଯାଇ ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଟ୍ୟାଙ୍କର ଚାଳକ ଫେରାର ହୋଇଯାଇଥିଲେ।



# ୪.୩୮ କୋଟିର ଜିଏସ୍‌ଟି ଠକେଇ

**ମା' ଶାରଳା ଫ୍ଲାଏ ଆଶ୍ ବ୍ରିକ୍ସ ଉପରେ ଚଢ଼ାଉ**

**କଟକ ଅଫିସ, ୧୪।୨:** ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଠକେଇ କରିଥିବା ଅଭିଯୋଗରେ କଟକସ୍ଥିତ ମା' ଶାରଳା ଫ୍ଲାଏ ଆଶ୍ ବ୍ରିକ୍ସ ଓ ଏହାର ମାଲିକଙ୍କ ବାସଭବନ ଉପରେ ସୋମବାର ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, କଟକ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଶାଖାର ୧୦ ଜଣ ଅଧିକାରୀ ଯାଞ୍ଚ କରିବା ବେଳେ ଜାଣିବାକୁ ପାଇଥିଲେ ଯେ, ସମ୍ପୃକ୍ତ ୟୁନିଟ୍ ଜିଏସ୍‌ଟି ଠକେଇ କରି ୪ କୋଟି ୩୮ ଲକ୍ଷ ଟଙ୍କା ହାତେଇ ନେଇଛି। କାଗଜପତ୍ରରେ ଭୁଲ୍ ଦର୍ଶାଇ ମା' ଶାରଳା ଫ୍ଲାଏ ଆଶ୍ ବ୍ରିକ୍ସ ଏଭଳି ଜାଲିଆତି କରିଛି।

ସୂଚନା ଅନୁଯାୟୀ, ୟୁନିଟ୍ ମାଲିକ ବହୁ ପରିମାଣର ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି)ର ଜାଲ କାଗଜପତ୍ର କରି ଅର୍ଥ ଠକି ନେଇଛନ୍ତି। ଯାଞ୍ଚ ବେଳେ ଜଣାପଡ଼ିଛି ଯେ, ୟୁନିଟ୍ ମାଲିକ କେନ୍ଦୁଝର, ତିର୍ତ୍ତୋଲ, ପାଣିକୋଇଲି, ଜଗତ୍‌ସିଂହପୁର, ସୁକିନ୍ଦା ଆଦି ସ୍ଥାନରୁ ସିମେଣ୍ଟ କିଣିଥିବା ଦର୍ଶାଇଥିଲେ। କିନ୍ତୁ ସେସବୁ ମିଥ୍ୟା ବୋଲି ଜଣାପଡ଼ିଛି। କାରଣ ଯେଉଁ ହିସାବରେ ସିମେଣ୍ଟ କିଣାଯାଇଛି ବୋଲି ହିସାବ ଦିଆଯାଇଛି ସେହି ଅନୁପାତରେ ସମ୍ପୃକ୍ତ ନିର୍ମାଣସ୍ଥଳୀରେ ଇଟା ନ ଥିବା ଦେଖିବାକୁ ମିଳିଛି। ଯାଞ୍ଚ ଅଧିକାରୀମାନେ ସେଠାରୁ ଜାଲ୍ କାଗଜପତ୍ର ଓ ୬ଟି ଭିନ୍ନ ସଂସ୍ଥା ନାମରେ ଥିବା ବିଲ୍ ବୁକ୍‌କୁ ମଧ୍ୟ ଜବତ କରିଛନ୍ତି। ଯାଞ୍ଚ ପରେ ଠକେଇର ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଫାଟି ଦମ୍ପତି ଗୁରୁତର

ସୋନପୁର,୧୪।୨(ନି.ପ୍ର.)

ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟି ସୋମବାର ସୁବର୍ଣ୍ଣପୁର ଜିଲା ନର୍ଡା ଗ୍ରାମର ୨ଜଣ ଗୁରୁତର ହୋଇଛନ୍ତି। ସେହିପରି ସିଲିଣ୍ଡର ବିସ୍ଫୋରଣ ଯୋଗୁ ୫ ବଖରା ଘର ଭାଙ୍ଗିପଡିଛି। କୈଳାସ ରଣାଙ୍କ ସ୍ତ୍ରୀ କିଶୋରୀ ରୋଷେଇ କରୁଥିବା ବେଳେ ସିଲିଣ୍ଡରରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରୁଥିବା ବେଳେ କିଶୋରୀ ଏବଂ କୈଳାସ ଗୁରୁତର ହୋଇଥିଲେ। ସିଲିଣ୍ଡର ଫାଟିବା ସହ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଏହାର ପ୍ରଭାବରେ କୈଳାସଙ୍କ ଘର ସମେତ ଗ୍ରାମର ଶଙ୍କର ରଣା, ରାଜ କୁମାର ରଣା, ରତନ ରଣା ଓ ରତ୍ନାକର ରଣାଙ୍କର ଛାତଘର ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି।

# ଏଫ୍‌ଆଇଆର୍ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ

**ସରପଞ୍ଚ ପଦ ନିଲାମ, ଟଙ୍କା ବାଣ୍ଟିବା ମାମଲା**

ବଲାଙ୍ଗୀର ଅଫିସ, ୧୪।୨

କିଛିଦିନ ତଳେ ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ବିଲେଇସର୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ପଦ ନିଲାମ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ଏବେ ଏହି ଘଟଣା ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ବିଲେଇସର୍ଡା ପଞ୍ଚାୟତ ସରପଞ୍ଚ ପଦ ନିଲାମ ଘଟଣାରେ ଟଙ୍କା କାରବାର ଓ ପ୍ରଚାର ବେଳେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ଅଭିଯୋଗରେ ଜଣେ ପ୍ରାର୍ଥୀ ଓ ଅନ୍ୟ ଜଣଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ରୁଜୁ କରିବାକୁ ବିଡିଓଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିଡିଓ ଯୁଧିଷ୍ଠିର ନାଏକ ପୁଇଁତଳା ଥାନାରେ ଏଫ୍‌ଆଇଆର ଦାଖଲ କରିଥିବା ଜଣାପଡ଼ିଛି। ବିଲେଇସର୍ଡା ପଞ୍ଚାୟତ ନିର୍ବାଚନରେ ଟଙ୍କା କାରବାର ହେଉଥିବା ନେଇ ସରପଞ୍ଚ ପ୍ରାର୍ଥୀ ବିଳାସିନୀ ଶର୍ମା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ଟଙ୍କା କାରବାର ସମ୍ପର୍କିତ ଏକ ଭିଡିଓ କ୍ଲିପ୍ ଦାଖଲ କରିବା ପରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି ବିବେଚନା କରି ଜିଲାପାଳ ରାଣା ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

କିଛିଦିନ ପୂର୍ବରୁ ବିଲେଇସର୍ଡା ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସରପଞ୍ଚ ପଦ ନିଲାମ ବୈଠକ ବସିଥିବା ଚର୍ଚ୍ଚା ହୋଇଥିଲା। ଉକ୍ତ ବୈଠକରେ ୪୪ ଲକ୍ଷ ଟଙ୍କାର ନିଲାମ ଡାକି ଜଣେ ଆଶାୟୀ ପ୍ରାର୍ଥୀ ସରପଞ୍ଚ ପଦ ହାତେଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଏଡିଏମ୍ ତଥା ଜିଲା ଆଦର୍ଶ ଆଚରଣବିଧି ନୋଡାଲ ଅଧିକାରୀ ମହେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ ଘଟଣାର ତଦନ୍ତ ହୋଇଥିଲା। ଜଣେ ଆଶାୟୀ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ୪୪ ଲକ୍ଷ ନୁହେଁ, ୪୪ ହଜାର ଟଙ୍କା ଗାଁର ଜଗନ୍ନାଥ ମନ୍ଦିରକୁ ଦେବେ ବୋଲି ରାଜି ହୋଇଥିବା ନେଇ ଗଣମାଧ୍ୟମରେ କହିଥିଲେ। ଏବେ ଭାଇରାଲ ହୋଇଥିବା ଅନ୍ୟ ଏକ ଭିଡିଓ କ୍ଲିପ୍‌ରେ ବିଲେଇସର୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଡୁରୁପାଲି ଗ୍ରାମର ପାଟଣେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଜଣେ ପ୍ରାର୍ଥୀଙ୍କଠାରୁ ଅଣାଯାଇଥିବା କୁହାଯାଉଛି। ଉକ୍ତ ଭିଡିଓ ସହ ନିର୍ବାଚନରେ ଟଙ୍କା କାରବାର ହେଉଥିବା ନେଇ ସରପଞ୍ଚ ପ୍ରାର୍ଥୀ ଶର୍ମା ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

# ପ୍ରେମର ପରିବେଶ


ପୁରୀ ବେଳାଭୂମି


ଭୁବନେଶ୍ୱର ଫରେଷ୍ଟ ପାର୍କ

ଭୁବନେଶ୍ୱର, ୧୪।୨ (ବ୍ୟୁରୋ) - ଭାଲେଣ୍ଟାଇନ୍ସ ଡେ' ପାଇଁ ସୋମବାର ରାଜଧାନୀ ସମେତ ସାରା ରାଜ୍ୟରେ ପ୍ରେମର ପରିବେଶ ବାରି ହୋଇ ପଡିଥିଲା। ପାର୍କଠାରୁ ଆରମ୍ଭ କରି ମନ୍ଦିର, ଶପିଂ ମଲ୍, ପର୍ଯ୍ୟଟନସ୍ଥଳୀ, ସମୁଦ୍ରକୂଳ ସବୁଆଡ଼େ ପ୍ରେମ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। ସାଙ୍ଗହୋଇ ବୁଲାବୁଲି, ଖିଆପିଆ ସହ ସମୟ ବିତାଇବା ସୁଯୋଗକୁ ହାତଛଡ଼ା କରି ନ ଥିଲେ। ୟା'ରି ଭିତରେ 'ବି ମାଇଁ ଭାଲେଣ୍ଟାଇନ୍' କହି ପରସ୍ପରକୁ ପ୍ରପୋଜ୍ ମଧ କରିଥିଲେ। ପ୍ରେମକୁ ପାଥେୟ କରି ସାରା ଜୀବନ କାଟିବା ସହ ଭବିଷ୍ୟତ ପାଇଁ ସୁନେଲି ସ୍ୱପ୍ନ ଦେଖିଥିଲେ ପ୍ରେମୀଯୁଗଳ।




## ଆକର୍ଷଣ ଥିଲା ଶପିଂ ମଲ୍‌ର ସେଲ୍‌ଫି ଜୋନ୍

କରୋନା କଟକଣା ପାଇଁ ଶପିଂ ମଲ୍, ହୋଟେଲ, ରେଷ୍ଟୁରାଣ୍ଟଗୁଡିକରେ ଭାଲେଣ୍ଟାଇନ୍ସ ଡେ' ଲାଗି ସେପରି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନ ଥିଲା। ତେବେ ପାର୍କ ଗଲେ ବିଭିନ୍ନ ସଂଗଠନର ବିରୋଧ ଭୟ ଅଧିକ ଥିବାରୁ ପ୍ରେମୀମାନେ ଶପିଂ ମଲ୍‌ରେ ସମୟ ବିତାଇବାକୁ ଉଚିତ୍ ମଣିଥିଲେ। ଏହାକୁ ଦୃଷ୍ଟିରେ ରଖି ଛୋଟ ବଡ଼ ମଲ୍‌ଗୁଡିକରେ ରଙ୍ଗିନ ଲାଇଟ୍, ବେଲୁନ୍‌ରେ ସାଜସଜ୍ଜା ସହ ସେଲ୍‌ଫି ଜୋନ୍ ବେଶ୍ ଆକର୍ଷଣୀୟ ଥିଲା। ଏଥିସହ କେତେକ ମଲ୍‌ରେ ଭାଲେଣ୍ଟାଇନ୍ସ ଡେ' ପାଇଁ ସ୍ୱତନ୍ତ୍ର ଅଫର୍ ମଧ ରଖାଯାଇଥିଲା। ବିଶେଷକରି ମଲ୍‌ର ଫୁଡ୍‌କୋର୍ଟରେ ପ୍ରେମି ଯୁଗଳଙ୍କ ଅଧିକ ସମାଗମ ଲାଗି ରହିଥିଲା।

## ରେଷ୍ଟୁରାଣ୍ଟରେ କ୍ୟାଣ୍ଡେଲ ନାଇଟ୍ ଡିନର, ପାର୍କରେ ମଉଜ

କେହି କେହି ପର୍ଯ୍ୟଟନସ୍ଥଳ ବୁଲିଥିଲେ ତ ଆଉକେହି କ୍ୟାଣ୍ଡେଲ ନାଇଟ୍ ଡିନର କରି ଏହି ଦିନକୁ ସେଲିବ୍ରେଶନ କରିଥିଲେ। ରାଜଧାନୀର କେତେକ ରେଷ୍ଟୁରାଣ୍ଟ ଓ ହୋଟେଲରେ ଅଫର୍ ସହିତ କପଲ୍‌ଙ୍କ ପାଇଁ କ୍ୟାଣ୍ଡେଲ୍ ନାଇଟ୍ ଡିନରର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ମେନ୍ୟୁ ମଧ ପ୍ରସ୍ତୁତ ହୋଇଥିଲା। ସେହିଭଳି ଆଇଜି ପାର୍କ, ଫରେଷ୍ଟ ପାର୍କ, ଜୟଦେବ ବାଟିକା ସହିତ ବିଭିନ୍ନ ପାର୍କ ଏବଂ ପର୍ଯ୍ୟଟନସ୍ଥଳୀଗୁଡିକରେ ପ୍ରେମୀ ଯୁଗଳଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହାତରେ ହାତ ଛନ୍ଦି ପରସ୍ପର ସହ ବିଶେଷ ମୁହୂର୍ତ୍ତ ବିତାଇଥିଲେ। କେତେକ ଯୋଡ଼ି ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିବା ସହ ନିଜ ପ୍ରେମର ବନ୍ଧନକୁ ଆହୁରି ସୁଦୃଢ଼ କରିବା ପାଇଁ ଆର୍ଶୀବାଦ ଭିକ୍ଷା କରିଥିଲେ।

## ପିତୃ ମାତୃ, ଶହୀଦ ଦିବସ ଭାବେ ପାଳିଲେ

ପ୍ରେମ କେବଳ ପ୍ରେମିକା ପ୍ରେମିକଙ୍କ ମଧରେ ସୀମିତ ନୁହେଁ। ଏହାର ଅର୍ଥ ବ୍ୟାପକ। ଏପରି ବାର୍ତ୍ତା ନେଇ ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମେତ ବିଭିନ୍ନ ଅନୁଷ୍ଠାନରେ ପିତୃମାତୃ ଦିବସ ପାଳନ କରାଯାଇଛି। ସେହିପରି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ନୟାପଲ୍ଲୀ ପାର୍କ ନିକଟରେ ପିତୃମାତୃ ଦିବସ ପାଳନ କରାଯାଇଛି। ଭାଲେଣ୍ଟାଇନ୍ସ ଡେ'କୁ ବିରୋଧ କରା ନ ଯାଇ ଏଭଳି ପାଳନ କରାଯିବ ବୋଲି ପରିଷଦ ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ କହିଛନ୍ତି। ସେହିପରି ପୁଲ୍‌ୱାମା ଶହୀଦ୍ ଯବାନଙ୍କ ସ୍ମୃତିରେ ଇନ୍‌ସାନିୟତ୍, ସେବା ହିଁ ସଂକଳ୍ପ, ଏବିଭିପି, ଭୁବନେଶ୍ୱର ଜିଲା ଭାଜପା ଯୁବମୋର୍ଚ୍ଚା ଆଦି ବିଭିନ୍ନ ସଂଗଠନ ପକ୍ଷରୁ ଶହୀଦ ଦିବସ ଭାବେ ପାଳନ କରାଯାଇଥିଲା।








୨୦୧୯ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏବିଭିପି ଓ ଭୁବନେଶ୍ୱର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାମ ମନ୍ଦିର ସମ୍ମୁଖରେ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପୁ


@ ପ୍ରସଙ୍ଗ


@ ସୁଶୀଲ


@ ପବିତ୍ର


@ ରାମ


@ ସତ୍ୟ

# ନି-ଷ୍ଟ୍ରାଇକର ସଚିନଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୧୪।୨ (ବ୍ୟୁରୋ)**

ନି-ଷ୍ଟ୍ରାଇକର ସଚିନ ବେହେରାଙ୍କ ସଫଳତା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୋମବାର ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ୨୦୧୯ରେ ନି-ଷ୍ଟ୍ରାଇକ୍‌ରେ ବିଶ୍ୱ ରେକର୍ଡ ହାସଲ କରିଥିବାରୁ ଗିନିଜ୍ ବୁକ୍ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। କ୍ରୀଡ଼ା ପାଇଁ ସଚିନଙ୍କୁ ସବୁପ୍ରକାର ସହଯୋଗ କରିବାକୁ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ସଚିନ ଯେଭଳି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି, ଯୁବ ଖେଳାଳିମାନେ ତାଙ୍କ ପରି ନିଷ୍ଠା ଓ ପରିଶ୍ରମ କରିପାରିଲେ, ସେମାନେ ମଧ ସେଭଳି ଓଡ଼ିଶା ପାଇଁ ଗୌରବ ଆଣିପାରିବେ ବୋଲି ରାଜ୍ୟପାଳ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୩୦ରେ ସଚିନ ଆଉ ଏକ ନୂତନ ରେକର୍ଡ଼ ସ୍ଥାପନ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦ୍‌ଙ୍କ ନାମରେ ଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡକୁ ଭାଙ୍ଗିବାକୁ ପ୍ରୟାସ କରିଛନ୍ତି। ମହମ୍ମଦ ୩ ମିନିଟ୍‌ରେ ୧୭୮ଥର ନି-ଷ୍ଟ୍ରାଇକ୍ କରିଥିବାବେଳେ ସଚିନ୍ ଏହି ସମୟ ମଧରେ ଆଣ୍ଠୁରେ ୫ କେଜିର ଏଙ୍କେଲ ୱେଟ୍ ବାନ୍ଧି ୨୦୪ଥର ନି-ଷ୍ଟ୍ରାଇକ୍ କରିଛନ୍ତି। ଏ ସଂକ୍ରାନ୍ତରେ ଗିନିଜ୍ ବୁକ୍ ଅଫ୍ ରେକର୍ଡକୁ ସମସ୍ତ ତଥ୍ୟ ପଠାଯାଇଥିବାବେଳେ ଆଉ ଏକ ସାର୍ଟିଫିକେଟକୁ ଅପେକ୍ଷା କରିଛନ୍ତି ସଚିନ।


ନି-ଷ୍ଟ୍ରାଇକର ସଚିନ ବେହେରାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

## କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)- ସୃଜନୀ ପରିବାର ଚେନ୍ନାଇ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟର ପ୍ରଥିତଯଶା କିମ୍ବଦନ୍ତୀ ପୁରୁଷ ସାମ୍ବାଦିକ, ରାଜନୀତିଜ୍ଞ ଓ ସ୍ତମ୍ଭକାର ତଥା କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଡ.ବାସନ୍ତୀ ମହାନ୍ତି ଓ ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଆଶୁତୋଷ ସାମନ୍ତ ସିଂହାରଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଶିକ୍ଷାବିତ ଡ. ଗିରୀଶ ଚନ୍ଦ୍ର ସାହୁ, ଲୋପାମୁଦ୍ରା ମହାନ୍ତି, କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି ମେମୋରିଆଲ ଟ୍ରଷ୍ଟର ସାଧାରଣ ସମ୍ପାଦକ ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧାପିକା ଡ. ମହାନ୍ତି ସୃଜନୀ ପରିବାରର ଆଭିମୁଖ୍ୟ ବିଷୟରେ କହିଥିଲେ। ସୃଜନୀ ପରିବାରର ସମ୍ପାଦକ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ଓ ସୁମତି ମୁଣ୍ଡ ଧନ୍ୟବାଦ ଦେଇଥିଲେ।

# ଝାଡ଼ଖଣ୍ଡରୁ ଜମତରା ଗ୍ୟାଙ୍ଗ୍‌ର ଆଉ ୨ ଗିରଫ

### ସାଇବର ଠକେଇ

**୫ ମୋବାଇଲ୍, ୩ ସିମ୍ କାର୍ଡ, ୨ ବ୍ୟାଙ୍କ୍ ପାସ୍ ବୁକ୍, ୨ ଚେକ୍ ବୁକ୍ ଜବତ**

**ଭୁବନେଶ୍ୱର, ୧୪।୨ (ବ୍ୟୁରୋ)**

ସାଇବର ଠକେଇ ମାମଲାରେ ଭୁବନେଶ୍ୱର ସହରାଞ୍ଚଳ ସାଇବର ଥାନାକୁ ସଫଳତା ମିଳିଛି। ଏକ ଅଭିଯୋଗର ତଦନ୍ତ କରି ପୋଲିସ ରାଜ୍ୟ ବାହାରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡଖଣ୍ଡର ଗିରିଡି ଜିଲା ଟାଉନ୍‌ଥାନା ଅନ୍ତର୍ଗତ କମାଲ ଜୈସ୍ୱାଲ (୨୧) ଓ ଆନନ୍ଦ କୁମାର ଭଗତ। ସେମାନଙ୍କ ନିକଟରୁ ୫ ମୋବାଇଲ ଫୋନ୍, ୩ ସିମ୍ କାର୍ଡ, ୨ ବ୍ୟାଙ୍କ୍ ପାସ୍ ବୁକ୍ , ୨ ଚେକ୍ ବୁକ୍, ଗୋଟିଏ ଆଧାର କାର୍ଡ, ପାନ୍ କାର୍ଡ ଓ ପ୍ଲାଟିନମ୍ ଡେବିଟ୍ କାର୍ଡ ଜବତ କରିଛି। ଏମାନେ ଜମତରା ଗ୍ୟାଙ୍ଗ୍‌ର ସଦସ୍ୟ ଥିବା ଓ ଏମାନଙ୍କ ନାମରେ ପୂର୍ବରୁ ୫୫ଟି ସାଇବର ଠକେଇ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଆଇପିସି ଦଫା ୪୨୦, ଆଇଟି ଆକ୍ଟ ୬୬ (ସି), ୬୦(ଡି)ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।


ଗିରଫ ଦୁଇ ଅଭିଯୁକ୍ତ।

ସୂଚନା ଅନୁଯାୟୀ, ଠକେଇର ଶିକାର ହୋଇଥିଲେ ପାରାଦୀପର ଜଣେ ସିଭିଲ ଇଞ୍ଜିନିୟର। ସେ ଜାନୁୟାରୀ ୩୧ରେ ବ୍ୟକ୍ତିଗତ କାମରେ ଭୁବନେଶ୍ୱର ଆସିଥିବାବେଳେ ସକାଳ ପ୍ରାୟ ୧୦ଟା ୫୦ରେ ତାଙ୍କ ଫୋନକୁ ୭୭୮୨୦୦୬୩୬୯ ନମ୍ବରରୁ ଏକ କେୱାଇସିଜନିତ ମେସେଜ ସହ ଏକ ଲିଙ୍କ୍ ଆସିଥିଲା। କେୱାଇସି ଅପ୍‌ଡେଟ ନ ଥିବାରୁ ବ୍ୟାଙ୍କ୍ ଆକାଉଣ୍ଟ କ୍ଲୋଜ୍ ହୋଇଯିବ ଓ ଅପ୍‌ଡେଟ ପାଇଁ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ପାଇଁ ଉଲ୍ଲେଖ ଥିଲା। ଅଭିଯୋଗକାରୀ ଜଣକ ଉକ୍ତ ଲିଙ୍କଟିକୁ କ୍ଲିକ୍ କରିଦେବା ପରେ ତାଙ୍କ ଆକାଉଣ୍ଟରୁ ମୋଟ ୩୦ହଜାର ୬୫ ଟଙ୍କା ୮୯ ପଇସା କଟିଯାଇଥିଲା। ଏନେଇ ଅଭିଯୋଗ ପରେ ସାଇବର ଥାନା ପୋଲିସ ମାମଲା (ନଂ.୦୬/୨୦୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ମେସେଜ ଆସିଥିବା ଉକ୍ତ ଫୋନ୍ ନମ୍ବର ଆଧାରରେ ସାଇବର ଥାନା ପୋଲିସ ଝାଡ଼ଖଣ୍ଡରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ମଧ ଜମତରା ଗ୍ୟାଙ୍ଗ୍‌ର ଏକାଧିକ ସଦସ୍ୟଙ୍କୁ ଓଡ଼ିଶା ପୋଲିସ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଏଯାଏ ଧରାପଡି ନ ଥିବାରୁ ର୍ୟାକେଟ ବେଶ୍ ସକ୍ରିୟ ରହିଛି।

# ରାଷ୍ଟ୍ରପତିଙ୍କ ପାଇଁ ୨ ଘଣ୍ଟା ବନ୍ଦ ରହିବ ଦର୍ଶନ

### ୧୯ରେ ଆସିବେ ପୁରୀ

**ପୁରୀ ଅଫିସ, ୧୪।୨**

ଆସନ୍ତା ୧୯ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ସୋମବାର ପୁରୀ ଭକ୍ତ ନିବାସରେ ଛତିଶା ନିଯୋଗ ବୈଠକ ବସି ଆଲୋଚନା ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨ଘଣ୍ଟା ଧରି ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ଆସନ୍ତା ୧୯ ତାରିଖରେ ରାଷ୍ଟ୍ରପତି ସପରିବାର ପୁରୀ ଆସିବେ। ଏହି ଅବସରରେ ରାଷ୍ଟ୍ରପତି ସପରିବାର ଉକ୍ତଦିନ ଅପରାହ୍ନ ୫ଟାରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ସେ ଶ୍ରୀମନ୍ଦିର ପରିସରରେ ରହିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ସେ ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବା ପରେ ପୁଣି ପୂର୍ବ ପରି ସାଧାରଣ ଦର୍ଶନ ଚାଲିବ। ଅନ୍ୟପକ୍ଷରେ ବୈଠକରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ପୂର୍ବ ପ୍ରସ୍ତୁତି, ଶ୍ରୀମନ୍ଦିର ନୀତି ପରିଚାଳନା ଓ ସାଧାରଣ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ କେଉଁମାନେ ଉପସ୍ଥିତ ରହିବେ, ପାର୍କିଂ କେଉଁଠି ହେବ, ଗଣମାଧ୍ୟମ ପ୍ରତିନିଧିମାନେ କେଉଁଠି ରହିବେ ଓ ଶ୍ରୀମନ୍ଦିର ସମ୍ମୁଖ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ ତାହାର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରାଯାଇଛି। ସେହିଭଳି ରାଷ୍ଟ୍ରପତିଙ୍କ ସହ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ଅଧିକାରୀ ଶ୍ରୀମନ୍ଦିରରେ ପ୍ରବେଶ କରି ଗର୍ଭଗୃହ ମଧରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେ ନେଇ ମଧ ଆଲୋଚନା କରାଯାଇଛି। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଶ୍ରୀମନ୍ଦିର ସମ୍ମୁଖ ଅଞ୍ଚଳ ସମେତ ରାଜଭବନ, ହେଲିପ୍ୟାଡ୍, ଶରଧାବାଲି ଓ ଗୌଡ଼ୀୟ ମଠ ପ୍ରଭୃତି ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୨ଶହରୁ ଊର୍ଦ୍ଧ୍ୱ ଅଧିକାରୀ ନିୟୋଜିତ ହେବେ।


ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର।

**ଜିଲା ପରିଷଦ ପ୍ରାର୍ଥୀଙ୍କ ଗାଡ଼ିକୁ ଢେଲାମାଡ଼**

**ବାଙ୍ଗୁଣୀ,(ଡି.ଏନ୍.ଏ.):** ବୌଦ୍ଧ ଜିଲା ୪ନଂ. ଜୋନର ଭାଜପା ଜିଲା ପରିଷଦ ପ୍ରାର୍ଥୀ ରାକେଶ କୁମାର ତ୍ରିପାଠୀଙ୍କ ଗାଡ଼ି ଓ ପ୍ରଚାର ଗାଡ଼ି ଉପରକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଢ଼େଲା ମାଡ଼ କରିଥିବା ଅଭିଯୋଗ ହୋଇଛି। ମନମୁଣ୍ଡା ଥାନା ଶଗଡା ପଞ୍ଚାୟତ ବେନାମୁଣ୍ଡା ଗ୍ରାମରୁ ସେ ଫେରୁଥିବାବେଳେ ରାତି ପ୍ରାୟ ୮ରେ କେତେଜଣ ଯୁବକ ୧୦ରୁ ଅଧିକ ଢ଼େଲାପଥର ମାରି ଅନ୍ଧାରରେ ଫେରାର୍ ହୋଇଯାଇଥିଲେ। ଏ ସମ୍ପର୍କରେ ସେ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।



# ପ୍ରତିଶୋଧ ନେଲେ ପ୍ରଧାନମନ୍ତ୍ରୀ

**ଜଳନ୍ଧର,୧୪।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୨୦୧୪ ସାଧାରଣ ନିର୍ବାଚନ ବେଳର ଏକ ଘଟଣାକୁ ନେଇ ଟାର୍ଗେଟ କରିଛନ୍ତି। କଂଗ୍ରେସ ଶାସିତ ପଞ୍ଜାବସ୍ଥିତ ଜଳନ୍ଧରରେ ଭାଜପାର ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ମୋଦି କହିଛନ୍ତି, ୨୦୧୪ରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା କରାଯାଇଥିଲା। ସେ ପଞ୍ଜାବର ପଠାନକୋଟ ଓ ହିମାଚଳ ପ୍ରଦେଶକୁ ପ୍ରଚାର ପାଇଁ ଯାଇଥିଲେ। କିନ୍ତୁ ସେ ଅମୃତସରରେ ପହଞ୍ଚିଥିବାବେଳେ ରାହୁଲ ମଧ୍ୟ ସେଠାରେ ଥିଲେ। ତେଣୁ ତାଙ୍କ ହେଲିକପ୍ଟରକୁ ଉଡ଼ାଣ ଅନୁମତି ମିଳି ନ ଥିଲା। ଏହାକୁ ନେଇ ମୋଦି କହିଛନ୍ତି, ଯୁବରାଜ ଅମୃତସର ଉପରେ ଉଡ଼ାଣ କରୁଥିବାରୁ ମୋ ହେଲିକପ୍ଟରକୁ ଅଟକାଇଦେଇଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ହେଲିକପ୍ଟରକୁ ସୋମବାର ଚଣ୍ଡିଗଡ଼ର ରାଜେନ୍ଦ୍ର ପାର୍କରୁ ଉଡ଼ାଣ ପାଇଁ ଅନୁମତି ଦିଆ ନ ଯିବା ପରିପ୍ରେକ୍ଷୀରେ ମୋଦିଙ୍କ ଏହି ମନ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ଚଣ୍ଡିଗଡ଼କୁ 'ନୋ ଫ୍ଲାଇଂ ଜୋନ୍' କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚନ୍ନି ହୋସିଆରପୁରକୁ ରାହୁଲଙ୍କ ସଭାରେ



ନରେନ୍ଦ୍ର ମୋଦି

ଯୋଗଦେବା ପାଇଁ ବାହାରିଥିବାବେଳେ ହଟହଟା ହୋଇଥିଲେ। ଗତ ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ଫିରୋଜପୁର ଯାଇଥିବାବେଳେ କୃଷକମାନେ ବିରୋଧ କରିଥିଲେ। ଫଳରେ ସେ ଏକ ଫ୍ଲାଏଓଭର ଉପରେ ୨୦ ମିନିଟ ଫସିରହିବା ପରେ ଦିଲ୍ଲୀ ଫେରିଯାଇଥିଲେ। ଚନ୍ନିଙ୍କୁ ଉଡ଼ାଣ ଅନୁମତି ନ ମିଳିବା ପଛରେ ଏହାକୁ ମଧ୍ୟ ଏକ କାରଣ ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରତିଶୋଧ ରୂପେ ଦେଖାଯାଉଛି।

ପଞ୍ଜାବର ୧୧୭ ଆସନରେ ଫେବୃୟାରୀ ୨୦ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱାଧୀନ ପଞ୍ଜାବ ଲୋକ କଂଗ୍ରେସ ଏବଂ ସୁଖଦେବ ସିଂ ଧିଣ୍ଡସାଙ୍କ ଶିରୋମଣୀ ଅକାଳୀ ଦଳ (ସଂଯୁକ୍ତ) ସହ ଭାଜପା ମେଣ୍ଟ କରିଛି। ଜଳନ୍ଧର ସଭାରେ ଅମରିନ୍ଦର ଓ ସୁଖଦେବଙ୍କ ଉପସ୍ଥିତିରେ ମୋଦି କହିଥିଲେ, ରାଜ୍ୟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛି। ନୂଆ ସରକାର ପଞ୍ଜାବରେ ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିବ। କଂଗ୍ରେସ ଅମରିନ୍ଦରଙ୍କୁ ଅପମାନିତ କରିଛି। ଏହି ଦଳ ଏବେ ତା'ର ଭୁଲ୍ କାର୍ଯ୍ୟ ପାଇଁ ଫଳ ଭୋଗୁଛି ବୋଲି ମୋଦି ସମାଲୋଚନା କରିଥିଲେ।

- ଚଣ୍ଡିଗଡ଼ରେ ଚନ୍ନିଙ୍କ ହେଲିକପ୍ଟର ଅବତରଣ ପାଇଁ ଅନୁମତି ଦେଲେନି
- ୨୦୧୪ରେ ମୋ ହେଲିକପ୍ଟର ଅଟକାଇଥିଲେ 'ଯୁବରାଜ': ମୋଦି

## ମୁଁ ଆତଙ୍କବାଦୀ ନୁହେଁ: ଚନ୍ନି



**ଚଣ୍ଡିଗଡ଼,୧୪।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କୁ ଘଣ୍ଟାଏରୁ ଅଧିକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଛି। 'ନୋ ଫ୍ଲାଇଂ ଜୋନ୍' ଆଳରେ ଅନୁମତି ନ ମିଳିବାରୁ ଶେଷରେ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଭାରେ ଯୋଗଦେଇପାରି ନ ଥିବା କହିଛନ୍ତି। ଚନ୍ନି ଆହୁରି କହିଛନ୍ତି, ସେ ଜଣେ ଆତଙ୍କବାଦୀ ନୁହନ୍ତି। ହୋଶିଆରପୁର ଯିବା ପାଇଁ ତାଙ୍କୁ ଅଟକାଯିବା ଦୁର୍ଭାଗ୍ୟଜନକ ବୋଲି ସେ ନିନ୍ଦା କରିଛନ୍ତି। ନିର୍ବାଚନ କମିଶନ ଏନେଇ କାର୍ଯ୍ୟାନୁଷ୍ଠାନ ନ ନେଲେ ଏହି ସମସ୍ତ ନିର୍ବାଚନ ଏକ ପ୍ରହସନ ବୋଲି ବରିଷ୍ଠ କଂଗ୍ରେସ ନେତା ସୁନୀଲ ଜାଖଡ଼ କହିଛନ୍ତି।

# ଉତ୍ତରାଖଣ୍ଡ, ଗୋଆରେ ଭୋଟ ଶେଷ

- ୟୁପିର ୫୫ ଆସନରେ ୬୧.୦୬% ମତଦାନ
- ଧାମିଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ
- ପଣଜୀରେ ଭାଜପାକୁ କଡ଼ା ଟକ୍କର ଦେଲେ ପାରିକରଙ୍କ ପୁଅ

**ନୂଆଦିଲ୍ଲୀ,୧୪।୨**

କୋଭିଡ୍ କଟକଣା ଓ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ସୋମବାର ଉତ୍ତରାଖଣ୍ଡ ବିଧାନସଭାର ୭୦ ଓ ଗୋଆର ୪୦ ଆସନରେ ନିର୍ବାଚନ ଶେଷ ହୋଇଛି। ଏହି ଦୁଇ ରାଜ୍ୟରେ ଯଥାକ୍ରମେ ୬୨.୫% ଓ ୭୮.୯୪% ମତଦାନ ହୋଇଛି। ସେହିପରି ଉତ୍ତର ପ୍ରଦେଶରେ ଦ୍ୱିତୀୟ ପର୍ଯ୍ୟାୟରେ ୫୫ ଆସନରେ ହୋଇଥିବା ନିର୍ବାଚନରେ ୬୦.୪୪ ପ୍ରତିଶତ ଭୋଟ ଗ୍ରହଣ କରାଯାଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ।

ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ୟୁପିର ସାହରନପୁର, ବିଜ୍‌ନୋର, ମୋରାଦାବାଦ, ସମ୍ଭଲ, ରାମପୁର, ଆମ୍‌ରୋହା, ବଦାୟୁଁ ବରେଲି ଏବଂ ଶାହଜାହାନପୁର ଜିଲାର ୫୫ ଆସନରେ ନିର୍ବାଚନ ହୋଇଛି। ତେବେ ମୁସଲମାନ ସଂଖ୍ୟାବହୁଳ ତଥା ସମାଜବାଦୀ ପାର୍ଟି (ଏସ୍‌ପି)ର ଦୁର୍ଗ ଭାବେ ପରିଚିତ ବିଜ୍‌ନୋର, ସମ୍ଭଲ ଓ ସାହରନପୁର ଜିଲାର ୮ ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଥିଲା। ୨୦୧୭ ନିର୍ବାଚନରେ ଏହି ୫୫ ଆସନରୁ ଭାଜପାକୁ ୩୮, ଏସ୍‌ପି ୧୫ ଏବଂ କଂଗ୍ରେସକୁ ୨ ଆସନରେ ସଫଳତା ମିଳିଥିଲା। ଏସ୍‌ପି ଟିକେଟରେ ବିଜୟୀ ହୋଇଥିବା ୧୦ ପ୍ରାର୍ଥୀ ମୁସଲମାନ ହୋଇଥିବାରୁ ଏଥର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଦୁର୍ଗ ଭେଦ କରିବାକୁ ଯଥାସମ୍ଭବ ଉଦ୍ୟମ



ଉତ୍ତର ପ୍ରଦେଶର ମୋରାଦାବାଦରେ ମତଦାନ ପରେ ଶୋରିଷ ଖେତରେ ଛିଡ଼ାହୋଇ ଅଙ୍ଗୁଳିର ଅଲିଭା କାଳିଚିହ୍ନ ଦେଖାଉଛନ୍ତି କୃଷକ ଦମ୍ପତି।

କରିଛନ୍ତି। ମତଦାନ ଶେଷ ହେବା ସହ ଇଭିଏମ୍‌ରେ ଏସ୍‌ପିର ଆଜମ ଖାନ, ଧରମ ସିଂ ସୈନି, ରାଜ୍ୟର ଅର୍ଥମନ୍ତ୍ରୀ ସୁରେଶ ଖାନ୍ନାଙ୍କ ସମେତ ବହୁ ବରିଷ୍ଠ ନେତାଙ୍କ ଭାଗ୍ୟ ସିଲ୍ ହୋଇଯାଇଛି। ଆଜମ ଖାନ୍ ଜେଲରେ ଥାଇ ରାମପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି।

ଗୋଆ ବିଧାନସଭା ନିର୍ବାଚନ ଏଥର ଅଧିକ ରୋଚକ ହୋଇଛି। ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରଥମ ଥର ଭାଗ୍ୟ ପରୀକ୍ଷା ପାଇଁ ଉପକୂଳ ରାଜ୍ୟକୁ ଆସିଛନ୍ତି। ତେଣୁ ୟୁପି ପରେ ଗୋଆ ଉପରେ ସମସ୍ତଙ୍କ ନଜର ରହିଥିଲା। ଏଠାରେ ୨୦୧୭ରେ କଂଗ୍ରେସ ସର୍ବାଧିକ ଆସନ ଦଖଲ କରିଥିଲେ ହେଁ ଭାଜପା ଚାଲାକି କରି ସରକାର ଗଢ଼ିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମନୋହର ପାରିକରଙ୍କ ପାରମ୍ପରିକ ଆସନ ପଣଜୀରେ ତାଙ୍କ ପୁଅ ଉତ୍ପଳ ପାରିକର ସ୍ୱାଧୀନ ପ୍ରାର୍ଥୀ ଭାବେ କଂଗ୍ରେସରୁ ଭାଜପାକୁ ଆସିଥିବା ହେଭିୱେଟ୍ ଆଟାନାସିଓ ମୋନସେରେଟ୍‌ଙ୍କୁ ବିଗ୍ ଫାଇଟ୍ ଦେଇଥିବା କୁହାଯାଉଛି। ପୂର୍ବ ନିର୍ବାଚନରେ ଗୋଆରେ ୮୧.୨୧% ମତଦାନ ହୋଇଥିବାବେଳେ ଏଥର ପ୍ରାୟ ୭୯ ପ୍ରତିଶତକୁ ଖସିଛି।

ନିର୍ବାଚନ ପ୍ରଚାର ସମୟ ଶେଷ ହୋଇଯାଇଥିଲେ ସୁଦ୍ଧା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ତାଙ୍କ ସ୍ତ୍ରୀ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ବିବାଦୀୟ ହୋଇଛନ୍ତି। ଉଭୟେ ଭାଜପାର ନିର୍ବାଚନୀ ଚିହ୍ନ ପଦ୍ମ ରହିଥିବା ଶାଲ ଧାରଣ କରି ବୁଥ୍‌ରୁ ବୁଥ୍‌କୁ ବୁଲିଥିବା ଏଏପି ପ୍ରାର୍ଥୀ ଏସ୍.ଏସ୍. କଲେର ଅଭିଯୋଗ ଆଣିଛନ୍ତି। ଏଠାରେ ଧାମିଙ୍କ ସମେତ କ୍ୟାବିନେଟ ମନ୍ତ୍ରୀ ସତପାଲ ସିଂ ମହାରାଜ, ସୁବୋଧ ଉନିୟାଲ, ଅରବିନ୍ଦ ପାଣ୍ଡେ, ଧନ ସିଂ ରାଓ୍ୱତ୍ ଏବଂ କଂଗ୍ରେସ ଦଳର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାଓ୍ୱତ୍, ପିସିସି ସଭାପତି ଗଣେଶ ଗୋଡ଼ିୟାଲ ଏବଂ ବିରୋଧୀ ଦଳ ନେତା ପ୍ରୀତମ୍ ସିଂଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ୟୁପିରେ ଆସନ୍ତା ୨୦, ୨୩, ୨୭ ଓ ମାର୍ଚ୍ଚ ୩, ୭ରେ ଅବଶିଷ୍ଟ ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଉତ୍ତରାଖଣ୍ଡ, ଗୋଆ ସମେତ ଭୋଟ ଗ୍ରହଣ ବାକି ଥିବା ପଞ୍ଜାବ ଓ ମଣିପୁରବାସୀ କେଉଁ ଦଳକୁ ଶାସନ କ୍ଷମତା ଧରାଉଛନ୍ତି ତାହା ମାର୍ଚ୍ଚ ୧୦ ଜନାଦେଶରୁ ସ୍ପଷ୍ଟ ହେବ।

## ସ୍ତ୍ରୀଙ୍କ ପାଇଁ ପ୍ରଚାର କରି ଶିକ୍ଷକ ନିଲମ୍ବିତ

**ବଲାଙ୍ଗୀର ଅଫିସ, ୧୪।୨**

ସରକାରୀ କର୍ମଚାରୀ ହୋଇ ସ୍ତ୍ରୀଙ୍କ ପାଇଁ ନିର୍ବାଚନ ପ୍ରଚାରରେ ଭାଗନେବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ପୁଇଁତଲା ଥାନା ଲୋକାପଡ଼ା ଗ୍ରାମର ସମ୍ପୃକ୍ତ ପ୍ରାଥମିକ ସ୍କୁଲ ସହକାରୀ ଶିକ୍ଷକ ତରଣୀସେନ୍ ପଧାନଙ୍କୁ ଚାକିରିରୁ ନିଲମ୍ବନ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷକ ପଧାନଙ୍କ ସ୍ତ୍ରୀ ଲିପିକା ଜିଲା ପରିଷଦ ପ୍ରାର୍ଥୀ ଭାବେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଲିପିକାଙ୍କ ପାଇଁ ତରଣୀସେନ୍ ପ୍ରଚାର ଅଭିଯାନରେ ସାମିଲ ଥିବା ନେଇ ଅଭିଯୋଗ ହୋଇଥିଲା। ଜଣେ ସରକାରୀ କର୍ମଚାରୀ ହୋଇ ଶିକ୍ଷକ ପଧାନ କିଭଳି ନିର୍ବାଚନ ପ୍ରଚାର କରୁଛନ୍ତି ବୋଲି ଜିଲାପାଳଙ୍କଠାରେ ଅଭିଯୋଗ ହେବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆ ଏହାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ସମୟରେ ଶିକ୍ଷକ ଜଣଙ୍କ ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଥିବା ସ୍ପଷ୍ଟ ହୋଇଥିଲା।

## ଭାଜପା ବିରୋଧରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

ଚଳିତ ପଞ୍ଚାୟତ ନିର୍ବାଚନରେ କେତେକ ସ୍ଥାନରେ ରାଜନୈତିକ ହିଂସା ଦେଖିବାକୁ ମିଳୁଛି। ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ପରସ୍ପର ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେଉଛନ୍ତି। ରବିବାର ଗଜପତି ଜିଲାର ଗୋଷାଣୀ ବ୍ଲକର ଶରଧାପଲ୍ଲୀ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀଙ୍କୁ ଭାଜପା କର୍ମୀ ମରଣାନ୍ତକ ଆକ୍ରମଣ କରିଥିବା ବିଜେଡି ଅଭିଯୋଗ କରିଛି। ଆହତ ସରପଞ୍ଚ ପ୍ରାର୍ଥୀ ପାରଳାଖେମୁଣ୍ଡି ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଭାଜପା ରାଜ୍ୟ ନେତୃତ୍ୱଙ୍କ ସମ୍ପୃକ୍ତି ଥିବା ବିଜେଡି ଅଭିଯୋଗ କରିଛି। ଏନେଇ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛି। ମରଣାନ୍ତକ ଆକ୍ରମଣ ଘଟଣାରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

# ଜିଲା ପରିଷଦ ପ୍ରାର୍ଥୀ, ଖବରଦାତାଙ୍କୁ ଆକ୍ରମଣ

**ସମର୍ଥକଙ୍କ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଅବରୋଧ**

**ପିପିଲି,୧୪।୨(ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲି ତେଇସିପୁର ପଞ୍ଚାୟତ ଅନ୍ତର୍ଗତ ପୋଟଳ ଗ୍ରାମରେ ସୋମବାର ନିର୍ବାଚନ ପ୍ରଚାର କରୁଥିବା ସମୟରେ ଜିଲା ପରିଷଦ ପ୍ରାର୍ଥୀ ଧରଣୀଧର ସାହୁଙ୍କ ଉପରେ ବିପକ୍ଷ ଗୋଷ୍ଠିର କେତେକ ଅସାମାଜିକ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିସହ ସେଠାକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତା ବିଜୟ କୁମାର ମହାପାତ୍ରଙ୍କୁ ମଧ୍ୟ ଆକ୍ରମଣ ହୋଇଛି। ଏଥିରେ ମହାପାତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ପ୍ରାର୍ଥୀ ସାହୁଙ୍କ ସମର୍ଥକମାନେ ପୋଡଙ୍ଗ ଗ୍ରାମ୍ୟଛକ



ଆହତଙ୍କୁ ଡାକ୍ତରଖାନାରେ ପିପିଲି ଓ ସତ୍ୟବାଦୀ ବିଧାୟକ ଭେଟୁଛନ୍ତି।

ନିକଟରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ।

ପିପିଲି ବ୍ଲକ ୨୪ନଂ ଜିଲା ପରିଷଦ ଜୋନ୍‌ର ବିଜେଡି ପ୍ରାର୍ଥୀ ଧରଣୀଧର ସାହୁ ସୋମବାର ସନ୍ଧ୍ୟାରେ ପୋଟଳ ଗ୍ରାମରେ ଭୋଟ୍ ପ୍ରଚାର କରୁଥିଲେ। ଏହି ସମୟରେ ବିରୋଧୀ ରାଜନୈତିକ ଗୋଷ୍ଠୀର କେତେକ ଅସାମାଜିକ ଯୁବକ ସେଠାରେ ପହଞ୍ଚି ଧରଣୀଧରଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏତିକିବେଳେ ସେଠାରେ ଉପସ୍ଥିତ ଖବରଦାତା ବିଜୟ କୁମାର ମହାପାତ୍ରଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଜୟଙ୍କ ବାମହାତ ଭାଙ୍ଗି ଯାଇଥିଲା। ଏହାକୁ ନେଇ ଧରଣୀଧରଙ୍କ ସମର୍ଥକମାନେ ପାଡଙ୍ଗ ଗ୍ରାମ ଛକ ନିକଟରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥକୁ ସନ୍ଧ୍ୟା ସାଢ଼େ ୬ଟାରୁ ଅବରୋଧ କରିଥିଲେ। ଖବରପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଥାନାଧିକାରୀ ପହଞ୍ଚି ଆଲୋଚନା କରିବା ପରେ ସାଢ଼େ ୭ଟାରେ ରାସ୍ତା ଅବରୋଧ ହଟିଥିଲା। ତେବେ ଖବରଦାତା ବିଜୟଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିପିଲି ଅଞ୍ଚଳର କାର୍ଯ୍ୟରତ ଖବରଦତାମାନେ ଦାବି କରିଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଶୁଣି ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଧାୟକ ରୁଦ୍ର ମହାରଥୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆହତଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ପ୍ରାର୍ଥୀଙ୍କ ଅଫିସ ପୋଡ଼ିଲେ ଦୁର୍ବୃତ୍ତ

**ଗୋପ,୧୪।୨(ଡି.ଏନ୍.ଏ.):** ପଞ୍ଚାୟତ ନିର୍ବାଚନକୁ ନେଇ ଏବେ ଗୋପ ବ୍ଲକର କେତେକ ସ୍ଥାନରେ ରାଜନୈତିକ ହିଂସା ଦେଖାଦେଇଛି। ମହଲପଡ଼ା ପଞ୍ଚାୟତ ରେଢ଼ୁଆରେ ଥିବା ଜଣେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଫିସକୁ ରବିବାର ରାତିରେ ପେଟ୍ରୋଲ ଢାଳି କେତେକ ଦୁର୍ବୃତ୍ତ ପୋଡ଼ି ଦେଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୫୩/୨୨) ରୁଜୁ କରି ତଦନ୍ତ ଚଳାଇଛି। କାକଟପୁର ନିର୍ବାଚନମଣ୍ଡଳୀ ଗୋପ ବ୍ଲକ ମହଲପଡ଼ା ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ୫ଜଣ ଓ ୪ଜଣ ସମିତିସଭ୍ୟ ଲଢ଼ୁଛନ୍ତି। ଏହି ଲଢେଇରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଶିଶିରଞ୍ଜନ ନାୟକ, ସମିତି ସଭ୍ୟ ପ୍ରାର୍ଥୀ ବିଜୟ କୁମାର ନାୟକଙ୍କୁ ଭୋଟର ଅଧିକ ପସନ୍ଦ କରୁଥିବାର ପ୍ରଚାରରେ ଦେଖିବାକୁ ମିଳିଥିଲା। ଏହି କଥାକୁ ନେଇ ବିରୋଧୀ ପକ୍ଷରୁ ଅସନ୍ତୋଷ ଥିଲେ। ରବିବାର ରାତିରେ ଉକ୍ତ ୨ ପ୍ରାର୍ଥୀ ରେଢ଼ୁଆ ଅଫିସରୁ କାର୍ଯ୍ୟ ସାରି ଚାଲିଯାଇଥିଲେ। ହେଲେ ବିଳମ୍ବିତ ରାତିରେ ଉକ୍ତ ଅଫିସକୁ କେତେଜଣ ଦୁର୍ବୃତ୍ତ ପେଟ୍ରୋଲ ଢାଳି ଜାଳି ଦେଇଥିବା ନେଇ ପ୍ରାର୍ଥୀ ସୋମବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ପୋଲିସ ପହଞ୍ଚି ଯାଞ୍ଚ କରିବା ସହ ଗୋଟିଏ ପେଟ୍ରୋଲ ବୋତଲ ଜବତ କରିଛି।

## ପ୍ରଚାର ଗାଡ଼ିକୁ ଅଟକାଇ ଭାଙ୍ଗିଲେ, ଗୋଡ଼ାଇ ହାଣିଲେ





ଭଙ୍ଗାଯାଇଥିବା ପ୍ରଚାର ଗାଡ଼ି ଓ ମାଇକ୍।

**ଯୋଡ଼ା/କେନ୍ଦୁଝର, ୧୪।୨(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାମେବାରୀ ଥାନା ତଥା ଯୋଡ଼ା ବ୍ଲକ ପଳଶା ପଞ୍ଚାୟତ ଅଧୀନ ବେଲଦା ଗ୍ରାମର ବସାସନ୍ଧା ସାହିରେ ନିର୍ବାଚନୀ ହିଂସା ଘଟି ୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ପୋଲିସ ପଇଁତରା ମାରୁଛି।

ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ସରପଞ୍ଚ ପ୍ରାର୍ଥୀ ଅରୁଣ ମୁଣ୍ଡାଙ୍କ ପ୍ରଚାର ଗାଡ଼ି ପ୍ରଚାର ସାରି ଫେରୁଥିବା ବେଳେ ବିରୋଧୀ ଗୋଷ୍ଠୀ ପକ୍ଷରୁ ଆକ୍ରମଣ କରାଯାଇଥିଲା। ଆକ୍ରମଣକାରୀମାନେ ପ୍ରଚାରରେ ବ୍ୟବହୃତ ସ୍କର୍ପିଓ ଗାଡ଼ିକୁ ଭଙ୍ଗାରୁଜା କରିବା ସହିତ ଡ୍ରାଇଭର ପିକୁନ ମହାନ୍ତ, ମସ ମାଝି, ଦୁର୍ଲ୍ଲଭ ମାଝି ଓ କହ୍ନେୟାଙ୍କୁ ମାଡ଼ ମାରିବା ସହିତ ସେମାନଙ୍କୁ ମାରଣାସ୍ତ୍ରରେ ହାଣି କ୍ଷତାକ୍ତ କରିଦେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ହେଁ ବିରୋଧୀ ଗୋଷ୍ଠୀ ପକ୍ଷରୁ ଏହି ଆକ୍ରମଣ ହୋଇଥିବା ବାମେବାରୀ ଥାନା ଆଇଆଇସି ମନୋରଞ୍ଜନ ବିଶି କହିଛନ୍ତି। ଏହି ଘଟଣା ପରେ ୨ ପ୍ଲାଟୁନ ପୋଲିସ ଫୋର୍ସ ବେଲଦା ଗ୍ରାମରେ ପହଞ୍ଚିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୩ ଦିନ ପୂର୍ବରୁ କାଳୀମାଟିଠାରେ ବିଜେଡିର ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

# ସରପଞ୍ଚ ପ୍ରାର୍ଥୀଙ୍କ ଲଟେରି ଥୋପ

**ଗୋଲାମୁଣ୍ଡା,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କୁହୁରା ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ସସ୍ମିତା ନାଏକ ଲଟେରି ଲୋଭ ଦେଖାଇ ପ୍ରଚାର ଆରମ୍ଭ କରିଛନ୍ତି। ଘରକୁ ଘର ବୁଲି ଏକ ଲଟେରି କୁପନ ବାଣ୍ଟୁଛନ୍ତି। ସେ ସରପଞ୍ଚ ଭୋଟରେ ଜିତିଲେ ଆସନ୍ତା ମାର୍ଚ୍ଚ ୧୩




ଲଟେରି ଟିକେଟ

ତାରିଖରେ ଏହି ଲଟେରି ଉଠାଣ ହେବ ବୋଲି କୁପରେ ଉଲ୍ଲେଖ ରହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ କୁହୁରା ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନୀ ସସ୍ମିତା ପ୍ରଚାର ବେଳେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏଭଳି ଉପାୟ ଅବଲମ୍ବନ କରିଛନ୍ତି। ଖୋଲାଖୋଲି ଭାବେ ଲଟେରି ଟିକଟ ବାଣ୍ଟୁଥିଲେ ବି ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନ ନେବା ସାଧାରଣରେ ଉଦ୍‌ବେଗ୍ ପ୍ରକାଶ ପାଇଛି। ଏହି ଲଟେରିରେ ସମୁଦାୟ ୧୨ଶହ ଉପହାର ଦେବା ପାଇଁ ଉଲ୍ଲେଖ ରହିଛି। ଯଦି ପ୍ରାର୍ଥୀ ଜିତିବେ, ତାହାହେଲେ ଆସନ୍ତା ମାର୍ଚ୍ଚ ୧୩ ତାରିଖ ସାଢେ ୧୦ଟାରେ ଲଟେରି ଉଠାଣ ହେବ। ଏହି ଲଟେରିରେ ଜଣଙ୍କୁ ୧୦ଗ୍ରାମ ସୁନା, ଜଣଙ୍କୁ ଫ୍ରିଜ, ୨ଜଣଙ୍କୁ ୱାଶିଂ ମେଶିନ, ୧୦ଟି ମୋବାଇଲ ଫୋନ୍, ୧୦ଟି ଗୋଦରେଜ ଆଲମିରା, ୧୦ଟି ସିଲିଂ ଫ୍ୟାନ, ୫୦ଟି ଗ୍ରାଇଣ୍ଡର, ୫୦ଟି ପ୍ରେସରକୁକର,୧ ହଜାର କଟନଶାଢି ଲଟରି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସେହିପରି କୁହୁରା ପଞ୍ଚାୟତର ୫ଟି ଗ୍ରାମର ଖେଳାଳିଙ୍କ ପାଇଁ ୫୦ଟି ଜର୍ସି, ୫ଟି ଫୁଟବଲ୍, ୫ଟି କ୍ରିକେଟ ବ୍ୟାଟ୍ ଓ ବଲ୍ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯିବ ବୋଲି ଟିକଟରେ ଉଲ୍ଲେଖ ରହିଛି।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଗୋପନୀୟ ଗସ୍ତର ତଦନ୍ତ ଦାବିକଲା କଂଗ୍ରେସ

**ମମିତା ହତ୍ୟା ଘଟଣା**

**ରାୟପୁର ବିମାନବନ୍ଦରରେ ମନ୍ତ୍ରୀଙ୍କ ଭିଡିଓ ସାମ୍ନାକୁ ଆଣିଲା**

**ଭୁବନେଶ୍ୱର,୧୪।୨(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନକୁ ଆଉ ଦିନେ ବାକି ଥିବାବେଳେ କଳାହାଣ୍ଡି ଜିଲା ମହାଲିଙ୍ଗ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କଂଗ୍ରେସ ଟାର୍ଗେଟ କରିଛି। ମମିତା ହତ୍ୟା ଘଟଣା ପରେ କେବେ ଫେରାର ନ ଥିବା କହୁଥିବା ମନ୍ତ୍ରୀ ମିଶ୍ର ଅକ୍ଟୋବର ୧୫ରେ ରାୟପୁର ବିମାନ ବନ୍ଦରରେ ଥିବା ନେଇ ଏକ ଭିଡିଓ ଜାରି କରିଛି। ପୋଲିସ ଚାର୍ଜଶିଟରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ନ ଥିବା ନେଇ କଂଗ୍ରେସ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ତଦନ୍ତ ଦାବି କରିଛି।

କଂଗ୍ରେସ ଭବନରେ ସୋମବାର



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ମମିତା ହତ୍ୟାକାଣ୍ଡରେ ପୋଲିସ କେବଳ ୨ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ ଦାଖଲ କରିଛି। ଯୌନ କେଲେଙ୍କାରୀ ହତ୍ୟାର ମୁଖ୍ୟ କାରଣ ହୋଇଥିବାବେଳେ ସେ ସମ୍ପର୍କରେ ତଦନ୍ତ ନ କରି ଅଭିଯୁକ୍ତଙ୍କୁ ଖସାଇଦେବା ଯୋଜନା କରାଯାଇଛି। ଗୃହ ରାଷ୍ଟ୍ରମନ୍ତ୍ରୀ ସେ ସମୟରେ ଓଡ଼ିଶାରେ ଥିବା ଦାବି କରି ବିରୋଧୀଙ୍କୁ ତାହାର ପ୍ରମାଣ ମାଗିଥିଲେ। ହେଲେ ଏବେ ମନ୍ତ୍ରୀଙ୍କ ରାୟପୁରରୁ ଚଣ୍ଡିଗଡ଼ ଭାୟା ଦିଲ୍ଲୀ ଗସ୍ତର ଏକ ଭିଡିଓ ଜାରି କରି ମହାପାତ୍ର ସ୍ପଷ୍ଟୀକରଣ ମାଗିଛନ୍ତି। ଗତ ଅକ୍ଟୋବର ୮ତାରିଖରେ ହତ୍ୟା ହୋଇଥିଲା କିନ୍ତୁ ପୋଲିସ ଘଟଣାରେ ୧୩ ତାରିଖ ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ କଲା ନାହିଁ। ସୂଚନା ଅଧିକାର ଆଇନ ବଳରେ ମନ୍ତ୍ରୀଙ୍କ ଅକ୍ଟୋବର ୧୨ ରୁ ୨୦ ତାରିଖ ପର୍ଯ୍ୟନ୍ତ ଗସ୍ତ ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ହେଲେ ରାଜ୍ୟ ସରକାର ଏସମ୍ପର୍କିତ ତଥ୍ୟ ଦେଉନାହାନ୍ତି। ୧୨ତାରିଖରେ ମନ୍ତ୍ରୀ ଗୋବିନ୍ଦଙ୍କୁ ନେଇ ରାୟପୁର ଘରେ ଆଶ୍ରୟ ଦେଇଥିଲେ କି? ସେହିପରି ୧୮ ତାରିଖରେ ମନ୍ତ୍ରୀ ଚଣ୍ଡିଗଡ଼ରୁ ରାୟପୁର ଫେରିବା ପରେ ପୋଲିସ ହାଜତରୁ ଫେରାରଥିବା ଗୋବିନ୍ଦ ୧୯ ତାରିଖରେ ଆଖୁବାଡ଼ିରୁ ଧରାପଡ଼ିବା ସଂଯୋଗ ନା ପ୍ରାୟୋଜିତ ତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ମମିତା ପ୍ରସଙ୍ଗରେ ମନ୍ତ୍ରୀ ମିଶ୍ର, ଅଭିଯୁକ୍ତ ଗୋବିନ୍ଦ ଓ ଅନ୍ୟମାନଙ୍କ ଫୋନ୍ କଲ୍ ରେକର୍ଡ ଯାଞ୍ଚ କରାଯିବା ଜରୁରୀ। ମା'କୁ ସମ୍ମାନର ନାରା ଦେଉଥିବା ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଥିବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର, ପୋଲିସ ପ୍ରଶାସନ ଓ ବ୍ୟବସ୍ଥା ମମିତା ମେହେରଙ୍କୁ ନ୍ୟାୟ ଦେଇପାରିବ କି ନାହିଁ ତାହା ଏବେ ସନ୍ଦେହ ଘେରରେ। ଏହା ସଭ୍ୟସମାଜ ପାଇଁ ଲଜ୍ଜାଜନକ ଓ ଦୁଃଖଦାୟକ ଘଟଣା ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବରୀ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରିବକ୍‌ର ନୂତନ ପ୍ରଡକ୍ଟ ଶୁଭାରମ୍ଭ

ଭୁବନେଶ୍ୱର,୧୪।୨: ଫିଟ୍‌ନେସ ଓ ଲାଇଫଷ୍ଟାଇଲ ବ୍ରାଣ୍ଡ୍ ରିବକ୍ ପକ୍ଷରୁ ଜିଗ୍ ଡାଇନାମିକା ୩ର ଶୁଭାରମ୍ଭ ସହ ଆଗାମୀ ପିଢ଼ିର ରେଟ୍ରୋ-ଫ୍ୟୁଚର ଫ୍ରାଞ୍ଚାଇଜକୁ ଉପସ୍ଥାପନ କରାଯାଇଛି । ଏହା ଏକ ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଜୋତା, ଯାହା ଶକ୍ତି ପ୍ରବାହକୁ ସନ୍ତୁଳିତ କରିଥାଏ । ୨୦୨୦ରେ ଉନ୍ମୋଚିତ ରିବକ୍‌ର ଜିଗ୍ ଫ୍ରାଞ୍ଚାଇଜ ବ୍ରାଣ୍ଡର ଐତିହାସିକ ଜିଗ୍‌ଟେକ୍ କାର୍ଯ୍ୟଦକ୍ଷତା ଟେକ୍ନୋଲୋଜିକୁ ଉପସ୍ଥାପନ କରିଛି। ଏଥିରେ ନୂତନତା, ଷ୍ଟାଇଲ ଓ କାର୍ଯ୍ୟକାରିତାର ସମାହାର ରହିଛି । ନୂତନ ଭାବରେ ଶୁଭାରମ୍ଭ କରାଯାଇଥିବା ଜିଗ୍ ଡାଇନାମିକା ୩ରେ ଟେକ୍‌ଷ୍ଟାଇଲ ଓ ରିବକ୍ ଜିଗ୍ ଆଇକନ୍‌ର ଡିଏନ୍‌ଏକୁ ସାମିଲ କରାଯାଇଛି । ଏହା କୁସନିଂ, ଷ୍ଟାଇଲ, ମୂଲ୍ୟର ଏକ ଉତ୍କୃଷ୍ଟ ସମନ୍ୱୟ । ଏହି ଜୋତା ଜିଗ୍ ଏନର୍ଜି ସିଷ୍ଟମ ଓ ଡିଜାଇନକୁ ସମନ୍ୱିତ କରିଛି। ଏହା ଜୋତା ମଧ ଦେଇ ଗତିଜ ଶକ୍ତିକୁ ପ୍ରବାହିତ କରିଥାଏ ।

### ବିଓଆଇର ‘ବ୍ରାଞ୍ଚ ଅଦାଲତ’ ପାନ୍ ଇଣ୍ଡିଆ ଅଭିଯାନ

ଭୁବନେଶ୍ୱର,୧୪।୨: କୋଭିଡ୍ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଋଣଗ୍ରହୀତାମାନଙ୍କୁ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ ‘ବ୍ରାଞ୍ଚ ଅଦାଲତ’ ପାନ୍ ଇଣ୍ଡିଆ ଅଭିଯାନ ନିକଟରେ ଆୟୋଜିତ ହୋଇଯାଇଛି। ଏହା ଜରିଆରେ କ୍ଷୁଦ୍ର ଋଣଗ୍ରହୀତା ଯେଉଁମାନଙ୍କର ବକେୟା ରାଶିର ପରିମାଣ ୨୫ଲକ୍ଷରୁ କମ୍ ସେମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି କୃଷି ଋଣ, ଏମ୍‌ଏସ୍‌ଏମ୍‌ଇ ଋଣ, ରିଟେଲ ଏବଂ ବ୍ୟକ୍ତିଗତ ଋଣକୁ ମଧ ଏଥିରେ ସାମିଲ କରାଯାଇଛି। ବ୍ୟାଙ୍କ ଏହି ଅଭିଯାନ ମାଧମରେ ୪୦୭ କୋଟି ଟଙ୍କାର ଏନ୍‌ପିଏ ଋଣର ସମାଧାନ କରିବାରେ ସକ୍ଷମ ହୋଇପାରିଛି। ଏହି ଅଭିଯାନରୁ ଉତ୍ତମ ଫଳାଫଳ ମିଳିଥିବାରୁ ବ୍ୟାଙ୍କ ଉକ୍ତ ଅଭିଯାନକୁ ପୁନର୍ବାର ଚଳିତ ବର୍ଷ ଫେବୃଆରୀ ୨୮ରୁ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଜାରି ରଖିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ୩ମାସରେ ସର୍ବାଧିକ ଶେୟାର ହ୍ରାସ

ନୂଆଦିଲ୍ଲୀ,୧୪।୨



**■ସେନ୍‌ସେକ୍ସ ୧୭୪୭, ନିଫ୍ଟି ୫୩୨ ପଏଣ୍ଟ**

ବିଶ୍ୱବାସୀ କୋଭିଡ୍ ସହ ଲଢ଼େଇ କରୁଥିବା ସମୟରେ ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ କେତେବେଳେ ଯେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ତାକୁ ନେଇ ସବୁବର୍ଗର ନିବେଶକ ଚିନ୍ତିତ ଅଛନ୍ତି। ଏଭଳି ସ୍ଥିତିରେ ସୋମବାର ଭାରତୀୟ ଷ୍ଟକ୍ ମାର୍କେଟରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ଏହା ଚଳିତ କ୍ୟାଲେଣ୍ଡରେ ସର୍ବାଧିକ ଖରାପ କାରବାର ବୋଲି ସୂଚନା ମିଳିଛି। ଚଳିତ ବର୍ଷର ଏ ପର୍ଯ୍ୟନ୍ତର ବଜାର କାରବାର ମଧ୍ୟରେ ଫେବୃୟାରୀ ୧୪ର ଶେୟାର ବଜାର ଫଳାଫଳ ବେଶ୍ ନୈରାଶ୍ୟଜନକ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଗତ ୩ମାସ ମଧ୍ୟରେ ଏହା ସର୍ବାଧିକ ବଜାର ଶେୟାର ହ୍ରାସ ବୋଲି ସୂଚନା ମିଳିଛି। ଶେଷଥର ପାଇଁ ୨୦୨୧ ନଭେମ୍ବର ୨୬ରେ ସବୁଠାରୁ ବଡ଼ ବଜାର ଅନ୍ତର ଓ ଦିନିକିଆ ହ୍ରାସ ହୋଇଥିଲା । ଅପରପକ୍ଷରେ ଖଣିଜ ବଜାର, ଅଶୋଧିତ ତୈଳ, ସୁନା ଏବଂ ରୁପା ଆଦିରେ ୨% ପର୍ଯ୍ୟନ୍ତ ବଜାର ଶେୟାର ବୃଦ୍ଧି ଘଟିଛି। ଶେୟାର ବଜାରର ସୂଚନା ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୪୭ ପଏଣ୍ଟ ହ୍ରାସ ଘଟି ୫୬,୪୦୬ ଅଙ୍କରେ କାରବାର ବନ୍ଦ କରିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟ ୫୦ରେ ମଧ ୫୩୨ ପଏଣ୍ଟ ଖସି ୧୬,୮୪୩ ଅଙ୍କରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୭୪୭.୦୮ ପଏଣ୍ଟ (୩%) ହ୍ରାସ ଘଟି ୫୬,୪୦୫.୮୪ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟିରେ ୫୩୧.୯୫ ପଏଣ୍ଟ (୩.୦୬%) କମି ୧୬,୮୪୨.୮୦ ରେ ରହିଥିବା ସୂଚନା ମିଳିଛି। ସୋମବାର ବଜାର କାରବାର ଅନୁସାରେ ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍‌ର ଇଣ୍ଡେକ୍ସଗୁଡ଼ିକ ଯଥାକ୍ରମେ ୩.୫% ଏବଂ ୪% ହ୍ରାସ ପାଇଛି। ସେହିଭଳି ବିଭାଗୀୟ ଦୃଷ୍ଟିରୁ ନିଫ୍ଟି ପିଏସ୍‌ୟୁ ବ୍ୟାଙ୍କ ସୂଚକାଙ୍କ ୫.୯% ସହ ଅନ୍ୟ ସମସ୍ତ ସୂଚକାଙ୍କ ଲାଲରେ ଶେଷ ହୋଇଛି। ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୯୬ ଡଲାରରେ ପହଞ୍ଚିଛି ଯାହା ଭାରତ ପାଇଁ ଚିନ୍ତା ବଢ଼ାଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ୱାର୍ଡଓ୍ୱିଜାର୍ଡ ପକ୍ଷରୁ ୩ ଇଭିର ବଜାର ପ୍ରବେଶ

ଭୁବନେଶ୍ୱର,୧୪।୨



ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍ ପକ୍ଷରୁ ଦୁଇଟି ମେଡ୍ ଇନ୍ ଇଣ୍ଡିଆ ହାଇ ସ୍ପିଡ୍ ସ୍କୁଟର ୱଲ୍‌ଫ+ ଓ ଜେନ୍ ନେକ୍ସଟ୍ ନାନୁ+ ସହ ଫ୍ଲିଟ୍ ପରିଚାଳନା ଇଲେକ୍ଟ୍ରିକ୍ ସ୍କୁଟର ଡେଲ୍ ଗୋ’କୁ ନିକଟରେ ଶୁଭାରମ୍ଭ କରାଯାଇଛି । ଏହି ୩ସ୍କୁଟର ‘ଜୟ ଇ-ବାଇକ୍’ ଜରିଆରେ କମ୍ପାନୀ ହାଇସ୍ପିଡ୍ ଇଲେକ୍ଟ୍ରିକ୍ ସ୍କୁଟର ବର୍ଗରେ ପ୍ରବେଶ କରିଛି। ସ୍କୁଟରଗୁଡ଼ିକୁ ଗୁଜରାଟର ଭଦୋଦରାରେ ଥିବା କମ୍ପାନୀର କାରଖାନାରେ ଉତ୍ପାଦନ କରାଯାଉଛି। ଏ ସମ୍ପର୍କରେ ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତିନ୍ ଗୁପ୍ତେ କହିଛନ୍ତି, ପରବର୍ତ୍ତୀ ପିଢ଼ିର ଗମନାଗମନ ସମାଧାନ ଉପରେ ଗୁରୁତ୍ୱ ଦେଉଛି ଏବଂ ଉପଲବ୍ଧତା ଓ ଦାୟିତ୍ୱବୋଧ ପରିକଳ୍ପନା ପାଇଁ ନିରନ୍ତର ଗମନାଗମନ ଯୁଗ ଆରମ୍ଭ କରିଛି। ବିଭିନ୍ନ ପ୍ରୋତ୍ସାହନ ଓ ସବ୍‌ସିଡି ଜରିଆରେ ଇ-ମୋବିଲିଟି ରୂପାନ୍ତରଣକୁ ସରକାର ସହାୟତା ଦେଉଥିବା ବେଳେ ଉନ୍ନତ ପ୍ରଯୁକ୍ତି ଓ ବିଶ୍ୱସ୍ତରୀୟ ଉତ୍ପାଦ ଜରିଆରେ ଶିଳ୍ପର ସମ୍ଭାବନାକୁ ଦୃଢ଼ ଓ ମଜଭୁତ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ସେହିଭଳି କମ୍ପାନୀର ସିଓଓ ଶୀତଲ ଭାଲେରାଓ କହିଛନ୍ତି , ଜୟ ଇ-ବାଇକ୍ ଲୋ ସ୍ପିଡ୍ ବର୍ଗରେ ଏହାର ଦୃଢ଼ତାକୁ ପ୍ରମାଣିତ କରିପାରିଛି ଏବଂ କମ୍ପାନୀ ଏବେ ଏହାର ପୋର୍ଟଫୋଲିଓକୁ ହାଇ-ସ୍ପିଡ୍ ବର୍ଗରେ ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ସବୁ ବୟସ ବର୍ଗର ପରବର୍ତ୍ତୀ ପିଢ଼ିର ଚାଳକଙ୍କୁ ଆକର୍ଷିତ କରିବ। ଡେଲ୍ ଗୋ ଜରିଆରେ ଆମେ ନୂଆ ଫ୍ଲିଟ୍ ପରିଚାଳନା ବ୍ୟବସ୍ଥାରେ ପ୍ରବେଶ କରିଛୁ।

# ଉପଗ୍ରହ ଭିତ୍ତିକ ବ୍ରଡ୍‌ବ୍ୟାଣ୍ଡ କ୍ଷେତ୍ରକୁ ପ୍ରବେଶ କଲା ଜିଓ

ଭୁବନେଶ୍ୱର,୧୪।୨



**ଏସ୍‌ଇଏସ୍ ସହ ଦେଶରେ ଆରମ୍ଭ କରିବ ସେବା**

ଜିଓ ପ୍ଲାଟ୍‌ଫର୍ମସ୍ ଏବଂ ବିଶ୍ୱରେ ଉପଗ୍ରହଭିତ୍ତିକ ଯୋଗାଯୋଗ ସେବା ଯୋଗାଣକାରୀ କମ୍ପାନୀ ଏସ୍‌ଇଏସ୍ ପକ୍ଷରୁ ଜିଓ ସ୍ପେସ୍ ଟେକ୍ନୋଲୋଜି ନାମରେ ଏକ ମିଳିତ ଉଦ୍ୟୋଗ ଗଠନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂତନ ମିଳିତ ଉଦ୍ୟୋଗ ଦେଶବ୍ୟାପୀ ଉପଗ୍ରହ ଭିତ୍ତିକ ପ୍ରଯୁକ୍ତିର ବ୍ୟବହାରକରି ଦ୍ରୁତଗାମୀ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନ କରିବ। ଜିଓ ପ୍ଲାଟ୍‌ଫର୍ମସ୍ ଏବଂ ଏସ୍‌ଇଏସ୍ ନିକଟରେ ଏହି ମିଳିତ ଉଦ୍ୟୋଗରେ ଯଥାକ୍ରମେ ୫୧% ଓ ୪୯% ଇକ୍ୱିଟି ଅଂଶ ରହିବ। ଏହି ମିଳିତ ଉଦ୍ୟୋଗ ମଲ୍‌ଟି ଅର୍ବିଟ ସ୍ପେସ୍ ନେଟ୍‌ୱର୍କର ଉପଯୋଗ କରି ସେବା ଯୋଗାଇବ। ଏହି ନେଟ୍‌ୱର୍କରେ ଜିଓ ଷ୍ଟେଶନେରି (ଜିଇଓ) ଏବଂ ମିଡିୟମ ଆର୍ଥ ଅର୍ବିଟ (ଏମ୍‌ଇଓ) ଉପଗ୍ରହଗୁଡ଼ିକର ଉପଯୋଗ କରାଯିବ। ନେଟ୍‌ୱର୍କର ମଲ୍‌ଟି ଗିଗାବିଟ୍ ଲିଙ୍କ୍‌ରୁ ଭାରତ ସମେତ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ବ୍ୟବସାୟିକ, ମୋବାଇଲ ଏବଂ ଖୁଚୁରା ଗ୍ରାହକଙ୍କୁ ମଧ୍ୟ ସଂଯୁକ୍ତ କରାଯାଇପାରିବ। ଏସ୍‌ଇଏସ୍ ୧୦୦ ଜିବିପିଏସ୍ କ୍ଷମତା ଉପଲବ୍ଧ କରାଇବ, ଯାହାକୁ ଜିଓ ନିଜର ମଜଭୁତ ବିକ୍ରୟ ନେଟ୍‌ୱର୍କ ଜରିଆରେ ବିକ୍ରି କରିବ। ଏ ସମ୍ପର୍କରେ ଜିଓର ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଛନ୍ତି, ଫାଇବର ଭିତ୍ତିକ ସଂଯୋଗୀକରଣ ଏବଂ ଏଫ୍‌ଟିଟିଏଚ୍ ବ୍ୟବସାୟ ସହିତ ୫ଜିରେ ନିବେଶ ଜାରି ରଖିବୁ। ସେହି ସମୟରେ ଏସ୍‌ଇଏସ୍ ସହିତ ଏହି ନୂଆ ମିଳିତ ଉଦ୍ୟୋଗ ମଲ୍‌ଟି ଗିଗାବିଟ୍ ବ୍ରଡ୍‌ବ୍ୟାଣ୍ଡର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ। ଉପଗ୍ରହ ଯୋଗାଯୋଗ ସେବା ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଅତିରିକ୍ତ କଭରେଜ ଏବଂ କ୍ଷମତା ସହିତ ଜିଓ ଦୂରଦୂରାନ୍ତ ସହର ଓ ଗ୍ରାମ, ବ୍ୟବସାୟିକ ଉଦ୍ୟୋଗ, ସରକାରୀ ପ୍ରତିଷ୍ଠାନ ଏବଂ ଉପଭୋକ୍ତାଙ୍କୁ ନୂଆ ଡିଜିଟାଲ ଭାରତ ସହିତ ସଂଯୁକ୍ତ କରିବ। ଆମେ ଏସ୍‌ଇଏସ୍‌ର ଉପଗ୍ରହ ଉଦ୍ୟୋଗରେ ବିଶେଷ ସେବା ସହିତ ସଂଯୁକ୍ତ ହେବାନେଇ ଉତ୍ସାହିତ ଅଛୁ।

## ଆସ୍ପାୟାର-୩ର ବଜାର ପ୍ରବେଶ

ଭୁବନେଶ୍ୱର,୧୪।୨

ଦେଶର ପ୍ରମୁଖ ପିସି ବ୍ରାଣ୍ଡ୍ ଏସର ‘ମେକ୍ ଇନ୍ ଇଣ୍ଡିଆ’ ଯୋଜନା ଅଧୀନରେ ଏହାର ୨ୟ ଲାପ୍‌ଟପ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀର ନଏଡାସ୍ଥିତ ଅତ୍ୟାଧୁନିକ କାରଖାନାରେ ଏହାର ନୂତନ ଉତ୍ପାଦ ‘ଆସ୍ପାୟାର-୩’ ଲାପ୍‌ଟପ୍‌ର ପରିକଳ୍ପନା କରାଯାଇଛି। ଟ୍ରାଭେଲମେଟ୍ ସିରିଜ ଲାପ୍‌ଟପ୍‌ର ବିଶେଷ ସଫଳତା ପରେ କମ୍ପାନୀ ତା’ର ୨ୟ ପ୍ରଡକ୍ଟର ବଜାର ପ୍ରବେଶ କରାଇଛି। ଏଥିସହିତ କମ୍ପାନୀ ଭାରତ ସରକାରଙ୍କ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନାର ସଦୁପଯୋଗ କରୁଛି। ଏହାର ମୁଖ୍ୟ ଭାଗର ଆସ୍ପାୟାର ୩ ଲାପ୍‌ଟପ୍ ଇନ୍‌ଟେଲ ପ୍ରୋସେସର ଦ୍ୱାରା ପରିଚାଳିତ ହେଉଛି। ଏ ସମ୍ପର୍କରେ ଏସର ଇଣ୍ଡିଆର ପ୍ରଡକ୍ଟ ମ୍ୟାନେଜମେଣ୍ଟ ସିନିୟର ଡାଇରେକ୍ଟର ଜି.ଏସ୍. ସୋଧୀ କହିଛନ୍ତି, ଆସ୍ପାୟାର ସିରିଜ ଅଧୀନରେ ଏସର ଆସ୍ପାୟାର ୩ ହେଉଛି ପ୍ରଥମ ଲାପ୍‌ଟପ୍ ଯାହା ଗ୍ରାହକଙ୍କ ଚାହିଦା ମୁତାବକ ପ୍ରଦର୍ଶନ ଓ ଗୁଣବତ୍ତା ପ୍ରଦାନ କରିଥାଏ।

## ବେଦାନ୍ତର ଜାତୀୟସ୍ତରୀୟ ୱେବିନାର

ଭୁବନେଶ୍ୱର,୧୪।୨

ଦେଶର ଅଗ୍ରଣୀ ଆଲୁମିନିୟମ ଉତ୍ପାଦନ ଓ ମୂଲ୍ୟଯୁକ୍ତ ଉତ୍ପାଦ ନିର୍ମାତା ବେଦାନ୍ତ ଆଲୁମିନିୟମ ବ୍ୟବସାୟ ଏହାର ଉପଦ୍ରବ୍ୟ ଫ୍ଲାଏ ଆଶ୍‌ର ଉପଯୋଗିତା ଲାଗି ସିମେଣ୍ଟ, ନିର୍ମାଣ ଓ ଭିତ୍ତିଭୂମି ଶିଳ୍ପ ସହିତ ସହଯୋଗ କରିବ। ଏହା ତା’ର ଫ୍ଲାଏ ଆଶ୍ ଓ ବକ୍ସାଇଟ ଅବଶେଷାଂଶକୁ ବିନିଯୋଗ କରିବ। ବିଶ୍ୱସ୍ତରୀୟ ବିଶେଷଜ୍ଞ ଓ ସିମେଣ୍ଟ ଉଦ୍ୟୋଗର ଅଂଶଗ୍ରହଣକାରୀଙ୍କ ସହ ଅନୁଷ୍ଠିତ ଏକ ଜାତୀୟସ୍ତରୀୟ ୱେବିନାରରେ କମ୍ପାନୀ ଓଡ଼ିଶା ଓ ଛତିଶଗଡ଼ରେ ଏହାର ପ୍ଲାଣ୍ଟ ନିକଟରେ ସମନ୍ୱିତ ସିମେଣ୍ଟ ପ୍ଲାଣ୍ଟ ବା ସିମେଣ୍ଟ କ୍ଲିଙ୍କର ଗ୍ରାଇଣ୍ଡିଂ ମିଶ୍ରଣ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା ପାଇଁ ଉତ୍ପାଦନକାରୀଙ୍କଠାରୁ ଆଗ୍ରହ ଜାଣିବାକୁ ଚାହିଁଥିଲା। ଏହି ୱେବିନାରରେ ସିମେଣ୍ଟ, ନିର୍ମାଣ ଓ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପ୍ରାୟ ଦୁଇଶହ କାର୍ଯ୍ୟନିର୍ବାହୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ବିଜ୍‌ନେସର ସିଇଓ ରାହୁଲ ଶର୍ମା କହିଥିଲେ, ଆମେ ବ୍ୟବସାୟରେ ଯେପରି ସ୍ଥିରତା ନୀତିକୁ କାର୍ଯ୍ୟକାରୀ କରିବା ପ୍ରୟାସକରୁ ସେହିପରି ସ୍ଥାୟୀ ବ୍ୟବସାୟ ଆମ କର୍ମ ଅଭ୍ୟାସ ଓ ଉତ୍କର୍ଷର ମୂଳଦୁଆ ସୃଷ୍ଟି କରେ। ଆମେ ଗ୍ରାହକ ଓ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିଥାଉ। ଆମର ଉପଦ୍ରବ୍ୟକୁ ସୁବିନିଯୋଗ କରିବା ଲକ୍ଷ୍ୟରେ ଆମେ ରଣନୀତିକ ସହଯୋଗ ଆଶାକରୁ। ବିଶେଷକରି ସିମେଣ୍ଟ ତିଆରିରେ ବ୍ୟବହୃତ ପ୍ରତି ଟନ ଆଶ୍ ପ୍ରାୟ ୭୦୦-୮୦୦ କି.ଗ୍ରା. କାର୍ବନ ନିର୍ଗମନ, ୪.୨ ନିୟୁତ କେଜି ଶକ୍ତି ଓ ୩୪୧ ଲି. ଜଳ ସଞ୍ଚୟ କରିବାରେ ସାହାଯ୍ୟ କରେ ବୋଲି ଶର୍ମା ମତବ୍ୟକ୍ତ କରିଛନ୍ତି।

## ଫୁରସତ୍





# ଅକ୍ଷୟଙ୍କ ପ୍ରେମରେ ପଡ଼ିଥିଲେ କାଜଲ

**ମୁମ୍ବାଇ:** ପ୍ରେମ ତ ଅନେକ କରନ୍ତି, ହେଲେ ସଭିଙ୍କ ପ୍ରେମ ସଫଳ ହୁଏନାହିଁ। କିନ୍ତୁ ପ୍ରେମ କେବେ ଲୁଚି ରହେନି। ସେହିଭଳି ବଲିଉଡ୍ ଅଭିନେତ୍ରୀ କାଜଲଙ୍କ ପ୍ରେମ କାହାଣୀ ମଧ ସେମିତି ନିଆରା। ଅଜୟଙ୍କ ପୂର୍ବରୁ କାଜଲ ଅନ୍ୟ ଜଣେ ଅଭିନେତାଙ୍କ ପ୍ରେମରେ ଉବୁଟୁବୁ ହେଉଥିବା କଥା ହୁଏତ ଖୁବ୍ କମ୍ ଲୋକ ଜାଣିଥିବେ। ଏ ନେଇ ଏକ ଟିଭି ଶୋ’ରେ ଫିଲ୍ମ ନିର୍ମାତା-ନିର୍ଦ୍ଦେଶକ କରଣ ଜୋହର ଖୁଲାସା କରିଥିଲେ। କାଜଲ ମନେ ମନେ ଅକ୍ଷୟ କୁମାରଙ୍କୁ ପ୍ରେମ କରି ବସିଥିଲେ। ଏଥିରେ କରନ ତାଙ୍କୁ ସାହାଯ୍ୟ କରିଥିଲେ। ୧୯୯୧ରେ ମୁମ୍ବାଇରେ ରିଷି କପୁର ଏବଂ ଜେବା ବଖ୍‌ତିଆରଙ୍କ ଫିଲ୍ମ ‘ହିନା’ର ପ୍ରିମିୟର ଚାଲିଥିବାବେଳେ କାଜଲ ଅକ୍ଷୟଙ୍କୁ ଖୋଜୁଥିଲେ। ସେହି ସମୟରେ କରନ କାଜଲଙ୍କୁ ସାହାଯ୍ୟ କରିଥିଲେ। କିନ୍ତୁ ଅକ୍ଷୟ ଏଥିରେ ରାଜି ହୋଇ ନ ଥିଲେ। ଫଳରେ ପ୍ରେମ ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଯାଇଥିଲା।

## ମ୍ୟାଚିଂ ଅନ୍ଦାଜରେ ଭିକ୍କି, କ୍ୟାଟ୍



**ମୁମ୍ବାଇ:** ବିମାନବନ୍ଦରରେ ହାତ ଧରି ବୁଲୁଛନ୍ତି ନବ ବିବାହିତା ଯୋଡି ତଥା ଚର୍ଚ୍ଚିତ କପଲ୍ ଭିକ୍କି କୌଶଲ ଏବଂ କ୍ୟାଟ୍ରିନା କୈଫ। ବିବାହ ପରେ ଦୁହେଁ ନିଜ ନିଜ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ପରସ୍ପରକୁ ସମୟ ଦେଇପାରୁ ନ ଥିଲେ। କିନ୍ତୁ ଭାଲେଣ୍ଟାଇନ୍ସ ଭଳି ଖାସ୍ ଦିନରେ ଦୁହେଁ ଏକାଠି ସମୟ ବିତାଇବାକୁ ଛୁଟି ନେଇଛନ୍ତି। ଏଥିପାଇଁ ଉଭୟଙ୍କୁ ଭାଲେଣ୍ଟାଇନ୍ ଡେ ପୂର୍ବରୁ ମୁମ୍ବାଇ ବିମାନବନ୍ଦରରେ ଏକାଠି ଦେଖିବାକୁ ମିଳିଥିଲା। ଉଭୟ ପରସ୍ପରର ହାତ ଧରାଧରି ହୋଇ ଆସୁଥିବାର ନଜରକୁ ଆସିଥିଲେ। ଦୁହେଁ ମ୍ୟାଚିଂ ପୋଷାକରେ ଅତ୍ୟନ୍ତ ଷ୍ଟାଇଲିସ୍ ଦେଖାଯାଉଥିଲେ। ଭିକ୍କି ଏକ ଧଳା ଟି-ଶାର୍ଟ, ଡେନିମ୍ ଜ୍ୟାକେଟ୍ ପିନ୍ଧିଥିବାବେଳେ କ୍ୟାଟ୍ରିନା ଡେନିମ୍ ଡ୍ରେସ୍‌ରେ ନଜରକୁ ଆସିଛନ୍ତି।

# ଭଡ଼ାରେ ପ୍ରେମିକ

**ଦରଭଙ୍ଗା:** ସୋମବାର ଭାଲେଣ୍ଟାଇନ୍ସ ଡେ’ ଅବସରରେ ଏକ ଭିଡିଓ ସୋସିଆଲ ମିଡ଼ିଆରେ ବେଶ ଭାଇରାଲ ହେବାରେ ଲାଗିଛି। ପୋଷ୍ଟରରେ ‘ବୟଫ୍ରେଣ୍ଡ ଅନ ରେଣ୍ଟ’ ବା ଭଡ଼ାରେ ପ୍ରେମିକ ବୋଲି ଲେଖାଥିବା ଭିଡିଓରେ ଦେଖିବାକୁ ମିଳିଛି। ବାଳକ ଜଣକ ଏହି ପୋଷ୍ଟର ସହିତ ଦୀର୍ଘ ସମୟ ଧରି ରାସ୍ତାରେ ଛିଡା ହୋଇଛନ୍ତି। ୨ ମିନିଟ ୧୭ ସେକେଣ୍ଡର ଏହି ଭିଡ଼ିଓରେ ସେ କହିଛନ୍ତି, ତାଙ୍କର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ପ୍ରେମ ବାଣ୍ଟିବା। ଆଜିକାଲି ଲୋକେ ନିରାଶା ଏବଂ ଚାପର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ନିରାଶା ଦୂର କରିବା ଏବଂ ପ୍ରେମିକା/ପ୍ରେମିକ ନ ଥିଲେ ଘରଲୋକଙ୍କ ସହିତ ଭାଲେଣ୍ଟାଇନ୍ସ ଡେ’ ପାଳନ କରିବାକୁ ସେ ବାର୍ତ୍ତା ଦେବାକୁ ଚାହୁଁଥିବା କହିଛନ୍ତି।





**MISSING**



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.

ଧ-୨୩୧୫୮

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

# ‘ସବୁବେଳେ ମଲାଇକାଙ୍କ ସାଥୀରେ ଥିବି’



**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିର ସବୁଠାରୁ ଚର୍ଚ୍ଚିତ ଯୋଡି ଅର୍ଜୁନ କପୁର ଏବଂ ମଲାଇକା ଆରୋରା ପୁଣିଥରେ ତାଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅର୍ଜୁନ ମଲାଇକାଙ୍କଠୁ ବୟସରେ ବହୁତ ସାନ ହୋଇଥିଲେ ମଧ ଦୁହେଁ ପରସ୍ପରଙ୍କୁ ଭଲ ପାଉଥିଲେ। କିନ୍ତୁ ନିକଟରେ ଦୁହିଁଙ୍କ ସମ୍ପର୍କକୁ ନେଇ ଗୁଜବ ଉଠିଥିଲା। ଅର୍ଜୁନ ଏକ ସାକ୍ଷାତ୍‌କାରରେ ମଲାଇକାଙ୍କ ସହ ଜଡିତ ଥିବା କେତେକ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଭଲ ଓ ଖରାପ ସମୟରେ ସବୁବେଳେ ମଲାଇକାଙ୍କ ସହିତ ରହିବ କି ବୋଲି ପ୍ରଶ୍ନର ଉତ୍ତରରେ ଅର୍ଜୁନ କହିଥିଲେ, ହଁ ତାଙ୍କ ସହ ସବୁବେଳେ ଅଛି ଏବଂ ରହିବି। ସୋସିଆଲ ମିଡିଆ ପାଇଁ ଆମ ଭିତରେ ସବୁକିଛି ଅତ୍ୟନ୍ତ ଖରାପ ହୋଇଯାଇଥିଲା। ଗୁଜବ ଉଠିବା ସମୟରେ ଆମେ ପରସ୍ପରକୁ ସାହାଯ୍ୟ କରିଥିଲୁ। ଏହାସହ ଅର୍ଜୁନ ଆହୁରି କହିଛନ୍ତି, କିଛି ଦିନ ହେବ ଆମ ଜୀବନ ଅତ୍ୟନ୍ତ ନର୍କ ହୋଇଯାଇଥିଲା। ଆମେ ବାହାରକୁ ଆସିବା ସମୟରେ ଆମକୁ ଅନେକ ସମସ୍ୟା ଦେଇ ଗତି କରିବାକୁ ପଡିଥିଲା। କିନ୍ତୁ ସେ ସମୟରେ ମୁଁ ମଲାଇକାଙ୍କ ସହ ଠିଆ ହୋଇଥିଲି। ଅନ୍ୟପଟେ କହିବାକୁ ଗଲେ ଦୁହିଁଙ୍କ ବୟସରେ ପାର୍ଥକ୍ୟ ହେତୁ ପରସ୍ପରଙ୍କ ସେମାନଙ୍କ ସମ୍ପର୍କକୁ ନେଇ ଅନେକ ଚର୍ଚ୍ଚା ଚାଲିଛି। ଏହା ସତ୍ତ୍ୱେ ଉଭୟେ କାହାକୁ ଖାତିର ନ କରି ନିଜ ସମ୍ପର୍କକୁ ମିଡିଆ ସମ୍ମୁଖକୁ ଆଣିଛନ୍ତି। ଏଥିସହ ସୋସିଆଲ ମିଡିଆରେ ଏକ ରୋମାଣ୍ଟିକ ଫଟୋ ଶେୟାର କରିଛନ୍ତି।

**ମନେ ପଡ଼ନ୍ତି**

୧୩ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଟୁନି ସାହୁ**

ମୀନାବଜାର, ଢେଙ୍କାନାଳ ଟାଉନ୍

ଆବିର୍ଭାବ: ୨୫।୦୧।୧୯୫୫
ତିରୋଧାନ: ୦୮।୦୨।୨୦୦୯

ତୁମର ବିଦେହୀ ଆତ୍ମାର ସଦ୍‌ଗତି କାମନାର୍ଥେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କୃତାଞ୍ଜଳି ପୁଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୭୦୩୮୧

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**LOAN DHAMAKA**
Cash on Car
Housing Loan 6.75%
Cash Credit 9%
New Car @ 7%
Education Loan
Used Car Loan
Loan against property
Gold Loan takeover
IFC
5, Kharvela Nagar, BBSR
8144741700

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ ।
9870683762

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନ କହିଲେ ଭଲ

ସବୁ ଅକୁହା କଥା ତାଙ୍କ ଆଗରେ କହିହୁଏ। ମନକଥା ଖୋଲି କହିଦେଲେ ମନ ହାଲକା ହୁଏ ଆଉ ସମ୍ପର୍କ ହୋଇଥାଏ ମଜବୁତ। ହେଲେ ଏମିତି କିଛି କଥା ଅଛି ଯାହା ସମ୍ପର୍କରେ ସନ୍ଦେହ ସୃଷ୍ଟି କରିବା ପାଇଁ ବାଧ କରିଥାଏ। ତେଣୁ ପରିବାର ଚଳାଇବାକୁ ହେଲେ ସ୍ୱାମୀଙ୍କୁ ବି ସବୁକଥା ନ କହିବା ଭଲ।



**ପୁରୁଣା ପ୍ରେମ:** ନିଜର ହେଉ ବା ସ୍ୱାମୀଙ୍କର ପୁରୁଣା ପ୍ରେମକୁ ନେଇ କୌଣସି ପ୍ରକାରର ଟିପ୍ପଣୀ ଦେବା ଉଚିତ୍ ନୁହେଁ। ଏମିତିକି ସେ ସମ୍ପର୍କକୁ ନେଇ କୌଣସି ଆଲୋଚନା କରିବା ପାଇଁ ଚେଷ୍ଟା କରିବା କଥା ନୁହେଁ। କାହିଁକିନା ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନାବେଳେ କେଉଁଠି ନା କେଉଁଠି ହୃଦୟକୁ ଆଘାତ ମିଳିଥାଏ। ତା ଛଡା ଏନେଇ ଆଲୋଚନା କଲେ ନା ସ୍ୱାମୀଙ୍କୁ ଭଲ ଲାଗିବ ନା ଆପଣଙ୍କୁ। ତେଣୁ ଏଭଳି ପ୍ରସଙ୍ଗ ଅତୀତ ହୋଇ ରହିବା ଭଲ।





**ବାପଘରର ଗୁମର:** ନିଜର ସୁଖ ଦୁଃଖ ଭଲ ମନ୍ଦ ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବା ଠିକ୍। କିନ୍ତୁ ବାପଘରର କୌଣସି ଗୁମର କଥାକୁ କେବେ ହେଲେ ତାଙ୍କ ଆଗରେ ଖୋଲି କୁହନ୍ତୁ ନାହିଁ। କାହିଁକିନା ଅନେକ ସମୟରେ ଏହି କଥା ଆପଣଙ୍କ ଉପରେ ହିଁ ଅସ୍ତ୍ର ହୋଇ ଫେରି ଆସିପାରେ। ସେହି କଥାକୁ



ପାଖରେ ଶୁଏ, କାନରେ କୁହେ, ତା କଥା କି ଅନ୍ୟଥା ହୁଏ। ଏକଥା ଠିକ୍, କିନ୍ତୁ ଏମିତି ଅନେକ କଥା ଅଛି ଯାହା କହିବା ଉଚିତ୍ ନୁହେଁ। କାରଣ ଏହି କାନକୁହା କଥା ବି ବେଳେବେଳେ ବୁମେରାଂ ହୋଇପାରେ। ସୁଖୀ ଓ ସଫଳ ଦାମ୍ପତ୍ୟ ଜୀବନକୁ ବରବାଦ କରିଦେଇପାରେ। ତେଣୁ କେଉଁ କଥା ସ୍ୱାମୀଙ୍କୁ କହିବେ ତାହା ଜାଣିବା ଅପେକ୍ଷା କ'ଣ ନ କହିବେ ତାହା ନିଶ୍ଚୟ ଜାଣିବା ଦରକାର...

ନେଇ ସୁଯୋଗ ଦେଖି ସେ ଆପଣଙ୍କୁ କିଛି କହିଲେ ଶୁଣିବାକୁ ଆଦୌ ଭଲ ଲାଗିବନି।

**ନିଜର ବ୍ୟକ୍ତିଗତ ସଞ୍ଚୟ:** ସ୍ୱାମୀଙ୍କ ଆଗରେ ନିଜର ବ୍ୟକ୍ତିଗତ ସଞ୍ଚୟ ନେଇ ସତକଥା କୁହନ୍ତୁ ନାହିଁ। ନଚେତ୍ ଖୁବ୍ ଶୀଘ୍ର ସେହି ସଞ୍ଚୟ ଶେଷ ହୋଇଯିବ। କାରଣ ଘର ପାଇଁ କୌଣସି ଖର୍ଚ୍ଚର ଆବଶ୍ୟକତା ପଡିଲେ ପ୍ରଥମେ ସେ ଆପଣଙ୍କ ଅର୍ଥକୁ ଖର୍ଚ୍ଚ କରିବା ପାଇଁ ଚାହିଁବେ। ତେଣୁ ଆପଣ ସେହି ସଞ୍ଚୟକୁ ନେଇ କୌଣସି ଭବିଷ୍ୟତ ଯୋଜନା କରିଥିଲେ ତାହା ହୁଏତ ଫଳବତୀ ହୋଇ ନ ପାରେ। ଏହି ଦୃଷ୍ଟିରୁ ନିଜ ସଞ୍ଚୟକୁ ଖୋଲି କୁହନ୍ତୁ ନାହିଁ। କିନ୍ତୁ ଭବିଷ୍ୟତରେ କୌଣସି ଠକାମୀର ଶିକାର ହେବା ଭଳି କାମ ନ କରି ବୁଝି ବିଚାରି ସଞ୍ଚୟ କିମ୍ବା ବିନିଯୋଗ କରନ୍ତୁ।

**ନିନ୍ଦା କରିବା:** ଶାଶୂଘରର କୌଣସି ଲୋକଙ୍କ ନିନ୍ଦା କରନ୍ତୁ ନାହିଁ। ସ୍ୱାମୀଙ୍କୁ ଆପଣଙ୍କର ଏପରି ଗୁଣ ଆଦୌ ଭଲ ଲାଗିବ ନାହିଁ। କାରଣ ସେ ତାଙ୍କ ବାପା, ମାଆ କିମ୍ବା ଭାଇଭଉଣୀଙ୍କ ସମ୍ପର୍କରେ କୌଣସି ନକାରାତ୍ମକ କଥା ଶୁଣିବାକୁ ପସନ୍ଦ କରିବେ ନାହିଁ। ଠିକ୍ ଯେମିତି ଆପଣ ମଧ୍ୟ ନିଜ ବାପଘର ଲୋକଙ୍କ ସମ୍ପର୍କରେ ନକାରାତ୍ମକ କଥା ଶୁଣିପାରିବେ ନାହିଁ। ତେଣୁ ଏଭଳି କିଛି କହିବା ପୂର୍ବରୁ ସତର୍କ ରୁହନ୍ତୁ।

**ବନ୍ଧୁଙ୍କ ବିରୋଧରେ:** ସ୍ୱାମୀଙ୍କର କୌଣସି ଘନିଷ୍ଠ ବନ୍ଧୁ କିମ୍ବା ବାନ୍ଧବୀଙ୍କ ସମ୍ପର୍କକୁ ନେଇ ତାଚ୍ଛଲ୍ୟ କରନ୍ତୁ ନାହିଁ କିମ୍ବା ସନ୍ଦେହ କରନ୍ତୁ ନାହିଁ। ଏମିତିକି ବନ୍ଧୁଙ୍କର କୌଣସି ଖରାପ ଗୁଣ କିମ୍ବା ତାଙ୍କ ବିରୋଧରେ କୌଣସି ମନ୍ତବ୍ୟ ଦିଅନ୍ତୁ ନାହିଁ।

**ରୋଜଗାର ନେଇ ତାଚ୍ଛଲ୍ୟ:** ସ୍ୱାମୀଙ୍କର ରୋଜଗାରକୁ ନେଇ ଭୁଲରେ କେବେ ତାଚ୍ଛଲ୍ୟ କରନ୍ତୁ ନାହିଁ। ସବୁ ପୁରୁଷଙ୍କୁ ଏହା ଆଘାତ ଦେଇଥାଏ। ତେଣୁ ତାଙ୍କ ରୋଜଗାରକୁ ନେଇ ଆପଣ ସନ୍ତୁଷ୍ଟ ଥିବା ଭଳି ତାଙ୍କୁ ଅନୁଭବ କରାଇପାରିଲେ ପରିବାର ବେଶ୍ ହସଖୁସିରେ ଆଗେଇଯିବ।

## ଏମାନେ କ'ଣ କରନ୍ତି

### ମୁଡ୍ ଭଲ ଥିଲେ କହେ

ସ୍ୱାମୀଙ୍କ ମୁଡ୍ ଭଲ ଥିଲେ ମୁଁ ତାଙ୍କ ଆଗରେ ସବୁ କଥା କହିଥାଏ। ହେଲେ ଆଜିପର୍ଯ୍ୟନ୍ତ ମୁଁ ମୋ ନିଜର ଦୁର୍ବଳତା ବିଷୟରେ କେବେ ବି କହେନି। ଖାଲି ମୋ ବିଷୟରେ ନୁହେଁ, ମୋ ବାପଘରର ସବୁ ସଦସ୍ୟଙ୍କ ବିଷୟରେ ବି ମୁଁ କିଛି କହି ନଥାଏ। କାହିଁକିନା ଆମ ଘର ଲୋକଙ୍କୁ ନେଇ ସେ କିଛି କହିଲେ ମତେ ଭଲ ଲାଗିବନି। ଘରେ ସେ ନ ଥିବା ବେଳେ, ଝିଅ ଓ ମୁଁ



ମିଶି ବେଳେବେଳେ ଅନେକ ଛୋଟ ବଡ଼ କାମ ବି କରିଥାଉ ହେଲେ, ତାଙ୍କୁ ଜଣାଇ ନଥାଉ। ତେଣୁ ମୋର ଏଇ ଦୁର୍ବଳତାକୁ ମୁଁ ତାଙ୍କ ସହ ଆଦୌ ଶେୟାର କରେନି।

**ମାନସୀ ମୋହିନୀ ପଣ୍ଡା**
**(ଗୃହିଣୀ, ଦାରିଙ୍ଗବାଡ଼ି, କନ୍ଧମାଳ)**

### ଚାହିଁଲେ ବି କହିପାରେନି



ସ୍ୱାମୀଙ୍କୁ ତ ସବୁ କଥା କୁହେ, ହେଲେ ଏମିତି ବି କିଛି କଥା ଅଛି ଯାହା ମୁଁ ଚାହିଁଲେ ବି କହିପାରେନା। ଘରେ ମୁଁ ମୋର ନିଜସ୍ୱ ଅର୍ଥ ସଞ୍ଚୟ କରେ, ହେଲେ ସ୍ୱାମୀଙ୍କୁ ଜଣାଏ ନାହିଁ। ବେଳେବେଳେ ପୁଅ ଏତେ ଦୁଷ୍ଟ ହୁଏ ଯେ, ସ୍ୱାମୀଙ୍କୁ କହିବାକୁ ଚାହୁଁଥିଲେ ବି ପୁଅ ମନା କରିବା ଯୋଗୁଁ କହିପାରେନି। ଅନେକ ସମୟରେ ଶାଶୁ ଘରେ କିଛିକିଛି କାରଣ ଯୋଗୁଁ ବି ମନ ଦୁଃଖ ହୁଏ, ତାକୁ ବି ଶେୟାର୍ କରିପାରେନି। ତଥାପି ଆମେ ଖୁସିରେ ଅଛୁ।

***ରଶ୍ମିରାଣୀ ତ୍ରିପାଠୀ***
***(ଗୃହିଣୀ, ମଙ୍ଗଳାନଗର, ଖୋର୍ଦ୍ଧା)***

# ଘରକୁ କରନ୍ତୁ ଡିଟକ୍ସ



ଶରୀରକୁ ସଫାସୁତୁରା ରଖିବା ଯେତିକି ଆବଶ୍ୟକ ସେହିଭଳି ଘରକୁ ମଧ୍ୟ ସଫା ରଖିବା ଜରୁରୀ। ତେଣୁ ଘରକୁ କିପରି ସଫା ରଖିବେ ଜାଣିରଖନ୍ତୁ...

- ଘରର ପରିବେଶ ସୁନ୍ଦର ରହିଲେ ଶରୀର ଓ ମନ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ଘରକୁ ସବୁବେଳେ ସଫାସୁତୁରା ରଖି ମୁଡ୍ ଭଲ ରଖନ୍ତୁ।
- ଘରର ଅଳିଆ ଆବର୍ଜନା ସବୁକୁ ଯଦି ଘରର ଏକ ସ୍ଥାନରେ ଜମା କରି ରଖୁଥାନ୍ତି ତେବେ ସେପରି କରନ୍ତୁ ନାହିଁ। ଘରର ମଇଳାକୁ ବାହାରେ ରଖନ୍ତୁ ଓ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତାକୁ ଅଳିଆ ଜମା ହେଉଥିବା ସ୍ଥାନରେ ଫିଙ୍ଗି ଦିଅନ୍ତୁ। ଘରେ ଅଳିଆ ଜମା ହୋଇ ରହିଲେ ଘର ଅପରିଷ୍କାର ଲାଗିବା ସହିତ ପରିବେଶ ଖରାପ ହେବ।
- ଯଦି ଆପଣ ଘର ଭିତରେ ସବୁବେଳେ ରହୁଛନ୍ତି ତାହେଲେ ବେଳେବେଳେ ଘରର କବାଟ, ଝରକା ଆଦି ଖୋଲି ଦିଅନ୍ତୁ। ଫଳରେ ବାହାରର ମୁକ୍ତ ପବନ ଓ ଆଲୋକ ଘର ଭିତରକୁ ଆସିପାରିବ। ଏହା ସହିତ ଘରେ କିଛି ଇନଡୋର ଓ ଆଉଟ୍‌ଡୋର୍ ପ୍ଲାଣ୍ଟ ନିଶ୍ଚୟ ଲଗାନ୍ତୁ। ଘର ସଜ୍ଜା ପାଇଁ ସୁନ୍ଦର ଲାଗିବା ସହିତ ତାଜା ଲାଗିବ।
- ଘରେ ଯଦି ଆପଣଙ୍କର ଇଲେକ୍ଟ୍ରୋନିକ୍ ଜିନିଷ ଏଣେତେଣେ ରହୁଥାଏ ତେବେ ତାକୁ ସଜାଡ଼ି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଫଳରେ ଏସବୁ ଜିନିଷ ଖରାପ ହେବ ନାହିଁ ଏବଂ ଠିକ୍ ସମୟରେ ମିଳିପାରିବ।
- କୁହାଯାଏ କି ବହୁଦିନର ପୁରୁଣା ଜିନିଷକୁ ଯଦି ଘରେ ରଖାଯାଏ ତାହେଲେ ଘରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ତେଣୁ ଯେଉଁ ଜିନିଷକୁ ଆପଣ ବ୍ୟବହାର କରୁନାହାନ୍ତି ସେସବୁକୁ ଘରେ ରଖନ୍ତୁ ନାହିଁ। ନଚେତ୍ ଅନ୍ୟ ଏକ ଘରେ ସେସବୁକୁ ରଖନ୍ତୁ।
- ମାସକୁ ଅତିକମରେ ଥରେ ଘରର ସବୁ ସ୍ଥାନକୁ ଭଲଭାବରେ ସଫା କରନ୍ତୁ। ଘରର ପ୍ରତି ଛୋଟ ଛୋଟ ଜିନିଷକୁ ସଫା କରନ୍ତୁ।



## ଘରକରଣା

- ପାଣିରେ ଲେମ୍ବୁ ରସ ମିଶାଇ ମାଇକ୍ରୋୱେଭ୍ ଭିତରେ ରଖି ଅନ୍ କରି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ମାଇକ୍ରୋୱେଭ୍ ଭିତରକୁ ସଫା କରନ୍ତୁ, ଭଲଭାବେ ସଫା ହୋଇଯିବ।
- ଚିମିନି, ବଲ୍‌ବ, ଏଗ୍‌ଜଷ୍ଟ ଫ୍ୟାନ୍‌କୁ ସଫା କରିବା ପାଇଁ ଗରମ ପାଣିରେ ଭିନେଗାର ଓ ବ୍ଲିଚିଂ ପାଉଡର ମିଶାଇ କପଡ଼ାରେ ସଫା କରନ୍ତୁ।
- ପାଣିରେ ଭିନେଗାର ମିଶାଇ କପଡ଼ାରେ ଆଣି ଫ୍ରିଜ୍ ହ୍ୟାଣ୍ଡେଲ ତଥା ଝରକା, କବାଟର ହ୍ୟାଣ୍ଡେଲ ଆଦିକୁ ସଫା କରନ୍ତୁ। ବେଶ୍ ସୁନ୍ଦର ଦେଖାଯିବ।
- ରୋଷେଇ ଘରେ ଥିବା ଡବା ସବୁ ଚିକ୍କଣ ହୋଇ ଯାଇଥିଲେ ତାକୁ ଗରମପାଣି ବାଲ୍‌ଟିରେ ଡିଟରଜେଣ୍ଟ ଓ ବେକିଂ ସୋଡା ମିଶାଇ ପକାଇ ଦିଅନ୍ତୁ। ୩୦ ମିନିଟ୍ ପରେ ଡବା ସବୁକୁ କାଢ଼ି ସଫା କରି ଦିଅନ୍ତୁ। ଡବାରେ ଲାଗିଥିବା ଚିକ୍କଣ ଦୂର ହୋଇଯିବ।



- ରୋଷେଇ ଘରେ ବ୍ୟବହୃତ ହେଉଥିବା କପଡ଼ା ଯେପରିକି ଆପ୍ରନ, ରୁଟି ରଖିବା ନାପକିନ୍, କିଚେନ୍ ଟାୱେଲ ସବୁକୁ ସପ୍ତାହକୁ ଅତିକମ୍‌ରେ ତିନି ଥର ସଫା କରନ୍ତୁ। ଏକ ବଡ଼ ପାତ୍ରରେ ଉଷୁମ ପାଣି ଆଣି ସେଥିରେ ଏକ ଚାମଚ ବେକିଂ ସୋଡା ମିଶାଇ ସବୁ କପଡ଼ାକୁ ୧୫ ମିନିଟ୍ ଭିଜାଇ ରଖି ଦିଅନ୍ତୁ। ଏହାପରେ ସବୁ କପଡ଼ାକୁ ଡିଟରଜେଣ୍ଟ ପାଣିରେ ଲେମ୍ବୁ ରସ ମିଶାଇ ସଫା କରନ୍ତୁ। ସଫା କରିବା ପରେ ସବୁ କପଡ଼ାକୁ ଖରାରେ ସୁଖାନ୍ତୁ।

ସୌନ୍ଦର୍ଯ୍ୟ

# ଅଏଲି ସ୍କିନ୍ କେୟାର



ଅଏଲି ସ୍କିନ୍ ହୋଇଥିଲେ ସାଧାରଣତଃ ଅଧିକ ଯତ୍ନ ନେବାକୁ ହୋଇଥାଏ। ଆଉ ଏଥିପାଇଁ ରାସାୟନିକ ସାମଗ୍ରୀ ବଦଳରେ ଘରୋଇ ଉପାୟ ଆପଣେଇବା ଅଧିକ ଫଳପ୍ରଦ...

ସାଧାରଣତଃ ତୈଳୀୟ ତ୍ୱଚାରେ ବ୍ରଣ, ଦାଗ ଆଦି ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ସହଜରେ ମୁକ୍ତି ମିଳିପାରି ନ ଥାଏ। ଏ ଦୃଷ୍ଟିରୁ ଆପଣ କିଛି ଘରୋଇ ଫେସ୍ ପ୍ୟାକ୍ ସମ୍ପର୍କରେ ଜାଣିରଖନ୍ତୁ ଯାହା ସବୁ ସମସ୍ୟାକୁ ସମାଧାନ କରି ତ୍ୱଚାକୁ କୋମଳ କରିପାରିବ।

**ନିମ୍ ଫେସ୍ ପ୍ୟାକ୍**

ପ୍ରଥମେ ନିମ୍ବ ପତ୍ରକୁ ଧୋଇ ବାଟି ଦିଅନ୍ତୁ। ଏଥିରେ ଲେମ୍ବୁ ରସକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ସପ୍ତାହକୁ ଅତିକମ୍‌ରେ ଏହି ପ୍ୟାକ ୪ ଥର ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ ଦୂର ହେବା ସହିତ ତ୍ୱଚା ଉଜ୍ଜ୍ୱଳ ଦିଶିବ।

**କାକୁଡି ଫେସ୍ ପ୍ୟାକ୍**

କାକୁଡିକୁ ଧୋଇ ପ୍ରଥମେ କୋରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏଥିରେ ଲେମ୍ବୁ ରସ ମିଶାଇ ଫ୍ରିଜ୍‌ରେ ରଖି ଦିଅନ୍ତୁ। ଆପଣ ଚାହିଁଲେ ଏହାକୁ ଆଇସ୍ ଟ୍ରେରେ ମଧ୍ୟ ରଖିପାରିବେ। ଫ୍ରିଜରୁ ବାହାର କରି ଏହି ପ୍ୟାକ୍‌କୁ ମୁହଁରେ ଘଷନ୍ତୁ। ସପ୍ତାହକୁ ଅତି କମ୍‌ରେ ଏହି ପ୍ୟାକ ୩ ଥର ଲଗାନ୍ତୁ। କିଛି ଦିନ ପରେ ଅଏଲି ତ୍ୱଚାର ସବୁ ସମସ୍ୟା ଦୂରେଇ ଯିବ ଏବଂ ତ୍ୱଚା ବହୁତ୍ ସୁନ୍ଦର ଦିଶିବ।

**ମସୁର ଡାଲି ଫେସ୍‌ପ୍ୟାକ୍**

ଦୁଇ ଚାମଚ ମସୁର ଡାଲିକୁ ଭଲଭାବେ ଗୁଣ୍ଡ କରି ସେଥିରେ ଏକ ଚାମଚ ଦହି ଓ ଗୋଲାପ ଜଳ ମିଶାନ୍ତୁ। ଏହି ପେଷ୍ଟକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଶୁଖି ଆସିବା ପରେ ଧିରେ ଧିରେ ମସାଜ୍ କରି ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ଦୁଇଥର ଏହି ପ୍ୟାକ୍ ଲଗାଇଲେ ଅଏଲି ସ୍କିନ୍‌ର ସବୁ ସମସ୍ୟା ଦୂର ହୋଇପାରିବ ଏବଂ ତ୍ୱଚା କୋମଳ ହେବ।



## ଖାଦ୍ୟରୁଚି ଗୁଡ଼ ଜିଲାପି



**ଆବଶ୍ୟକ ସାମଗ୍ରୀ**

ମାଣ୍ଡିଆ ଚୂନା– ୧ କପ୍, ଚାଉଳ ଅଟା– ଅଧା କପ୍, ବିରି ଅଟା– ୪ ବଡ଼ ଚାମଚ, ଦହି– ୨ ବଡ ଚାମଚ, ବେକିଂ ସୋଡା– ଅଳ୍ପ, ଆବଶ୍ୟକ ଅନୁସାରେ ପାଣି ଓ ତେଲ

ସିରା ପାଇଁ– ଗୁଡ– ୨୦୦ ଗ୍ରାମ୍, ଲେମ୍ବୁ ରସ– ୧ ଚାମଚ, ଗୁଜୁରାତି ଗୁଣ୍ଡ– ଅଳ୍ପ, ଆବଶ୍ୟକ ଅନୁସାରେ ପାଣି

**ପ୍ରସ୍ତୁତି ପ୍ରଣାଳୀ**– ମାଣ୍ଡିଆ ଚୂନା, ଚାଉଳ ଅଟା ଓ ବିରି ଅଟାକୁ ଏକ ପାତ୍ରରେ ଭଲଭାବେ ମିଶାନ୍ତୁ। ଏଥିରେ ବେକିଂ ସୋଡା ଓ ଦହି ମିଶାନ୍ତୁ। ତା'ପରେ ପାଣି ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଘୋଳକୁ ଅଧିକ ପତଳା କିମ୍ବା ଅଧିକ ଗାଢ଼ା କରନ୍ତୁ ନାହିଁ। ଏକ ନିର୍ଦ୍ଦିଷ୍ଟ ଦିଗରେ ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ।

ଅନ୍ୟ ଏକ ପାତ୍ରରେ ଗୁଡ଼ ଓ ପାଣି ମିଶାଇ ଏକ ସିରା ପ୍ରସ୍ତୁତ କରନ୍ତୁ। ସିରା ପ୍ରସ୍ତୁତ ହେବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ପକାଇ ଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ସେଥିରେ ତେଲ କିମ୍ବା ଘିଅ ଗରମ କରନ୍ତୁ। ନିଜ ପସନ୍ଦ ଅନୁସାରେ ଛୋଟ କିମ୍ବା ବଡ଼ ଆକାରର ଜିଲାପି ତିଆରି କରି ଛାଣି ଦିଅନ୍ତୁ। ଏହାପରେ ଛଣା ହୋଇଥିବା ଜିଲାପିକୁ ୨ ମିନିଟ୍ ପର୍ଯ୍ୟନ୍ତ ସିରାରେ ବୁଡ଼ାଇ ରଖନ୍ତୁ। ଏହି ପରି ସବୁ ଜିଲାପି ତିଆରି କରି ସିରାରେ ବୁଡ଼ାଇ କାଢ଼ି ରଖନ୍ତୁ।

# ପ୍ରଥମ ଇଣ୍ଡିଆନ ଭଲିବଲ ଲିଗ୍ ପାଇଁ ପ୍ରସ୍ତୁତି



ଭିଏଫ୍ଆଇ ଓ ୟୁରୋସ୍ପୋର୍ଟ ଇଣ୍ଡିଆ ମଧ୍ୟରେ ହୋଇଥିବା ଚୁକ୍ତି ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ଭିଏଫ୍ଆଇର ପାର୍ଟନର ହେଲା ୟୁରୋସ୍ପୋର୍ଟ

**ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଭଲିବଲ ଲିଗ୍ (ଆଇଭିଏଲ୍)ର ସର୍ବପ୍ରଥମ ସଂସ୍କରଣ ଚଳିତ ବର୍ଷ ଜୁନ୍-ଜୁଲାଇରେ ଆୟୋଜନ ହେବା ସମ୍ଭାବନା ରହିଛି। ଏହି ପ୍ରତିଯୋଗିତାକୁ ଆୟୋଜନ ପାଇଁ ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ପାର୍ଟନର ହୋଇଛି ୟୁରୋସ୍ପୋର୍ଟ ଇଣ୍ଡିଆ (ଡିସ୍କଭରି ନେଟ୍‌ୱର୍କର ପ୍ରିମିୟମ ସ୍ପୋର୍ଟ୍ସ ବ୍ରାଣ୍ଡ)। ଦେଶରେ ଏକ ପ୍ରିମିୟର ଭଲିବଲ ଲିଗ୍‌ର ମାନ୍ୟତା ପାଇବାକୁ ଯାଉଥିବା ଏହି ପ୍ରତିଯୋଗିତା ପ୍ରତି ଏସିଆନ ଭଲିବଲ କନ୍‌ଫେଡେରେଶନ ଓ ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍ଆଇଭିବି)ର ସମର୍ଥନ ରହିଛି। ଦେଶର ବିଭିନ୍ନ ସ୍ଥାନରୁ ୬ରୁ ୮ ଫ୍ରାଞ୍ଚାଇଜ୍ ଦଳକୁ ନେଇ ଏହି ଲିଗ୍‌ର ପରିକଳ୍ପନା କରାଯାଇଛି। ପ୍ରତି ଦଳରେ ଭାରତର ଶୀର୍ଷସ୍ଥାନୀୟ ଖେଳାଳି ଓ ବିଭିନ୍ନ ରାଜ୍ୟର ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସୁଯୋଗ ମିଳିବ। ପ୍ରଥମ ସଂସ୍କରଣରେ କେତେଜଣ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯିବାର ଯୋଜନା ରହିଛି।

ପାର୍ଟନରଶିପ୍ ସମ୍ପର୍କରେ ମତଦେଇ ୟୁରୋସ୍ପୋର୍ଟ ଇଣ୍ଡିଆର ମୁଖ୍ୟ ରୁଚିର ଜୈନ କହିଛନ୍ତି ଯେ, "ଅଧିକରୁ ଅଧିକ କ୍ରୀଡ଼ା ସହ ଜଡ଼ିତ ହେବା ଦିଗରେ ଏହା ଆମର ଆଉ ଏକ ପଦକ୍ଷେପ। ଭଲିବଲ୍‌କୁ ଲୋକପ୍ରିୟ କରିବା ଆମର ଲକ୍ଷ୍ୟ। ଭାରତରେ ଭଲିବଲ କ୍ରମେ ଲୋକପ୍ରିୟ ହେଉଛି। ଏଥିରେ ଆମେ ଭାଗୀଦାର ହୋଇପାରିଥିବାରୁ ଖୁବ୍ ଆନନ୍ଦିତ"। ଭାରତୀୟ ଭଲିବଲ ଫେଡେରେଶନ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ କହିଛନ୍ତି ଯେ, "ବିଶ୍ୱସ୍ତରର ଏକ ସମ୍ମାନଜନକ ବ୍ରାଣ୍ଡ ସହିତ ଯୋଡ଼ି ହେବା ଭାରତୀୟ ଭଲିବଲ ପାଇଁ ସ୍ମରଣୀୟ ମୁହୂର୍ତ୍ତ। ଭିଏଫ୍ଆଇ ସହ ମିଶି ଭବିଷ୍ୟତରେ ଭାରତରେ ଏହି କ୍ରୀଡ଼ାର ଉନ୍ନତି ପାଇଁ ଏହା କାର୍ଯ୍ୟ କରିବ ବୋଲି ମୋର ଦୃଢ଼ ବିଶ୍ୱାସ। ବିଶ୍ୱସ୍ତରରେ ଏହାକୁ ଏକ ଅନ୍ତର୍ଜାତୀୟ ଭଲିବଲ ଲିଗ୍‌ରେ ପରିଣତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ"। ୟୁରୋସ୍ପୋର୍ଟ ଭାରତୀୟ ଭଲିବଲ ସହ ଯୋଡ଼ି ହୋଇଥିବାରୁ ଖୁସି ଜାହିର କରିଛନ୍ତି ଏସିଆନ ଭଲିବଲ କନ୍‌ଫେଡେରେଶନ (ଏଭିସି) ଜୋନାଲ ଏକ୍‌ଜିକ୍ୟୁଟିଭ୍ ଉପସଭାପତି ତଥା ଇଣ୍ଡିଆନ ଭଲିବଲ୍ ଲିଗ୍‌ର ଅଧ୍ୟକ୍ଷ ରାମାବତାର ସିଂ ଜାଖର। ଏହାଦ୍ୱାରା ଭାରତର ଯୁବ ଭଲିବଲ ଖେଳାଳିମାନେ ଉପକୃତ ହୋଇପାରିବେ। ପ୍ରସ୍ତାବିତ ଲିଗ୍ ବିଶ୍ୱ ଭଲିବଲ କ୍ୟାଲେଣ୍ଡରରେ ସ୍ଥାନ ପାଇବ। ଭାରତୀୟ ଭଲିବଲ ଲିଗ୍ ଓ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ଅଫିସିଆଲ ୱେବସାଇଟ୍‌ରେ ନୂଆ ଫ୍ରାଞ୍ଚାଇଜ୍ ସମ୍ପର୍କରେ ଆମେ ଖୁବ୍‌ଶୀଘ୍ର ଘୋଷଣା କରିବୁ ବୋଲି ସେ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଫ୍ରାଞ୍ଚାଇଜ୍ ଭିତ୍ତିକ ଇଣ୍ଡିଆନ ଭଲିବଲ ଲିଗ୍‌ର ଏକାଧିକ ଭେନ୍ୟୁ ରହିବ। ସେଥିରେ ଭୁବନେଶ୍ୱର ଅନ୍ୟତମ ଭେନ୍ୟୁ ହେବ। କେରଳ ଏବଂ ଅନ୍ୟ କେତେକ ଭେନ୍ୟୁରେ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନ ହେବ। ଏହା ବ୍ୟତୀତ ଓଡ଼ିଶା ନାମରେ ଏକ ଦଳ ଗଠନ ଲାଗି ଉଦ୍ୟମ ହେଉଛି। ରାଜ୍ୟ ସରକାରଙ୍କ ସହ ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାଯାଇଛି।



# ଆରାଧ୍ୟା ବର୍ମାଙ୍କୁ ଟାଇଟଲ

**ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି)**

ହରିୟାଣାର ରୋହତକରେ ଅନୁଷ୍ଠିତ ସିଏସ୍-୭ ଏଆଇଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆରାଧ୍ୟା ବର୍ମା ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେ ୧୬ ବର୍ଷରୁ କମ୍ ବର୍ଗର ସିଙ୍ଗଲ୍ସରେ ଚାମ୍ପିୟନ ହୋଇଥିବାବେଳେ ୧୪ ବର୍ଷରୁ କମ୍‌ରେ ରନର୍ସଅପ୍ ହୋଇଛନ୍ତି।୧୬ ବର୍ଷରୁ କମ୍ ଫାଇନାଲରେ ଆରାଧ୍ୟା ଦିଲ୍ଲୀର ସାମାରିଆ କୋହଲିଙ୍କୁ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ମାତ୍ର ୧୪ ବର୍ଷରୁ କମ୍ ବର୍ଗର ଫାଇନାଲରେ ସେ ମହାରାଷ୍ଟ୍ରର ମେହେକ କପୁରଙ୍କଠାରୁ ୨-୬, ୪-୬ ସେଟ୍‌ରେ ହାରି ଯାଇଥିଲେ। ଫାଇନାଲ ପ୍ରବେଶ ପଥରେ ଆରାଧ୍ୟା ଟପ୍ ସିଡ୍ ଖେଳାଳିଙ୍କୁ ହରାଇ ଦେଇଥିଲେ। ଏହି ସଫଳତା ପାଇଁ ଆରାଧ୍ୟାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତରେ ଭଲ ପ୍ରଦର୍ଶନ ପାଇଁ ସେ ଶୁଭକାମନା କରିଛନ୍ତି। ଆରାଧ୍ୟା ସମ୍ପ୍ରତି ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପଟିଆରେ ପ୍ରଶିକ୍ଷଣ ନେଉଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଗ୍ନିକାଣ୍ଡ: ୨ ବଖରା ଭସ୍ମୀଭୂତ

**ବୋଲଗଡ଼,୧୪।୨(ଡି.ଏନ୍.ଏ.):** ବୋଲଗଡ଼ ତହସିଲ ଅଧୀନ କଳାଙ୍ଗ ବଜାର ଛକ ନିକଟ ରଘୁନାଥ ସାହୁଙ୍କ ଚାଳଘରେ ସୋମବାର ଅପରାହ୍ନରେ ନିଆଁ ଲାଗି ଦୁଇ ବଖରା ସହ ଗୁହାଳ ଜଳିଯାଇଛି। ଧାନ, ଚାଉଳ ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ରଘୁନାଥଙ୍କର ପ୍ରାୟ ୪ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା ଅଗ୍ନିଶମ ବିଭାଗ କର୍ମଚାରୀ ବନମାଳୀ ବେହେରା କହିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଭସାପୋଲରେ ଆସିଲେ ପୋଲିଂ ପାର୍ଟି

**କୃଷ୍ଣପ୍ରସାଦ,୧୪।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବୁଧବାର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ବ୍ଲକର ୨୧ପଞ୍ଚାୟତ ପାଇଁ ୨୪୦ଟି ବୁଥ୍ ରହିଛି। ସୋମବାର ପୋଲିଂ ପାର୍ଟି ଡଙ୍ଗା ଏବଂ ଭସାପୋଲରେ ଯାଇ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ପୋଲିଂ ପାର୍ଟିଙ୍କ ଯାତାୟାତ ପାଇଁ ୨ଟି ଭସାପୋଲ, ୧୦ଟି ଡଙ୍ଗା ନିୟୋଜିତ କରାଯାଇଛି ବୋଲି ବିଡିଓ ମନୋଜ କୁମାର ନାୟକ କହିଛନ୍ତି। ଅନ୍ୟପଟେ ନିର୍ବାଚନ ସମୟରେ କୌଣସି ବିଶୃଙ୍ଖଳା ନ ଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଆଇଆଇସି ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

### ୬ ପଞ୍ଚାୟତରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ନିରାକାରପୁର,୧୪।୨(ଡି.ଏନ୍.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତେବେ ମତଦାନ ପୂର୍ବରୁ ରବିବାର ନିରାକାରପୁର, ଡିଆ, ଲେଣ୍ଡୋ, ରାମେଶ୍ୱର, ନୂଆଗଡ଼ ଓ ସାନରାଉତପଡ଼ା ପଞ୍ଚାୟତରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ ଦେହୁରି ଏବଂ ଥାନାର ସମସ୍ତ କର୍ମଚାରୀଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ।

### ବ୍ୟବସାୟୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୪।୨:** ଖୋର୍ଦ୍ଧା ସହରର ମୁଖ୍ୟ ଡାକଘର କାର୍ଯ୍ୟାଳୟ ନିକଟରେ ଦୀର୍ଘଦିନ ଧରି ବ୍ୟବସାୟ କରିଆସୁଥିବା ଧନେଶ୍ୱର ନାୟକ(୫୩)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଟ୍ରାଫିକ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସୋମବାର ସଂଘ ଅଧୀନରେ ରହିଥିବା ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା ବୋଲି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କହିଛନ୍ତି। ସଂଘ ସଭାପତି ରାଧାଶ୍ୟାମ ସେଠୀ, ଭରତ ଚନ୍ଦ୍ର ସୁବୁଦ୍ଧି, ଦେବେନ୍ଦ୍ର ବେହେରା, ଲକ୍ଷ୍ମୀଧର ପୃଷ୍ଟି, ସନ୍ତୋଷ ଶର୍ମା, କପିଳ ସାହୁଙ୍କ ସମେତ ଶତାଧିକ ବ୍ୟବସାୟୀ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଧନେଶ୍ୱରଙ୍କ ଅନ୍ତିମ ସତ୍କାର କରାଯାଇଥିବା ବେଳେ ପୁଅ ସୋମନାଥ ମୁଖାଗ୍ନି ଦେଇଥିଲେ।

### ୨ ଅଭିଯୁକ୍ତ ଗିରଫ

**ଜଟଣୀ,୧୪।୨(ଡି.ଏନ୍.ଏ.):** ଜଟଣୀ ପୋଲିସ ସୋମବାର ବିଭିନ୍ନ ମାମଲାରେ ସମ୍ପୃକ୍ତି ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଟଣୀ ବ୍ଲକ ଅଧୀନ ତିରିମଲ ଗ୍ରାମର ଗଦାଧର ଜେନା(୫୨) ଓ ପଦନପୁର ପଞ୍ଚାୟତ ବଡତୋଟା ଗ୍ରାମର କାଲୁ(୫୩)। ଉଭୟଙ୍କ ନାମରେ ଥାନାରେ ବଳାତ୍କାର ଏବଂ ଡକାୟତି ମାମଲା ରୁଜୁ ହୋଇଥିଲା।।

### ଆକ୍ରମଣ: ଜଣେ ଗୁରୁତର

**ବାଣପୁର,୧୪।୨(ଡି.ଏନ୍.ଏ.):** ବାଣପୁର ଥାନା ଅନ୍ତର୍ଗତ ସୁନାକେରା ଗ୍ରାମରେ ସୋମବାର ରାଜନୈତିକ ହିସାଂକାଣ୍ଡ ଘଟିଛି। ରାଜକିଶୋର ବସ୍ତି ବାଣପୁରରୁ ଘରକୁ ଫେରୁଥିବା ବେଳେ କୌଣସି କାରଣ ନେଇ ଉକ୍ତ ଗ୍ରାମର କେତେଜଣ ଭାଜପା ସମର୍ଥିତ କର୍ମୀ ଅଟକାଇ ଆକ୍ରମଣ କରିଥିଲେ। ଫଳରେ ରାଜକିଶୋର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

# ୬୬୧ ବୁଥ୍‌ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

**ଖୋର୍ଦ୍ଧା ଅଫିସ,୧୪।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଚାର ସୋମବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଓ ବୋଲଗଡ଼ ବ୍ଲକରେ ଭୋଟ ଗ୍ରହଣ କରାଯିବ। ସମସ୍ତ ପୋଲିଂ ପାର୍ଟି ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ରିପୋର୍ଟ ପରେ ନିଜ ବୁଥ୍‌କେନ୍ଦ୍ରରେ ପହଞ୍ଚିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୭ଜିଲା ପରିଷଦ, ୪୫ ପଞ୍ଚାୟତ ଓ ୬୬୧ ୱାର୍ଡମେମ୍ବର ପାଇଁ ମତଦାନ ହେବ। ୨ଲକ୍ଷ ୪୦ହଜାର ୪୮୭ ଭୋଟର ମତଦାନ କରିବେ।

ଟାଙ୍ଗୀ ବ୍ଲକର ୪ ଜିଲା ପରିଷଦ, ୨୬ ପଞ୍ଚାୟତ ଓ ୩୪୫ ୱାର୍ଡମେମ୍ବର ନିମନ୍ତେ ମତଦାନ ହେବ। ୧,୩୨,୨୬୯ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେହିପରି ବୋଲଗଡ଼ ବ୍ଲକରେ ୩ଜିଲା ପରିଷଦ, ୧୯ ପଞ୍ଚାୟତ ଓ ୩୧୬ ୱାର୍ଡମେମ୍ବର ନିମନ୍ତେ ମତଦାନ ହେବ। ୧,୦୮,୨୧୮ଭୋଟର ମତଦାନ ସାବ୍ୟସ୍ତ କରିବେ। ଟାଙ୍ଗୀ ବ୍ଲକରେ ୧୦୭ ସମିତିସଭ୍ୟ, ୯୮ ସରପଞ୍ଚ ଏବଂ ୫୮୪


ମତଦାନ କେନ୍ଦ୍ରକୁ ଯିବା ପାଇଁ ପୋଲିଂ ପାର୍ଟି ପ୍ରସ୍ତୁତ ହେଉଛନ୍ତି।

ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ବୋଲଗଡ଼ ବ୍ଲକର ୭୩ ସମିତିସଭ୍ୟ, ୭୫ ସରପଞ୍ଚ ଏବଂ ୪୯୦ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ଟାଙ୍ଗୀ ବ୍ଲକରେ ୧୦୭ ସମିତିସଭ୍ୟ, ୯୮ ସରପଞ୍ଚ ଓ ୫୮୪ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ବୋଲଗଡ଼ ବ୍ଲକରେ ୭୩ ସମିତିସଭ୍ୟ, ୭୫ ସରପଞ୍ଚ ଓ ୪୯୦ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ଟାଙ୍ଗୀ ବ୍ଲକରେ ୩୪୫ ବୁଥ୍‌କେନ୍ଦ୍ର ରହିଛି। ସେଥିରୁ ୫୮ଟି ଅତି ସମ୍ବେଦନଶୀଳ, ୧୫୫ ସମ୍ବେଦନଶୀଳ ଓ ୧୩୨ ସାଧାରଣ ବୁଥ ରହିଛି। ସେହିପରି ବୋଲଗଡ଼ ବ୍ଲକରେ ୩୧୬ ବୁଥ୍‌କେନ୍ଦ୍ର ମଧ୍ୟରୁ ୧୫ ଅତି ସମ୍ବେଦନଶୀଳ, ୧୧୪ ସମ୍ବେଦନଶୀଳ ଓ ୧୮୭ ସାଧାରଣ ବୁଥକେନ୍ଦ୍ର ରହିଛି। ପ୍ରତ୍ୟେକ ପର୍ଯ୍ୟାୟରେ ପୋଲିଂ ଅଫିସର, ପ୍ରଥମ ଓ ଦ୍ୱିତୀୟ ପ୍ରିଜାଇଡିଂ ଅଫିସର ଏବଂ ପୋଲିସ ୧୨୯୭ଜଣ ଲେଖାଏ ରହିବେ। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ସମସ୍ତ ପୋଲିଂ ଅଫିସର,

**୨ ଲକ୍ଷ ୪୦ ହଜାର ୪୮୭ ଭୋଟର ମତ ସାବ୍ୟସ୍ତ କରିବେ**

ପ୍ରିଜାଇଡିଂ ଅଫିସର ନିଜ ବୁଥ୍‌କେନ୍ଦ୍ରରେ ପହଞ୍ଚିଛନ୍ତି। ଅତିସମ୍ବେଦନଶୀଳ ବୁଥରେ ପୋଲିସ ମୁତୟନ ରହିବେ। ଶୃଙ୍ଖଳିତ ମତଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଭୋଟରମାନେ ଭୋଟର ପରିଚୟ ବ୍ୟତୀତ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି କରାଯାଇଥିବା ଅନ୍ୟ ପରିଚୟ ପତ୍ର ଦେଖାଇ ଭୋଟ ଦେଇପାରିବେ। ମତଦାନ କେନ୍ଦ୍ରରେ ମାସ୍କ ବାଧ୍ୟତାମୂଳକ ରହିଛି। ପରସ୍ପର ମଧ୍ୟରେ ୬ଫୁଟ ସାମାଜିକ ଦୂରତା ରଖିବେ। କୋଭିଡ ନିୟମ ମୁତାବକ ମତଦାନ କରାଯିବ। ଏସ୍‌ପି ଅଲେଖ ଚନ୍ଦ୍ର ପହି କହିଛନ୍ତି, ନିର୍ବାଚନ ଲାଗି ଜିଲା ପ୍ରଶାସନ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅତିସମ୍ବେଦନଶୀଳ ଏବଂ ସମ୍ବେଦନଶୀଳ ବୁଥ ଉପରେ ନଜର ରହିବ। ସବୁ ବୁଥ୍‌କେନ୍ଦ୍ରରେ ପୋଲିସ ମୁତୟନ ରହିବେ। ନିର୍ବାଚନ ପାଇଁ ଜିଲା ପୋଲିସ ପ୍ରସ୍ତୁତ ରହିଛି।

## ୩ ଚୋରି ମାମଲାରେ ୫ କୋର୍ଟଚାଲାଣ

**ଜଟଣୀ,୧୪।୨(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ବିଭିନ୍ନ ଚୋରି ମାମଲାରେ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଜଟଣୀ ବ୍ଲକ ପଦନପୁର ଅଞ୍ଚଳର ଜିତେନ୍ଦ୍ର ସେଠୀଙ୍କ ଘର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଏକ ବାଇକ୍ ଏବଂ ମୋବାଇଲ ଫୋନ୍ ଚୋରିକରି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା (ନଂ.୨୯/୨୨) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ନୟାଗଡ଼ ଅଞ୍ଚଳର ମାନସ ମଲିକ (୨୭) ଏବଂ ବେଣୁଧର ମୁଦୁଲି ଓରଫ ବାଙ୍କା (୩୬)ଙ୍କୁ ଗିରଫ କରଥିଲା। ସେମାନଙ୍କ ନିକଟରୁ ଚୋରି ବାଇକ୍ ଏବଂ ମୋବାଇଲ ଜବତ ହୋଇଛି। ସେହିପରି ସ୍ଥାନୀୟ ସୀତାରାମ ଛକ ନିକଟ ଏକ ଦୋକାନ ସମ୍ମୁଖରୁ ବାଇକ୍ ଚୋରି ମାମଲାରେ ପୋଲିସ ଖୋର୍ଦ୍ଧା ଟାଙ୍ଗୀ ଥାନା ଅଞ୍ଚଳର ଅନନ୍ତ ଚମ୍ପତି (୧୯) ଓ ସମୀର ବାରିକ(୨୨)ଙ୍କୁ ଗିରଫ କରିଛି। ଘରେ ପଶି ଟଙ୍କା ଓ ସୁନାଗହଣା ଚୋରି ଅଭିଯୋଗରେ ତ୍ରିନାଥ ବେହେରାଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।



ଭୋଟର ତାଲିକାରୁ ନାଁ କାଟିଦେବା ପ୍ରତିବାଦରେ ସୋମବାର ବାଣପୁର ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜଗନ୍ନାଥ ଦଇତାପତି ନିଯୋଗ ସଭାପତି, ରାମକୃଷ୍ଣ ସମ୍ପାଦକ

**ପୁରୀ ଅଫିସ, ୧୪।୨**

ଶ୍ରୀମନ୍ଦିର ପରିସରରେ ସୋମବାର ଶ୍ରୀମନ୍ଦିର ଦଇତାପତି ନିଯୋଗର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗତ ୩ତାରିଖରେ ୨୯ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ଜଣେ ପ୍ରାର୍ଥୀ ନିର୍ବାଚନରୁ ଓହରି ଯାଇଥିଲେ। ୨୮ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧୨ ତାରିଖରେ ଶ୍ରୀମନ୍ଦିର ପରିସରରେ ଦଇତାପତି ନିଯୋଗ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇଥିଲା। ସର୍ବାଧିକ ଭୋଟ ପାଇଥିବା ୧୫ଜଣ ପ୍ରାର୍ଥୀ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ସୋମବାର ନିଯୋଗ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ହୋଇଥିଲା। ଜଗନ୍ନାଥ ଦାସ ମହାପାତ୍ର ନିଯୋଗର ସଭାପତି, ଶ୍ୟାମପ୍ରସାଦ ଦାସ ମହାପାତ୍ର ଉପସଭାପତି, ରାମକୃଷ୍ଣ ଦାସ ମହାପାତ୍ର ସମ୍ପାଦକ, ଶିବାନୀ ଦାସ ମହାପାତ୍ର ସହସମ୍ପାଦକ ଏବଂ କାର୍ତ୍ତିକ ଦାସ ମହାପାତ୍ର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୫ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ୧୦ଜଣ ନିର୍ବାଚିତ ସଦସ୍ୟ ନିଯୋଗର କମିଟି ମେମ୍ବର ଭାବେ ଦାୟିତ୍ୱ ତୁଲାଇବେ।

## ନିର୍ବାଚନ ପ୍ରସ୍ତୁତି ନେଇ ପୁରୀ ଏସ୍‌ପିଙ୍କ ସମୀକ୍ଷା



**କୃଷ୍ଣପ୍ରସାଦ,୧୪।୨(ଡି.ଏନ୍.ଏ.)**

ଆଉ ଦିନକ ପରେ ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ସୋମବାର ପୁରୀ ଏସ୍‌ପି କନୱର ବିଶାଲ ସିଂ କୃଷ୍ଣପ୍ରସାଦ ଗସ୍ତ କରି ନିର୍ବାଚନ କାର୍ଯ୍ୟର ସୁପରିଚାଳନା ନେଇ ସମୀକ୍ଷା କରିଛନ୍ତି। ଶାନ୍ତିଶୃଙ୍ଖଳାରେ ମତଦାନ ପାଇଁ ଏସ୍‌ପି ସିଂ କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ସହ ଆଲୋଚନା କରିଥିଲେ। ଏହି ଅଞ୍ଚଳରେ ୨୫ଟି ଉତ୍ତେଜନାପ୍ରବଣ ବୁଥ୍ ରହିଥିବା ବେଳେ ମତଦାନ ଶୃଙ୍ଖଳାରେ ହେବ ବୋଲି ଆଇଆଇସି ସ୍ୱାଇଁ କହିଥିଲେ। ଏ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କୋଭିଡ୍ ନିୟମ ଅନୁକରଣ ସହ ବିଶୃଙ୍ଖଳା ଘଟିଲେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏସ୍‌ପିଙ୍କ ଏହି ଗସ୍ତରେ ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# 'ମାତାପିତାଙ୍କ ସେବାରେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି'

**ଖୋର୍ଦ୍ଧା ଅଫିସ,୧୪।୨**

ମନୁଷ୍ୟ ଗଦ୍ୟ ସୃଷ୍ଟି କରେ। ପ୍ରକୃତି ପଦ୍ୟ ସୃଷ୍ଟି କରେ। ଆମେ ଶବ୍ଦ ଯୋଡ଼ି ତାହାକୁ ସଙ୍ଗୀତ ବୋଲି କହୁ। ବାସ୍ତବରେ କବିତା, ଗୀତ, ଗଳ୍ପ ସାହିତ୍ୟ ଏସବୁ ପ୍ରକୃତିର ଦାନ। ମନୁଷ୍ୟ ନିଜ କର୍ମକୁ ନେଇ ପରିଚିତ ହୋଇଥାଏ। ଗୀତା ଜୀବନକୁ ସରସ ସୁନ୍ଦର କରିଥାଏ। କୃଷି ଓ ଗୋସମ୍ପଦର ସଂରକ୍ଷଣ, ବିକାଶ ଏବଂ ସମ୍ବର୍ଦ୍ଧନ ପାଇଁ ଶ୍ରୀକୃଷ୍ଣ ଓ ବଳରାମଙ୍କ ଅବଦାନ ଅତୁଳନୀୟ। ଭାରତର ଆତ୍ମା ହେଉଛି କୃଷି ଏବଂ କୃଷକଙ୍କ ଆତ୍ମା ହେଉଛି ଗୋବଂଶ। ତେଣୁ ଗୋସଂସ୍କୃତିର ବିକାଶରେ ରାଷ୍ଟ୍ରର ସମୃଦ୍ଧି ନିହିତ ରହିଛି। ଭାବରେ ଭଗବାନ ଅଛନ୍ତି। ଭକ୍ତି ଓ ସମର୍ପଣ ମାର୍ଗ ହେଉଛି ଶ୍ରେଷ୍ଠ ମାର୍ଗ। ନିରନ୍ତର ଭକ୍ତି ଆରାଧନା ଦ୍ୱାରା ଭଗବାନ ସନ୍ତୋଷଲାଭ କରନ୍ତି। ଆଉ ଏସବୁ ପ୍ରାପ୍ତ ହୋଇଥାଏ କେବଳ ମାତାପିତାଙ୍କ ସେବାରେ। ପୁରାଣ ଶାସ୍ତ୍ରରେ ମଧ୍ୟ ବର୍ଣ୍ଣିତ ଅଛି ଯେ, ସବୁ ଦେବତାଙ୍କ ସମାହାର ହେଉଛନ୍ତି ବାପା ଏବଂ ସବୁ ତୀର୍ଥର ସମାହାର ହେଉଛନ୍ତି ମା'। ତେଣୁ ମାତାପିତାଙ୍କ ସେବାରେ ଭଗବତ ପ୍ରାପ୍ତି ହୋଇଥାଏ ବୋଲି ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାସ(ଦାସ ବେନହୁର) କହିଛନ୍ତି। ସୋମବାର ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ଖୋର୍ଦ୍ଧା ଗୀତାଭବନଠାରେ ଆୟୋଜିତ ମାତୃପିତୃ ପୂଜନ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦାସ ବେନହୁର ଏହା କହିଛନ୍ତି। ଏହାକୁ ଅନୁଷ୍ଠାନର ଆବାହକ ବ୍ରଜକିଶୋର ସାହୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ଣ୍ଣେଲ ଶରତ ଚନ୍ଦ୍ର ମିଶ୍ର, ସହଧର୍ମିଣୀ ପ୍ରମିଳା ମିଶ୍ର, ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ ଏବଂ ଅନନ୍ତ ନାରାୟଣ ମହାରାଜ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ମୃତି ଅନନ୍ୟା ବେଦପାଠ କରିଥିଲେ। ଗାୟିକା ତୃପ୍ତି ନାୟକ ଏ ତେ ସଚେ ହେ ଭଗବାନ ହେ ଏବଂ ତୁ କିତ୍‌ନି ଅଛି ହେ... ଓହ ମା.... ସଙ୍ଗୀତ ଗାନ କରି ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦାସ ବେନହୁର ଓ କର୍ଣ୍ଣେଲ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ମଧ୍ୟ ଅତିଥିଙ୍କୁ ଖୋର୍ଦ୍ଧା ଗାମୁଛାରେ ସମ୍ମାନିତ କରିଥିଲେ। ଏହି ଅବସରରେ ଆୟୋଜିତ ପୂଜନ ଉତ୍ସବରେ ଶିଶୁମାନେ ସେମାନଙ୍କ ମାତାପିତାଙ୍କୁ ଫୁଲ ଚନ୍ଦନ ଲଗାଇ ପୂଜନ କରିଥିଲେ। ଗୁଣନିଧି ମହାପାତ୍ର, ଗୋଲକ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ବସନ୍ତ ଦାସ, ରାକେଶ ମହାନ୍ତି, ରବି ନାରାୟଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ମେଣ୍ଢାଶାଳରେ କୁମ୍ଭମେଳା ମହୋତ୍ସବ

**ବାରଙ୍ଗ,୧୪।୨(ଡି.ଏନ୍.ଏ.)**

ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଭଗବତ ବାସୁଦେବଙ୍କ ମନ୍ଦିର ପରିସରରେ ଚଳିତବର୍ଷ କୁମ୍ଭମେଳା ଅନୁଷ୍ଠିତ ହୋଇଯାଇଛି। ରବିବାର ଶୁଭ ଦିବସ, ସୋମବାର ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମେଣ୍ଢାଶାଳ, ତମାଣ୍ଡୋ, ଯାଆଁଳା, ଯୋରକଣୀ, କୁଜିମହୁଲ, ବରପଦା, ଗିରିଙ୍ଗାପୁଟ, ମାଣିତ୍ରୀ, ରେଙ୍ଗଳ, ଅନନ୍ତପୁର, ବଡରଘୁନାଥପୁର, ମଦନପୁର, ଗୌଡକାଶିପୁର, ଭୋଳା, ଅରଗଡ, ଅନ୍ଧାରୁଆ ଓ ଘାଟିକିଆ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ରବୀନ୍ଦ୍ରନାଥ ମିଶ୍ରଙ୍କ ପୌରୋହିତ୍ୟରେ ଏହି ମହୋତ୍ସବ ହୋଇଥିଲା। ଭରତଚନ୍ଦ୍ର ରାଉତରାୟ, ପ୍ରଫୁଲ୍ଲ ଚନ୍ଦ୍ର ଶ୍ରୀଚନ୍ଦନ, ଭାସ୍କରଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ ।

## କାଦୁଆକୁ ହରାଇ ସୁନାନଟି ଚାମ୍ପିୟନ

**ବୋଲଗଡ଼,୧୪।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ମାଳିସାହି ଗ୍ରାମ ତିନିଦୋଳ ପଡ଼ିଆରେ ଚାଲିଥିବା ମା' ଶିଖରବାସିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ନୟାଗଡ଼ ଜିଲାର କାଦୁଆ ଜଗନ୍ନାଥପ୍ରସାଦ ଟିମ୍‌କୁ ହରାଇ ସୁନାନଟି ଗ୍ରାମର ଭୁଆଶୁଣୀ ଟିମ୍ ଚାମ୍ପିୟନ ହୋଇଛି। ଜଗନ୍ନାଥପ୍ରସାଦ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଭୁଆଶୁଣୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥପ୍ରସାଦ ଟିମ୍ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୮୦୦ ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୨୨୦୦ ଟଙ୍କା ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ସାହୁ ଓ ଜଗନ୍ନାଥ ପୃଷ୍ଟି ମ୍ୟାଚ୍ ପରିଚାଳନା କରିଥିଲେ।


ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ବେଙ୍ଗାଲୁରୁ ଆଇଆଇଏସ୍‌ରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ

**ଭୁବନେଶ୍ୱର, ୧୪।୨(ବ୍ୟୁରୋ)**

ପ୍ରସିଦ୍ଧ ବିଜ୍ଞାନ ଓ ଗବେଷଣା ଶିକ୍ଷାନୁଷ୍ଠାନ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍) ପରିସରରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ୮୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ସୁବ୍ରତୋ ବାଗ୍‌ଚୀ ଓ ତାଙ୍କ ସ୍ତ୍ରୀ ତଥା ମୋ ସ୍କୁଲ ସଂଗଠନର ଅଧକ୍ଷା ସୁସ୍ମିତା ବାଗ୍‌ଚୀ ଏବଂ ସହଯୋଗୀ 'ମାଇଣ୍ଡ ଟ୍ରି'ର ଅନ୍ୟତମ ପ୍ରତିଷ୍ଠାତା ଏନ. ପାର୍ଥସାରଥି ଓ ତାଙ୍କ ସ୍ତ୍ରୀ ରାଧା ୪୨୫ କୋଟି ଟଙ୍କା ଦାନ କରିଛନ୍ତି। ଏହି ହସ୍ପିଟାଲର ନାମ ରହିବ 'ବାଗ୍‌ଚୀ-ପାର୍ଥସାରଥି ହସ୍ପିଟାଲ'। ଏହି ହସ୍ପିଟାଲ ୨୦୨୪ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ହସ୍ପିଟାଲ ପ୍ରତିଷ୍ଠାନ ସମ୍ପର୍କରେ ସୁସ୍ମିତା କହିଛନ୍ତି, ଭାରତୀୟ ବିଜ୍ଞାନ ସଂସ୍ଥାନ ସହ ଯୋଡ଼ି ହୋଇଥିବାରୁ ଆମେ ଆନନ୍ଦିତ। ଆମ ଦେଶରେ କେବଳ ସରକାର କିମ୍ବା କର୍ପୋରେଟ୍ ଜଗତ ଚାହିଁଲେ ହିଁ ମେଡିକାଲ ଗବେଷଣା ହୋଇପାରିବ ନାହିଁ, ଏଥିପାଇଁ ଆମ ପରି ଲୋକମାନଙ୍କୁ ଆଗେଇ ଆସିବାକୁ ହେବ। ଗତବର୍ଷ ଓଡ଼ିଶାରେ ଏକ କ୍ୟାନ୍‌ସର ହସ୍ପିଟାଲ ଓ ପାଲିଏଟିଭ୍ କେୟାର କେନ୍ଦ୍ର ସ୍ଥାପନ ପାଇଁ ବାଗ୍‌ଚୀ ଦମ୍ପତି ୩୪୦ କୋଟି ଟଙ୍କା ଦାନ କରିଥିଲେ। ବାଗ୍‌ଚୀ ଓ ପାର୍ଥସାରଥି ଦମ୍ପତିଙ୍କ ଏପରି ବଦାନ୍ୟତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି।

**୪୨୫ କୋଟି ଦାନକଲେ ବାଗ୍‌ଚୀ ଓ ପାର୍ଥସାରଥି ଦମ୍ପତି**

# ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ମହିଳା ଗିରଫ

**ଖୋର୍ଦ୍ଧା ଅଫିସ,୧୪।୨**

ଖୋର୍ଦ୍ଧାରେ ବ୍ରାଉନ୍ ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। କମ୍ ସମୟରେ ଅଧିକ ରୋଜଗାର ଲାଳସାରେ ଯୁବପିଢ଼ି ଓ ମହିଳାଙ୍କୁ ଏହି କାରବାରରେ ସାମିଲ କରାଯାଉଛି। ସୋମବାର ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍‌ର ଏକ ୧୫ଜଣିଆ ଟିମ୍ ବରୁଣେଇ ନଗରରେ ଚଢ଼ାଉ କରି ୧୮୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ସାମନ୍ତରାପୁରର ଅନିତା ପରମଗୁରୁ(୩୭)। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୮ଲକ୍ଷ ଟଙ୍କା ହେବ। ଏନେଇ

**୨୦ଦିନରେ ୪୫୦ ଗ୍ରାମ ଜବତ**


ଗିରଫ ମହିଳା ଓ ଜବତ ବ୍ରାଉନ୍‌ସୁଗାର।

ଏନ୍‌ଡିପିଏସ୍ ଆକ୍ଟ ୨୧ରେ ଏକ ମାମଲା (ନଂ.୨୫୫/୨୨) ରୁଜୁ ହୋଇଛି। ସାମନ୍ତରାପୁରରେ ଥିବା ଅନିତାଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇ ବ୍ରାଉନ୍‌ସୁଗାର କାରବାର ନେଇ ପ୍ରମାଣ ମିଳିଛି। ଅନିତାଙ୍କ ସ୍ୱାମୀ ଶ୍ରୀବତ୍ସ ପରମଗୁରୁ ଏହି କାରବାରରେ ସମ୍ପୃକ୍ତ ରହି ଜେଲରେ ରହିଛନ୍ତି। ଏହି ଚଢ଼ାଉରେ ଇନ୍‌ସ୍ପେକ୍ଟର ସରୋଜ କୁମାର ପରିଡା, ଉମାକାନ୍ତ ସ୍ୱାଇଁ, ଏସ୍‌ଆଇ ସଚିନ ବେହେରା, ଏଏସ୍‌ଆଇ ସାକରି ଉଲ୍ଲା, ନଟବର ମଲିକ, ରାଜେନ୍ଦ୍ର ନାୟକ, କନଷ୍ଟେବଳ ଦିଲୀପ କୁମାର ନନ୍ଦ, ଅଜୟ ବେହେରା, ଦେବାଶିଷ ବେହେରା, ପ୍ରଦ୍ୟୁମ୍ନ ପାତ୍ର, ଦିଲଜିତ ଦାସ, ଅନ୍ତର୍ଯ୍ୟାମୀ ମଲିକ, ରୋଜାଲିନ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ପଣ୍ଡା ପ୍ରମୁଖ ସାମିଲ ରହିଥିଲେ। ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି, ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ବ୍ରାଉନ୍‌ସୁଗାର ବାଲେଶ୍ୱର ଓ ଜଳେଶ୍ୱର ଦେଇ ଖୋର୍ଦ୍ଧା ଆସୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ଅନ୍ୟତ୍ର ପଠାଉଥିଲେ। ଖୋର୍ଦ୍ଧା ସହରକୁ ନିଶାମୁକ୍ତ ଲାଗି ଆଗକୁ ମଧ ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଏହି ଟିମ୍ ଜାନୁୟାରୀ ୨୫ରେ ଖୋର୍ଦ୍ଧା ପ୍ରାଣୀଧନ ଚିକିତ୍ସାଳୟ ନିକଟ ଏକ ପରିବା ଦୋକାନରେ ଚଢ଼ାଉ କରି ୨୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ୧ଲକ୍ଷ ୧୩ ହଜାର ଟଙ୍କା ଜବତ କରିଥିଲା। ଏଥିରେ ସମ୍ପୃକ୍ତି ନେଇ ସାମନ୍ତରାପୁରର ରାଜେନ୍ଦ୍ର ପୃଷ୍ଟି(୪୨) ଗିରଫ ହୋଇଥିଲେ।

## ରେଳ ଷ୍ଟେଶନରେ ଯାତ୍ରୀଙ୍କ ଠାରୁ ଲୁଟ

ପୁରୀ ଅଫିସ: ପୁରୀ ରେଳଷ୍ଟେଶନ ଯାତ୍ରୀ ବିଶ୍ରାମଗାରରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍ ଲୁଟ ଅଭିଯୋଗରେ ଜିଆର୍‌ପି ପୋଲିସ ଯାଜପୁର ଜିଲା କୋରେଇ ଅଞ୍ଚଳର ସିଦ୍ଧେଶ୍ୱର ବେହେରାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ବଡବଜାର ଥାନା ଅନ୍ତର୍ଗତ ହରଡା ଗ୍ରାମର ଏସ୍.ରବୀନ୍ଦ୍ର ରେଡ୍ଡୀ ରବିବାର ରାତି ୧୧ଟାରେ ପୁରୀ ରେଳ ଷ୍ଟେଶନ ନୂଆଯାତ୍ରୀ ନିବାସରେ ତାଙ୍କ ସ୍ତ୍ରୀଙ୍କ ସହ ବିଶ୍ରାମ ନେଉଥିଲେ। ଏହି ସମୟରେ ଜଣେ ଯୁବକ ରବୀନ୍ଦ୍ରଙ୍କ ପାଖରୁ ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇବା ବେଳେ ସେ ଉଠିପଡ଼ି ଲୁଟେରାଙ୍କୁ କାବୁ କରିଥିଲେ। ଉଭୟଙ୍କ ମଧରେ ଟଣାଓଟରା ବେଳେ ଲୁଟେରା ଲୁଚାଇ ରଖିଥିବା ବ୍ଲେଡରେ ରବୀନ୍ଦ୍ରଙ୍କୁ ଆଘାତ କରିଥିଲେ। ତାଙ୍କ ଚିତ୍କାର ଶୁଣି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା।




୧୪।୨।୨୦୨୨

| | |
|---|---|
| ୩,୬୮,୮୫୩ ଟଙ୍କା | |
| ସୁନା | ୨.୮୦୦ ଗ୍ରାମ |
| ରୁପା | ୮୫୦ ମିଲି ଗ୍ରାମ |

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଏସ୍‌ପି

**ପୁରୀ ଅଫିସ, ୧୪।୨:**

ପୁରୀ ଜିଲାର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ୧୬ ତାରିଖରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଏ ନେଇ ପୋଲିସ ପକ୍ଷରୁ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି କନୱର ବିଶାଳ ସିଂ ସମୀକ୍ଷା କରିଛନ୍ତି। ସୋମବାର ଏସ୍‌ପି ପ୍ରଥମେ ବ୍ରହ୍ମଗିରିର ଡିସ୍‌ପୋଜାଲ ସେଣ୍ଟର ଓ କୃଷ୍ଣପ୍ରସାଦର ଦୁଇଟି ଡିସ୍‌ପୋଜାଲ ସେଣ୍ଟର ବୁଲି ସମୀକ୍ଷା କରିଥିଲେ। ପରେ କୃଷ୍ଣପ୍ରସାଦ ଥାନା ପରିଦର୍ଶନ କରିଥିଲେ। ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଏସ୍‌ପି ସୂଚନା ଦେବା ସହ ନିର୍ବାଚନରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏକ ଭୟମୁକ୍ତ ଓ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଭୋଟରମାନେ ନିର୍ଭୟରେ ମତଦାନ କରି ନିଜ ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ଏସ୍‌ପି ଆହ୍ୱାନ ଦେଇଥିଲେ।



ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ପୋଲିସ ଅଧିକାରୀଙ୍କ ସହ ଏସ୍‌ପି କନୱର ବିଶାଳ ସିଂ ଆଲୋଚନା କରୁଛନ୍ତି।

## ଜିଲାରେ ୧୩ ପିଙ୍କ୍ ବୁଥ୍

**ପୁରୀ ଅଫିସ,୧୪।୨:**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୁରୀ ଜିଲାରେ ୧୩ଟି ପିଙ୍କ୍ ବୁଥ୍ ପ୍ରସ୍ତୁତ କରାଯାଇଛି। ଉକ୍ତ ବୁଥ୍‌ରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଓ ସୁରକ୍ଷାକର୍ମୀ ଭାବେ କେବଳ ମହିଳାମାନେ ମୁତୟନ ହେବେ। ପିପିଲି ବ୍ଲକ୍‌ରେ ୩ଟି ଏବଂ ଅନ୍ୟ ବ୍ଲକ୍‌ଗୁଡ଼ିକରେ ଗୋଟିଏ ଲେଖାଏ ପିଙ୍କ୍ ବୁଥ୍ ରହିଛି। ପୁରୀ ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତର ୫ନମ୍ବର ୱାର୍ଡ, କାକଟପୁର ବ୍ଲକ ଓଥକା ପଞ୍ଚାୟତର ୩ନମ୍ବର ୱାର୍ଡ, କଣାସ ବ୍ଲକ କଣାସ ପଞ୍ଚାୟତର ୭ନମ୍ବର ୱାର୍ଡ, କୃଷ୍ଣପ୍ରସାଦ ବ୍ଲକ ନୂଆପଡ଼ା ପଞ୍ଚାୟତର ୨ନମ୍ବର ୱାର୍ଡ, ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ପଞ୍ଚାୟତର ୬ନମ୍ବର ୱାର୍ଡ, ଡେଲାଙ୍ଗ ବ୍ଲକ ଗଡ଼ମୋଟରୀ ପଞ୍ଚାୟତର ୧୨ନମ୍ବର ୱାର୍ଡ, ବ୍ରହ୍ମଗିରି ବ୍ଲକ ବ୍ରହ୍ମଗିରି ପଞ୍ଚାୟତର ୧୩ ନମ୍ବର ୱାର୍ଡ, ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତର ୮ନମ୍ବର ୱାର୍ଡ, ନିମାପଡ଼ା ବ୍ଲକ ଡେରୁଣ୍ଡିଆ ପଞ୍ଚାୟତର ୧୬ ନମ୍ବର ୱାର୍ଡ, ଗୋପ ବ୍ଲକ ଗୋପ ପଞ୍ଚାୟତର ୩ନମ୍ବର ୱାର୍ଡ, ପିପିଲି ବ୍ଲକ୍ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତର ୬, ୮, ୧୧ ନମ୍ବର ୱାର୍ଡ ପିଙ୍କ ବୁଥ ଭାବେ ପ୍ରସ୍ତୁତ ହେବ। ମହିଳା ମତଦାତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି।

## ପ୍ରାର୍ଥୀଙ୍କ ଲାଗି ମଇଦାନରେ ମନ୍ତ୍ରୀ

**ନିମାପଡ଼ା/କୋଣାର୍କ, ୧୪।୨(ଡି.ଏନ୍.ଏ.)**

ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ୧୮ ଓ ୧୯ନଂ. ଜିଲା ପରିଷଦ ଜୋନର ବଡ଼ଶିରୁଳା, ବଳଙ୍ଗା, ଗୋପୀନାଥପୁର, ଉଚ୍ଛୁପୁର, କୋଟକୋସାଙ୍ଗ ପଞ୍ଚାୟତର ପ୍ରାୟ ୭୦ଟି ୱାର୍ଡରେ ପଥପ୍ରାନ୍ତ ସଭା କରି ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଛନ୍ତି। ମନ୍ତ୍ରୀ ଦାଶ ଶତାଧିକ କର୍ମୀଙ୍କୁ ନେଇ ପ୍ରଥମେ ବାଇକ୍ ଶୋଭାଯାତ୍ରା କରି ବିଭିନ୍ନ ପଞ୍ଚାୟତ, ଗାଁ ପରିକ୍ରମା କରି ମାରାଥନ ନିର୍ବାଚନ ପ୍ରଚାର ଚଳାଇ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଏହି ପ୍ରଚାରରେ ୧୮ ଓ ୧୯ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ କୁଞ୍ଜଲତା ସାମଲ, ପ୍ରଦୀପ୍ତ ଖଟୋଇ, କୋଟକୋସାଙ୍ଗର ସରପଞ୍ଚ ପ୍ରାର୍ଥିନୀ କୁଞ୍ଜଲତା ମହାପାତ୍ର, ସମିତିସଭ୍ୟ ପ୍ରାର୍ଥିନୀ ବାସନ୍ତୀ ମିଶ୍ର, ବଳଙ୍ଗା ସରପଞ୍ଚ ପ୍ରାର୍ଥିନୀ ଅଞ୍ଜଳି ପ୍ରଧାନ, ସମିତିସଭ୍ୟ ପ୍ରାର୍ଥୀ ପ୍ରକାଶ ସାହୁ, ଗୋପୀନାଥପୁର ସରପଞ୍ଚ ପ୍ରାର୍ଥୀ ପ୍ରଭାତ ରାୟ, ସମିତିସଭ୍ୟ ପ୍ରାର୍ଥୀ ମୁକୁଳ ମହାରଣା ପ୍ରମୁଖ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ। ସେହିଭଳି ଗୋପ ବ୍ଲକର ୧୨ନଂ. ଜିଲା ପରିଷଦ ଜୋନର ୩ ପଞ୍ଚାୟତର ପ୍ରାୟ ୩୦ଟି ଗ୍ରାମରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଜିଲା ପରିଷଦ ପ୍ରାର୍ଥୀ ପୁଷ୍ପାରାଣୀ ସ୍ୱାଇଁ ମାରାଥନ ପ୍ରଚାର କରିଥିଲେ। ଏହି ୩ ପଞ୍ଚାୟତ ଯଥା ବଡ଼ଗାଁର ସରପଞ୍ଚ ପ୍ରାର୍ଥିନୀ ସୁଭଦ୍ରା ପ୍ରଧାନ, ସମିତି ସଭ୍ୟ ପ୍ରାର୍ଥୀ ବିଜୟାନନ୍ଦ କରଣ, ସୁତନର ସରପଞ୍ଚ ପ୍ରାର୍ଥିନୀ ମେନକା ବେହେରା, ସମିତି ସଭ୍ୟ ପ୍ରାର୍ଥୀ କାଶୀନାଥ ନାୟକ, ବନାଖଣ୍ଡିର ସରପଞ୍ଚ ପ୍ରାର୍ଥିନୀ ସୁଚିସ୍ମିତା ନାୟକ ଓ ସମିତି ସଭ୍ୟ ପ୍ରାର୍ଥିନୀ ଗୀତାଞ୍ଜଳି ମଲ୍ଲିକ ଶୋଭାଯାତ୍ରାରେ ଥିଲେ।

## ସଂକ୍ଷେପରେ

### ଲୋକନାଥ ମନ୍ଦିରରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ

ପୁରୀ ଅଫିସ, ୧୪।୨: ପୁରୀ ଲୋକନାଥ ମନ୍ଦିର ଭିତରେ ସୋମବାର ଜଣେ ମହିଳା ଭକ୍ତଙ୍କ ବେକରୁ ୪ ଭରି ଓଜନର ସୁନାଚେନ୍ ଦୁର୍ବୃତ୍ତ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଫଳରେ ମନ୍ଦିରରେ ଭକ୍ତଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ ଗଞ୍ଜାମ ଜିଲା ଛତ୍ରପୁରରୁ ମନ୍ମଥ ପାତ୍ର ଓ ତାଙ୍କ ପରିବାର ସଦସ୍ୟ ଶ୍ରୀଲୋକନାଥଙ୍କ ଦର୍ଶନ ପାଇଁ ଆସିଥିଲେ। ପରିବାରର ୪ଜଣ ଯାକ ସଦସ୍ୟ ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲେ। ମନ୍ମଥଙ୍କ ସ୍ତ୍ରୀ ମଞ୍ଜୁଳା ଦର୍ଶନ ସାରି ଫେରିବା ବେଳେ ଗର୍ଭଗୃହ ଭିତରେ ଭିଡ଼ ସୁଯୋଗ ନେଇ ତାଙ୍କୁ ଜଣେ ଦୁର୍ବୃତ୍ତ ଧକ୍କା ମାରି ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ୪ଭରି ସୁନାଚେନ୍ ଲୁଟି ନେଇଥିଲେ। ଏ ନେଇ ମଞ୍ଜୁଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ବେଣାଗାଁରେ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ,୧୪।୨(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଗଡସାହି ପଞ୍ଚାୟତର ବେଣାଗାଁ ଗ୍ରାମରେ ଆରାଧ ଠାକୁର ବାବା କପିଳେଶ୍ୱର ଦେବଙ୍କ ପୀଠରେ ରବିବାରଠାରୁ ୨ୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ମହାଯଜ୍ଞରେ ୪ଦିନ ଧରି ଅଙ୍କୁରାରୋପଣ, ଯଜ୍ଞାରମ୍ଭ, ଜଳଯାତ୍ରା, ସୂର୍ଯ୍ୟପୂଜା, ଧନୁପୂଜା, ସାଲାପୂଜା, ଯଜ୍ଞପୂଜା, ଶୈବାଗ୍ନି ସଂସ୍କାର, ଆଳତି, ପୁଷ୍ପାଞ୍ଜଳି, ଶିବ ଆହୁତି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହେବ।

### ବଟି ମାଗି ଜଣେ ଗିରଫ

ପୁରୀ ଅଫିସ,୧୪।୨ - ବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ବସ୍ତିର କୁଳଦୀପ ସାହୁଙ୍କୁ ବଳିଆପଣ୍ଡା ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଗୋଟିଏ ଛୁରି ଏବଂ ନଗଦ ୬୦୦ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ ୧୭/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, କୁଳଦୀପ ପ୍ରାଚୀ ଛକ ନିକଟରେ ଯାତ୍ରୀଙ୍କ ଠାରୁ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### 'କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁକମ୍ପା ରାଶି ଦିଆଯାଉ'

ପୁରୀ ଅଫିସ,୧୪।୨: କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱାମୀଙ୍କ ମୃତ୍ୟୁଜନିତ ଅନୁକମ୍ପା ରାଶି ପ୍ରଦାନ ପାଇଁ ଗୁହାରି ଜଣାଇ ସାକ୍ଷୀଗୋପାଳ ହାଟସାହିର ସଞ୍ଜୁକ୍ତା ମହାନ୍ତି ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ସେ ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ସଂଯୁକ୍ତା ଅଭିଯୋଗ କରିଛନ୍ତି, ତାଙ୍କ ସ୍ୱାମୀ ସ୍ୱର୍ଗତ ପର୍ଶୁରାମ ମହାନ୍ତି କଟକ ଅବକାରୀ ବିଭାଗରେ ଚାକିରି କରୁଥିଲେ। ୨୦୦୪ରେ ଘର କାନ୍ଥ ପଡ଼ି ଗୁରୁତର ଆହତ ହୋଇ ପୁରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ କଟକ ଏସ୍‌ସିବି ମେଡିକାଲକୁ ସରକାରୀ ଆମ୍ବୁଲାନ୍ସରେ ଯିବାବେଳେ ଚାଳକଙ୍କ ଅସାବଧାନତା ଯୋଗୁ ହଂସପାଳଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ପୋଲିସ୍ ଏକ ମାମଲା ରୁଜୁ କରି କୋର୍ଟକୁ ଯିବାରୁ ଗାଡ଼ି କାଗଜପତ୍ର ଠିକ୍ ନ ଥିଲା ବୋଲି ଜଣାପଡ଼ିଥିଲା। ତେଣୁ ସଂଯୁକ୍ତାଙ୍କ ପରିବାରକୁ ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦ ୯ ଲକ୍ଷ ୭୭ ହଜାର ଟଙ୍କା ଦେବା ପାଇଁ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ତତ୍କାଳୀନ ପୁରୀ ଜିଲାପାଳ ତଥା ଲିଜିଙ୍ଗ୍ ହାଉସ୍ ଫଣ୍ଡର ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ରାଶି ପଇଠ ନ ହେବା ପର୍ଯ୍ୟନ୍ତ ୭% ସୁଧ ସହିତ ଦେବାକୁ ଅଦାଲତ ୨୦୧୨ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୧୦ବର୍ଷ ବିତିଯାଇଥିଲେ ବି କେହି ଗୁହାରି ଶୁଣୁନାହାନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ତାଙ୍କ ପରିବାର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିବା ସହ ଆତ୍ମାହୂତି ଦେବାକୁ ବାଧ ହେବେ ବୋଲି ସଞ୍ଜୁକ୍ତା କହିଛନ୍ତି।



## ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**କଣାସ, ୧୪।୨(ସ୍ୱ.ପ୍ର.)**

କଣାସ ବ୍ଲକର ୨୮ଟି ପଞ୍ଚାୟତରେ ୩୫୯ଟି ବୁଥରେ ୧୬ ତାରିଖ ଦିନ ତ୍ରିସ୍ତରିୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଥିବା ବେଳେ ସୋମବାର ପ୍ରତ୍ୟେକ ବୁଥକୁ ପ୍ରିଜାଇଡିଂ ଅଫିସରଙ୍କ ପ୍ରଥମ ପୋଲିଂ ଅଧିକାରୀ ଓ ସୁରକ୍ଷା କର୍ମୀ ପହଞ୍ଚିଛନ୍ତି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷ୍ଟ୍ରଙ୍ଗ ରୁମ୍ ହୋଇଥିବାବେଳେ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୋଲିଂ ପାର୍ଟି ଆସିଛନ୍ତି। ୩୫ଟି ପୋଲିଂ ପାର୍ଟିକୁ ରିଜର୍ଭ ରଖାଯାଇଛି। ଏହି ନିର୍ବାଚନରେ ୯୩ଜଣ ସରପଞ୍ଚ ପ୍ରାର୍ଥୀ ୯୦ଜଣ ସମିତିସଭ୍ୟ ଏବଂ ୩ଟି ଜୋନରେ ୧୫ ଜିଲା ପରିଷଦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବ୍ଲକର ୧ଲକ୍ଷ ୧୯ହଜାର ୩୩୭ ଜଣ ଭୋଟର ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ।

## ଭସାପୋଲରେ ଆସିଲେ ପୋଲିଂ ପାର୍ଟି

**କୃଷ୍ଣପ୍ରସାଦ,୧୪।୨(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବୁଧବାର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ବ୍ଲକର ୨୧ପଞ୍ଚାୟତ ପାଇଁ ୨୪୦ଟି ବୁଥ୍ ରହିଛି। ସୋମବାର ପୋଲିଂ ପାର୍ଟି ଡଙ୍ଗା ଏବଂ ଭସାପୋଲରେ ଯାଇ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ପୋଲିଂ ପାର୍ଟିଙ୍କ ଯାତାୟାତ ପାଇଁ ୨ଟି ଭସାପୋଲ, ୧୦ଟି ଡଙ୍ଗା ନିୟୋଜିତ କରାଯାଇଛି ବୋଲି ବିଡିଓ ମନୋଜ କୁମାର ନାୟକ କହିଛନ୍ତି। ଅନ୍ୟପଟେ ନିର୍ବାଚନ ସମୟରେ କୌଣସି ବିଶୃଙ୍ଖଳା ନ ଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଆଇଆଇସି ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

## ଶେଷ ଦିନରେ ଜମିଲା ପ୍ରଚାର

**କଣାସ,୧୪।୨(ସ୍ୱ.ପ୍ର.)**

ଦିନକ ପରେ କଣାସ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍ ହେବାକୁ ଯାଉଥିବାବେଳେ ସୋମବାର ପ୍ରଚାରର ଶେଷଦିନ। ତେଣୁ ବିଭିନ୍ନ ଦଳର ପ୍ରାର୍ଥୀମାନେ ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। କଣାସ ପଞ୍ଚାୟତ ସରପଞ୍ଚ ପଦବୀ ଦଖଲ ପାଇଁ ବିଶେଷ କରି ଭାଜପା ଓ ବିଜେଡି ବେଶି ଟକ୍କର ଚାଲିଥିବା ଦେଖିବାକୁ ମିଳୁଛି। ଭାଜପା ପକ୍ଷରୁ ଭଗବାନ ସୁବୁଦ୍ଧି ଓ ବିଜେଡି ପକ୍ଷରୁ ମହେନ୍ଦ୍ର ଜୟସିଂହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ କବିନ୍ଦ୍ର ବଳିଆରସିଂହ ଓ ତାଙ୍କ ସ୍ତ୍ରୀ ପ୍ରତିଭା ବଳିଆରସିଂହ ମୋଟ ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭଗବାନ ସୁବୁଦ୍ଧୀଙ୍କ ସ୍ତ୍ରୀ ଟିଙ୍କି ସୁବୁଦ୍ଧି ୨୦୧୨ ଓ ୨୦୧୭ ନିର୍ବାଚନରେ କଣାସ ସରପଞ୍ଚ ଭାବେ ବିଜୟୀ ହୋଇଥିଲେ। ସତ୍ୟବାଦୀ ବିଧାୟକ ନିଜ ସପକ୍ଷବାଦୀ ସରପଞ୍ଚ ମହେନ୍ଦ୍ର ଜୟସିଂହଙ୍କୁ ଜିତାଇବା ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି। ରବିବାର ବିଧାୟକଙ୍କ ପ୍ରଚାର ସମୟରେ କିଛି ଅପ୍ରୀତିକର ପରିସ୍ଥିତି ଘଟିଥିଲେ ମଧ୍ୟ କଣାସ ଥାନାଧିକାରୀ ସୁଜିତ ଦାସ ଓ ପୋଲିସ ଅଧିକାରୀମାନେ ପହଞ୍ଚିଯିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୪ଜଣ ପ୍ରାର୍ଥୀ ସରପଞ୍ଚ ପାଇଁ ଲଢୁଥିଲେ ମଧ୍ୟ କବି ବଳିଆରସିଂହଙ୍କ ସ୍ତ୍ରୀ ପ୍ରତିଭା ବଳିଆରସିଂହଙ୍କ ପାଇଁ କୌଣସି ପ୍ରଚାର କରୁନଥିବା ଦେଖିବାକୁ ମିଳିଛି।




ଯୋଗ ବେଦାନ୍ତ ସେବା ସମିତିର ପୁରୀ ଶାଖା ପକ୍ଷରୁ ସୋମବାର ମୁକ୍ତାକାଶ ରଙ୍ଗମଞ୍ଚରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି।

## ମାତୃପିତୃ ପୂଜନ କଲେ ପିଲା

**ପୁରୀ ଅଫିସ,୧୪।୨:**

ଯୋଗ ବେଦାନ୍ତ ସେବା ସମିତିର ପୁରୀ ଶାଖା ପକ୍ଷରୁ ସୋମବାର ଗୁଣ୍ଡିଚା ମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ପିଲାମାନେ ବାପା, ମା ଓ ଗୁରୁଜନଙ୍କୁ ଆସନରେ ବସାଇ ଫୁଲମାଳ ପିନ୍ଧାଇ, ମଥାରେ ତିଳକ ଲଗାଇ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ନୀଳକଣ୍ଠ ପତି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଡ. ଅଭିମନ୍ୟୁ ଭୂୟାଁ ଏବଂ ପୂଜ୍ୟ ସତ୍ୟପ୍ରଜ୍ଞା ମହାରାଜ ଯୋଗଦେଇଥିଲେ। ଅଧ୍ୟକ୍ଷ ମନୋଜ କୁମାର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ ଓ ଭାଗୀରଥ ପାତ୍ର, ଅବିନାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ପଞ୍ଚାୟତ: ୨ ଦଳ ମଧ୍ୟରେ ଚାଲିଛି ଟକ୍କର

**ନିମାପଡ଼ା,୧୪।୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ୧୮ନଂ. ଜିଲା ପରିଷଦ ଜୋନର ବଳଙ୍ଗା, ନୂଆସଞ୍ଚ, ଗଡ଼ପଦନପୁର, ହରିପୁର, ଶାଇଁସଶାସନ, ଗୋପୀନାଥପୁର, ଉଚ୍ଛୁପୁର, କୋଟକୋସାଙ୍ଗ ଆଦି ୮ ପଞ୍ଚାୟତରେ ବିଜେଡି ଓ ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ଜୋରଦାର ଟକ୍କର ହେଉଛି। ସମସ୍ତେ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ସମସ୍ତ ପ୍ରକାରର ଉଦ୍ୟମ ଚଳାଇଛନ୍ତି। ହରିପୁରରେ ସରପଞ୍ଚ ପଦବୀ ପାଇଁ ଦୁଇ ପ୍ରାର୍ଥୀ ସସ୍ମିତା ମିଶ୍ର ଓ ତିଳୋତ୍ତମା ସାହୁ ଅବତୀର୍ଣ୍ଣ ହୋଇ ଲଢ଼େଇ କରୁଛନ୍ତି। ସମିତିସଭ୍ୟ ପଦ ପାଇଁ ସୁନୀଲ କୁମାର ରଥ ଓ ପ୍ରମୋଦ ବାରିକଙ୍କ ମଧ୍ୟରେ ଟକ୍କର ଚାଲିଛି। ଗଡ଼ପଦନପୁରରେ ସରପଞ୍ଚ ପଦବୀ ପାଇଁ ନରେନ୍ଦ୍ର କୁମାର ମହାନ୍ତି ଓ ରାକେଶ ଥିବାବେଳେ ସମିତିସଭ୍ୟ ପଦବୀ ନିମନ୍ତେ ବିଜୟକୃଷ୍ଣ ପାତ୍ର ଓ ରଞ୍ଜିତ କୁମାର ରାଉତରାୟଙ୍କ ମଧ୍ୟରେ ମୁକାବିଲା ହେଉଛି। ଶାଇଁଶଶାସନର ସରପଞ୍ଚ ପଦବୀ ପାଇଁ ଅମୂଲ୍ୟ କୁମାର ରଥ ଓ ଦେବାଶିଷ ଆଚାର୍ଯ୍ୟଙ୍କ ମଧ୍ୟରେ ମୁକାବିଲା ଥିବାବେଳେ ସମିତିସଭ୍ୟ ପଦ ଲାଗି ସାସ୍ମିକା ଦାଶ ଓ ସନ୍ଧ୍ୟାରାଣୀ ରଥଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କୋଟକୋସାଙ୍ଗର ସରପଞ୍ଚ ପଦ ପାଇଁ କୁଞ୍ଜଲତା ମହାପାତ୍ର ଓ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଅପ୍‌ସରା ସିଂହ ଥିବାବେଳେ ସମିତିସଭ୍ୟ ପଦ ପାଇଁ ବାସନ୍ତୀ ମିଶ୍ର ଓ ପ୍ରାର୍ଥନା ନାୟକଙ୍କ ମଧ୍ୟରେ ଲଢ଼େଇ ଚାଲିଛି।

ଏହି ଜୋନ୍‌ର ହେଡ୍‌କ୍ୱାର୍ଟର ପଞ୍ଚାୟତ ବଳଙ୍ଗାର ସରପଞ୍ଚ ପଦ ପାଇଁ ଅଞ୍ଜଳି ପ୍ରଧାନ ଓ ନିତାଞ୍ଜଳି ଦାସଙ୍କ ମଧ୍ୟରେ ଲଢ଼େଇ ଚାଲିଥିବା ବେଳେ ସମିତିସଭ୍ୟ ପଦ ପାଇଁ ପ୍ରକାଶ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ସୁମନ୍ତ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଗୋପୀନାଥପୁର ସରପଞ୍ଚ ପଦବୀ ନିମନ୍ତେ ପ୍ରଭାତ ରାୟ ଓ ଇନ୍ଦ୍ରମଣି ସାହୁ ଥିବାବେଳେ ସମିତିସଭ୍ୟ ପାଇଁ ମୁକୁନ୍ଦ ମହାରଣା ଓ ସରୋଜ ରାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗୁଆଳ ସାଜିଛନ୍ତି। ସେହିଭଳି ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଓ ନେତା ଦିଲୀପ ନାୟକ କର୍ଣ୍ଣଧାର ସାଜିଛନ୍ତି। ଉଭୟ ଦଳର ନେତାମାନେ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଜୋରଦାର ପ୍ରଚାର ଅଭିଯାନ ଚଳାଇ ଭୋଟ ଭିକ୍ଷା କରୁଛନ୍ତି।

## ଜଗନ୍ନାଥ ଦଇତାପତି ନିଯୋଗ ସଭାପତି, ରାମକୃଷ୍ଣ ସମ୍ପାଦକ

**ପୁରୀ ଅଫିସ, ୧୪।୨:**

ଶ୍ରୀମନ୍ଦିର ପରିସରରେ ସୋମବାର ଶ୍ରୀମନ୍ଦିର ଦଇତାପତି ନିଯୋଗର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗତ ୩ତାରିଖରେ ୨୯ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ଜଣେ ପ୍ରାର୍ଥୀ ନିର୍ବାଚନରୁ ଓହରି ଯାଇଥିଲେ। ୨୮ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧୨ ତାରିଖରେ ଶ୍ରୀମନ୍ଦିର ପରିସରରେ ଦଇତାପତି ନିଯୋଗ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇଥିଲା। ସର୍ବାଧିକ ଭୋଟ ପାଇଥିବା ୧୫ଜଣ ପ୍ରାର୍ଥୀ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ସୋମବାର ନିଯୋଗ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ହୋଇଥିଲା। ଜଗନ୍ନାଥ ଦାସ ମହାପାତ୍ର ନିଯୋଗର ସଭାପତି, ଶ୍ୟାମପ୍ରସାଦ ଦାସ ମହାପାତ୍ର ଉପସଭାପତି, ରାମକୃଷ୍ଣ ଦାସ ମହାପାତ୍ର ସମ୍ପାଦକ, ଶିବାନୀ ଦାସ ମହାପାତ୍ର ସହସମ୍ପାଦକ ଏବଂ କାର୍ତ୍ତିକ ଦାସ ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୫ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ୧୦ଜଣ ନିର୍ବାଚିତ ସଦସ୍ୟ ନିଯୋଗର କମିଟି ମେମ୍ବର ଭାବେ ଦାୟିତ୍ୱ ତୁଲାଇବେ।

## ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ ଅନୁମତି ମିଳୁ

**ପୁରୀ ଅଫିସ, ୧୪।୨:**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ ନିମନ୍ତେ ଅନୁମତି ଦେବାକୁ ଦାବି କରି ପୁରୀ ସହରର ବାସିନ୍ଦା ସୋମବାର ଶ୍ରୀମନ୍ଦିର ଉପମୁଖ୍ୟପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି, ପୁରୀର ଅଧିକାଂଶ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ମଙ୍ଗଳ ଆଳତି ଦର୍ଶନ କରିବା ସହ ମହାପ୍ରଭୁଙ୍କ ଆଶିର୍ବାଦ ନେଉଥିଲେ। ତେବେ କରୋନା କଟକଣା ଯୋଗୁ ଦେଢ଼ ବର୍ଷ ହେବ ମଙ୍ଗଳଆଳତି ଦର୍ଶନରୁ ଭକ୍ତ ବଞ୍ଚିତ ହେଉଛନ୍ତି। ପୁନର୍ବାର ପୁରୀ ସହରର ଭକ୍ତଙ୍କୁ ମଙ୍ଗଳଆଳତି ଦର୍ଶନ ଅନୁମତି ଦିଆଯାଉ। ଦାବିପତ୍ର ପ୍ରଦାନ ସମୟରେ ସୂର୍ଯ୍ୟକାନ୍ତି ପ୍ରଧାନ, ତୁଳସୀ ପ୍ରହରାଜ, କନକ ନାୟକ, ପ୍ରତିମା ମହାରଥୀ, ନିରୁପମା ବିଶ୍ୱାଳ, ଅମୂଲ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିରରୁ ୭ ଲକ୍ଷ ଟଙ୍କାର ୭ ମୂର୍ତ୍ତି ଚୋରି

**ସାକ୍ଷୀଗୋପାଳ, ୧୪।୨(ଡି.ଏନ୍.ଏ./ସ୍ୱ.ପ୍ର.)**

ପୁରୀ ଜିଲା ସତ୍ୟବାଦୀ ଥାନାର ନୂଆ ସୋମେଶ୍ୱରପୁର ଗ୍ରାମର ଗୋପୀନାଥ ମନ୍ଦିରରୁ ରବିବାର ରାତିରେ ୭ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏକ କୁଇଣ୍ଟାଲରୁ ଅଧିକ ଓଜନର ମୂର୍ତ୍ତିଗୁଡ଼ିକର ମୂଲ୍ୟ ୬ ରୁ ୭ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପୋଲିସ ନଂ.୫୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମନ୍ଦିର ମୁଖ୍ୟଦ୍ୱାର ଓ ଗ୍ରୀଲ ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ଭିତରକୁ ପଶିଥିଲେ। ସିଂହାସନରେ ପୂଜା ପାଉଥିବା ଜୟଦୁର୍ଗା, ରାଧାକୃଷ୍ଣ, ପାର୍ବତୀ, ମଦନମୋହନ, ଚନ୍ଦ୍ରଶେଖର ଓ ଅନ୍ୟ ସମସ୍ତ ଛୋଟ ଅଷ୍ଟଧାତୁ ମୂର୍ତ୍ତି ସହିତ ପିନ୍ଧିଥିବା ସୁନାରୁପା ଅଳଙ୍କାର ଏବଂ ବଡ଼ ପିତଳ ପ୍ରଭା ଚୋରି କରି ନେଇଛନ୍ତି। ପୂଜକ ମୃତ୍ୟୁଞ୍ଜୟ ପଣ୍ଡା ସକାଳୁ ମନ୍ଦିର ଖୋଲିବାକୁ ଆସି ଚୋରି ହୋଇଥିବା ଜାଣିବା ପରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଏ ନେଇ ଗ୍ରାମକୋଠ ସଭାପତି ସତିଶ ମିଶ୍ର ଓ ସମ୍ପାଦକ ସୀତାକାନ୍ତ ମିଶ୍ରଙ୍କ ଅଭିଯୋଗକ୍ରମେ ସତ୍ୟବାଦୀ ପୋଲିସ ମନ୍ଦିରରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପରେ ସାଇଣ୍ଟିଫିକ ଟିମ୍ ସହ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଘଟଣାସ୍ଥଳରେ ଅଧିକ ତଦନ୍ତ ଚଳାଇଛନ୍ତି। ପ୍ରକାଶ ଥାଉକି, ସତ୍ୟବାଦୀ ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ନମ୍ବର ବିହୀନ ବାଇକ୍‌ରେ ଦୁର୍ବୃତ୍ତମାନେ ବ୍ୟବହାର କରି ବିଭିନ୍ନ ଅପରାଧ ଘଟାଉଛନ୍ତି। ଏପରିକି ରବିବାର ରାତିରେ ସାକ୍ଷୀଗୋପାଳ ମନ୍ଦିର ନିକଟରୁ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦିନରେ ମଧ୍ୟ ଜଣେ ମହିଳାଙ୍କଠାରୁ ସୁନାଚେନ ଲୁଟ୍ ହୋଇଥିଲା। ପ୍ରାୟତଃ ଏକୁଟିଆ ଯାଉଥିବା ସ୍ତ୍ରୀଲୋକ ଓ ବୟସ୍କ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ଅଧିକ ଟାର୍ଗେଟ କରୁଛନ୍ତି। ତେଣୁ ପୋଲିସ ଏଥିପ୍ରତି ସଜାଗ ରହିବା ସହ ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ଶହୀଦ ଯବାନଙ୍କ ତ୍ୟାଗ ଆମ ପାଇଁ ପ୍ରେରଣା

**ପୁରୀ ଅଫିସ, ୧୪।୨:**

୨୦୧୯ ଫେବୃୟାରୀ ୧୪ରେ ପାକିସ୍ତାନ ଆତଙ୍କବାଦୀଙ୍କ ଆକ୍ରମଣରେ ଜମ୍ମୁ କଶ୍ମୀରର ପୁଲୱାମାରେ ଶହୀଦ ହୋଇଥିବା ଅମର ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ଶହୀଦ ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଉର୍ଜାବାନ ଓଡ଼ିଶା ପରିବାର ତରଫରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ଦେବେନ୍ଦ୍ର ସୁବୁଦ୍ଧି, ଜଗନ୍ନାଥ ପଣ୍ଡା, ମନୋଜ ନାୟକ, ଜିତେନ୍ଦ୍ର ପାତ୍ର, ଧନେଶ୍ୱର ପାତ୍ର, ଜଗନ୍ନାଥ ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ। ସେହିପରି ସାହିଭାଇ ଅନୁଷ୍ଠାନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ବୈଦ୍ୟନାଥ ପାଣି, ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ସତ୍ୟନାରାୟଣ ସାହୁ, ଦୁଷ୍ମନ୍ତ ପରିଡା, ନିକି ପ୍ରଧାନ, ଦେବରାଜ ଦାସ, ଦିଲ୍ଲୀପ, ସ୍ମିତା ପତି, ଅନୁସୟା ମହାରଣା, ବିକାଶ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା କିନ୍ନର ସଂଘ ପକ୍ଷର ଏକ ପଦଯାତ୍ରା କରାଯିବା ସହ କ୍ୟାଣ୍ଡେଲ ଜଳାଇ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସଭାପତି ପିଙ୍କୁ ମିଶ୍ର, ସମ୍ପାଦିକା ପ୍ରିୟାଂଶୀ ଦାସ, ଦେବକୀ କିନ୍ନର, ସାଥୀ ଅନୁଷ୍ଠାନର ରାଜବୀର ଦାସ ପ୍ରମୁଖ ସାମିଲ ଥିଲେ। ହାପିନେସ୍ ଫାଉଣ୍ଡେଶନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରତିଷ୍ଠାତା ସଭାପତି




ଏମ୍.କେ. କୁଡୋ ଗ୍ରୁପ ପକ୍ଷରୁ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ପ୍ରଦୀପ୍ତ କୁମାର ପ୍ରଧାନ, ସଂଯୋଜକ ଜଗନ୍ନାଥ ପ୍ରଧାନ, ରାକେଶ କୁମାର ପରିଡ଼ା, ଆଲୋକ ବିଶ୍ୱାସ, ସୌମ୍ୟ ରଞ୍ଜନ ସାହୁ, ଯଯାତି କେଶରୀ ନାୟକ, ପ୍ରଶାନ୍ତ ମହାପାତ୍ର, ହର ପ୍ରସାଦ ଦାସ, ଶମ୍ଭୁ ମହାନ୍ତି, ସୁଶିଲ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏମ୍.କେ. କୁଡୋ ଗ୍ରୁପ ପକ୍ଷରୁ ଆବାହକ ମନୋଜ କୁମାର ସାହୁଙ୍କ ନେତୃତ୍ୱରେ କୁନି ପିଲାମାନେ ବଳଭଦ୍ର ଲେନସ୍ଥିତ ପଣ୍ଡିତ ମଠ ନିକଟରୁ ଶୋଭାଯାତ୍ରାରେ ବାହାରି ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶହୀଦ୍ ଯବାନଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମଙ୍ଗଳାଘାଟସ୍ଥିତ ଆଶ୍ୱସ୍ତି ଫାଉଣ୍ଡେଶନ ପକ୍ଷରୁ ଟ୍ରଷ୍ଟି ଦୀପକ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୮ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ମହିଳା ଗିରଫ

**କଟକ ଅଫିସ:** ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ସୋମବାର ଖୋର୍ଦ୍ଧା ବରୁଣେଇ ନଗରରେ ଚଢ଼ାଉ କରି ୧୮୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ବରୁଣେଇ ନଗର ଅଞ୍ଚଳର ଅନିତା ପରମଗୁରୁ। ତାଙ୍କ ଭୁବନେଶ୍ୱରସ୍ଥିତ ସାମନ୍ତରାପୁର ଅଞ୍ଚଳରେ ଥିବା ଘରେ ମଧ ଚଢ଼ାଉ କରାଯାଇ ବ୍ରାଉନ ସୁଗାର କାରବାର ନେଇ ପ୍ରମାଣ ମିଳିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ। ଅନିତାଙ୍କ ସ୍ୱାମୀ ଶ୍ରୀବତ୍ସ ପରମଗୁରୁ ଏହି କାରବାରରେ ସମ୍ପୃକ୍ତ ରହି ଏବେ ଜେଲରେ ଥିବାବେଳେ ତାଙ୍କ ପୁଅ ନିଶାମୁକ୍ତି କେନ୍ଦ୍ରରେ ରହିଛନ୍ତି। ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ସରୋଜ ପରିଡ଼ା, ଉମାକାନ୍ତ ସ୍ୱାଇଁ, ସଚିନ ବେହେରା ପ୍ରମୁଖ ସାମିଲ ଥିଲେ।

## ଆଜି କ'ଣ କେଉଁଠି

କଟକ

- କାଷ୍ଟ ଓ ଜୟ ମହାବୀର ଯୁବକ ସଂଘ ପକ୍ଷରୁ ସମ୍ମାନ ସମାରୋହ, ବୁଢ଼ି ମଙ୍ଗଳା ମନ୍ଦିର, କଲେଜ ଛକ ପାଟରା ସାହି, ପୂର୍ବାହ୍ନ ୧୦ଟା।
- ରେଭେନ୍ସା ଛାତ୍ରବାସ କର୍ମଚାରୀ ସଂଘ ପକ୍ଷରୁ ଧାରଣା, ଚିଫ ୱାର୍ଡେନଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ଜିଲାପାଳ କାର୍ଯ୍ୟଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ବିଭୁଦେନ୍ଦ୍ର ନାଥ ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଭୁଦେନ୍ଦ୍ର ମିଶ୍ରଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ, ବାର୍ ଆଶୋସିଏଶନ ହଲ, ଅପରାହ୍ନ ୪ଟା ୪୫।

# ସପ୍ତାହ ପରେ ବି ବନ ବିଭାଗ, କ୍ରାଇମ୍‌ବ୍ରାଞ୍ଚ ଚୁପ୍

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ୱେଷ୍ଟ ରେଞ୍ଜର ବାରାସିଂଘା ବିଟ୍ ଅନ୍ତର୍ଗତ ବାଲିକିଆରୀ ସଂରକ୍ଷିତ ଜଙ୍ଗଲରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ହାତୀର ଗଳିତ ମୃତଦେହକୁ ମାଟିତଳୁ ଜବତ କରିଥିଲା। ପୋତିବା ପୂର୍ବରୁ ହାତୀଟିର ଦାନ୍ତ କାଟି ନିଆଯିବା ପରେ ପୋଡ଼ି ଦିଆଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ଇତିମଧ୍ୟରେ ଏହି ଘଟଣାକୁ ସପ୍ତାହେ ବିତଯାଇଥିଲେ ମଧ୍ୟ ଏଯାଏ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ନା କ୍ରାଇମବ୍ରାଞ୍ଚ କାହାକୁ ଗିରଫ କରିଛି, ନା ବନ ବିଭାଗ କାହାକୁ ନିଲମ୍ବନ କରିଛି। ଉଭୟ ପୋଲିସ ଓ ବନ ବିଭାଗ ସଲାସୁତୁରା କରି ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ନେଇ ଆଶଙ୍କା କରିଛି ଏକାମ୍ର ୱେଲଫେୟାର ଟ୍ରଷ୍ଟ। ତେଣୁ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟକୁ ଘେରାଉ କରିବାକୁ ସୂଚନା ଦିଆଯାଇଛି। ଟ୍ରଷ୍ଟର ପୁରବୀ ପାତ୍ରଙ୍କ ନେତୃତ୍ୱରେ ହେବାକୁ ଥିବା ଏହି ଧାରଣାରେ କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ପୂର୍ବତନ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କ ସମେତ ବହୁ ପ୍ରାଣୀ ଅଧିକାର ପାଇଁ କାର୍ଯ୍ୟ କରୁଥିବା କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ମିଳିଥିବା ସୂଚନାନୁସାରେ, ଆଠଗଡ଼ ଡିଏଫ୍‌ଓ ସଞ୍ଜୟ ସ୍ୱାଇଁ କିଛିଦିନ ତଳେ ବାରାସିଂଘା ବିଟ୍‌ରେ କାମ କରୁଥିବା କେତେଜଣ ୱାଚରଙ୍କ ଜମାନବନ୍ଦୀ ରେକର୍ଡ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୫ଜଣ ହାତୀ ମରିବା, ପୋତା ହେବା ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ବୋଲି ସ୍ୱୀକାର ମଧ୍ୟ କରି ସାରିଛନ୍ତି। ଏମାନଙ୍କୁ ମଧ୍ୟ ସାକ୍ଷ୍ୟ ଦେବା ସହ ଜମାନବନ୍ଦୀ ପାଇଁ ଡକାଯାଇଛି। ଆଠଗଡ଼ ଡିଏଫ୍‌ଓ ନିଜେ ଉପସ୍ଥିତ ରହି ସବୁ କାମ ତଦାରଖ କରୁଛନ୍ତି। ତେବେ ସୋମବାର ନରସିଂହପୁର ୱେଷ୍ଟ ରେଞ୍ଜର ବିଦାୟୀ ରେଞ୍ଜ ଅଫିସର ଅଶୋକ ବେହେରାଙ୍କୁ ପଚରାଉଚରା ପାଇଁ ଆଠଗଡ଼ ଡିଏଫ୍‌ଓଙ୍କ କାର୍ଯ୍ୟାଳୟକୁ ଡକାଯାଇଥିଲା। ତେବେ ତାଙ୍କର ଜମାନବନ୍ଦୀ ବିଷୟରେ ଅଧିକ କିଛି ମିଳିପାରିନାହିଁ। ସେପଟେ ବିଦାୟୀ ରେଞ୍ଜର ଅଶୋକଙ୍କୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମହଲରେ ନାନା ଆଲୋଚନା ଚାଲିଛି। ତାଙ୍କର ଗତବର୍ଷ ସେପ୍ଟେମ୍ବର ମାସରୁ ହିଁ ଚନ୍ଦକା ଡିଭିଜନକୁ ବଦଳି ହୋଇଥିଲେ ମଧ୍ୟ ୫ ମାସରୁ ଉର୍ଦ୍ଧ୍ୱ ସମୟ ସେ ନରସିଂହପୁର ୱେଷ୍ଟ ରେଞ୍ଜରେ ହିଁ ଥିଲେ। ତାଙ୍କୁ ଆଠଗଡ଼ ଡିଏଫ୍‌ଓ କୌଣସି କାରଣରୁ ରିଲିଭ୍ କରି ନ ଥିଲେ। ଆଶ୍ଚର୍ଯ୍ୟର କଥା, ଯେଉଁଦିନ କ୍ରାଇମବ୍ରାଞ୍ଚ ନରସିଂହପୁରରେ ପହଞ୍ଚି ଶୁଳିଆ ନର୍ସରୀର ୱାଚରମାନଙ୍କୁ ପଚରାଉଚରା ପାଇଁ ଉଠେଇ ନେଇଥିଲା, ସେହିଦିନ ସନ୍ଧ୍ୟାରେ ତାଙ୍କୁ ଆଠଗଡ଼ ଡିଭିଜନରୁ ରିଲିଫ କରାଯାଇଥିଲା। ଏହି ଘଟଣାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ହାତୀ ମୃତଦେହକୁ ଲୁଚେଇବା କାମ ଜଣେ ରେଞ୍ଜରଙ୍କ ନିର୍ଦ୍ଦେଶରେ ହିଁ ହେଇଥିଲା। ସେହି ରେଞ୍ଜର କିଏ ବୋଲି ଏବେ ସାଧାରଣରେ ଜୋର୍‌ଦାର ଚର୍ଚ୍ଚା ଚାଲିଛି।

### ହାତୀର ଗଳିତ ମୃତଦେହ ଜବତ ଘଟଣା

- ଆଜି ପିସିସିଏଫ୍ କାର୍ଯ୍ୟାଳୟ ଘେରାଉ
- ପୂର୍ବତନ ରେଞ୍ଜ ଅଫିସରଙ୍କୁ ପଚରାଉଚରା ସୂଚନା



## ବାଙ୍କୀ ଉପଖଣ୍ଡରେ ନିର୍ବାଚନ ପରିଚାଳନା ଲାଗି ସମୀକ୍ଷା

ବାଙ୍କୀ, ୧୪।୨(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ଲାଗି ସୋମବାର ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ବାଙ୍କୀ ଓ ଡମପଡ଼ା ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ପୃଥକ୍ ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଛନ୍ତି। ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ବାଲଟ୍ ବକ୍ସ, ପେପର ଏବଂ ଅନ୍ୟ ସାମଗ୍ରୀ କିପରି ବୁଥକୁ ନିରାପଦରେ ପଠାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିରପେକ୍ଷ ଭାବେ ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବାଙ୍କୀ ବିଡିଓ ପ୍ରଦୀପ୍ତ ଶତପଥୀ, ଡମପଡ଼ା ବିଡିଓ ଶ୍ୟାମଳ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ସେମିଫାଇନାଲ୍: ମା' ମଙ୍ଗଳା କ୍ରିକେଟ କ୍ଲବ ବିଜୟୀ

ବାଙ୍କୀ, ୧୪।୨(ସ୍ୱ.ପ୍ର.)

ମା'ମଙ୍ଗଳା କ୍ରିକେଟ କ୍ଲବ ବେଦପୁର ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍ ଆୟୋଜକ ମା' ମଙ୍ଗଳା କ୍ରିକେଟ କ୍ଲବ ବେଦପୁର ଓ ଟିସିସି ଚକାପଦା ମଧ୍ୟରେ ହୋଇଥିଲା। ମା' ମଙ୍ଗଳା କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରିଥିଲା। ଟିସିସି ଚକାପଦା ଦଳ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ କରି ପରାଜୟ ବରଣ କରିଥିଲା। ମ୍ୟାଚକୁ ସୁବ୍ରତ ବେହେରା ଓ ଆଶିଷ ବେହେରା ପରିଚାଳନା କରିଥିଲେ। ଚିନ୍ମୟ ପଣ୍ଡା, ବାଦଲ ବେହେରା, ରଞ୍ଜିତ ବେହେରା, କୀର୍ତ୍ତିରଞ୍ଜନ ବେହେରା, ଶିଶିର ବେହେରା, ବୁଦ୍ଧନ୍ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସରକାରୀ ସହାୟତା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

**ଚୌଦ୍ୱାର, ୧୪।୨(ଡି.ଏନ୍.ଏ):** ସରକାରୀ ଯୋଜନାର ଟଙ୍କା ବ୍ୟାଙ୍କ ମାଧ୍ୟମରେ ମିଳୁଥିବା ଓ ଏହି ଟଙ୍କାକୁ ଲୋକଙ୍କ ପାଖରେ ପହାଇବାର ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ବ୍ୟକ୍ତିଙ୍କ ନାମରେ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତର ଆମ୍ବିଳିଝରୀ ଗ୍ରାମରେ ଘଟିଛି ଏଭଳି ଘଟଣା। ଯାହାକୁ ନେଇ ଉକ୍ତ ଗ୍ରାମର ଆଦିବାସୀ ମହିଳା ସୋମବାର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ମହିଳାମାନଙ୍କୁ ସରକାରଙ୍କ ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରିବାକୁ କହି ଶଙ୍କରପୁର ଗ୍ରାମର ଜଣେ ବ୍ୟକ୍ତି ବିଭିନ୍ନ କାଗଜପତ୍ରରେ ଟିପ ଓ ଦସ୍ତଖତ ନେବା ସହିତ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇଥିଲେ। କିଛି ଦିନ ପରେ ଇଣ୍ଡସ୍ ଇଣ୍ଡ ବ୍ୟାଙ୍କର କର୍ମଚାରୀମାନେ ଗ୍ରାମକୁ ଆସି ଋଣ ନେଇଥିବା କିସ୍ତି ପରିଶୋଧ କର ବୋଲି ମହିଳାମାନଙ୍କୁ କହିଥିଲେ। ବ୍ୟାଙ୍କ କର୍ମଚାରୀମାନେ ଏଥିପାଇଁ ସେମାନଙ୍କ ଉପରେ ଜୁଲମ କରୁଥିବାରୁ ଉକ୍ତ ୨ଜଣ କର୍ମଚାରୀଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଛନ୍ତି। ଠକେଇ କରିଥିବା ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସେମାନଙ୍କୁ ଋଣମୁକ୍ତ କରିବାକୁ ମହିଳାମାନେ ଅଭିଯୋଗପତ୍ରରେ ନିବେଦନ କରିଛନ୍ତି।

### ମାଲଗୋଦାମରେ ଭାଙ୍ଗିଲା ୪୪ ଘର

**କଟକ ଅଫିସ, ୧୪।୨:** କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସୋମବାର ମାଲଗୋଦାମ ଅଞ୍ଚଳରେ ତାଳଦଣ୍ଡା କେନାଲ ପାର୍ଶ୍ୱ ରାସ୍ତା ଜବରଦଖଲ ଉଚ୍ଛେଦ କରାଯାଇଛି। ସିଏମ୍‌ସି ପକ୍ଷରୁ ୪୪ଟି ଘର ଏବଂ ସିଏମସିର ଗୋଷ୍ଠୀ ଶୌଚାଳୟକୁ ଭଙ୍ଗାଯାଇଥିଲା। ତେବେ କିନ୍ନରମାନେ ରହୁଥିବା ସ୍ଥାନରେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରଖାଯାଇଛି। ସେମାନଙ୍କୁ ବାଲିସାହିକୁ ସ୍ଥାନାନ୍ତର ନିମନ୍ତେ ପୁଣିଥରେ ଆଲୋଚନା କରାଯାଇଥିଲା। ହେଲେ କିନ୍ନରମାନେ ନିମପୁର କିମ୍ବା ଜଗତପୁର ଅଞ୍ଚଳରେ ଥଇଥାନ କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ସିଏମ୍‌ସି ପକ୍ଷରୁ ସେମାନଙ୍କୁ ଥଇଥାନ କରାଯାଇ ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ଡେପୁଟି କମିଶନର ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ଏହି ଉଚ୍ଛେଦ କାର୍ଯ୍ୟରେ ଏସ୍‌ସିପି ଏସ୍.ଏନ୍. ମୁଦୁଲି, ମାଲଗୋଦାମ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିଭାବକ, ଶିକ୍ଷକଙ୍କ ହାତରେ ପିଲାଙ୍କ ଭବିଷ୍ୟତ

**କଟକ ଅଫିସ, ୧୪।୨:** ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ (ପିଟିଏ) ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଭିଭାବକ, କମିଟିର ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହି ବୈଠକରେ କଟକ ସଦର ବିଇଓ ସରସ୍ୱତୀ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ, ପ୍ରୋତ୍ସାହନ ବିଷୟରେ ସୂଚନା ଦେଇଥିଲେ। ଏଥିସହ ପିଲାମାନଙ୍କୁ ସଂସ୍କାରଯୁକ୍ତ ଭଲ ମଣିଷ କରି ଗଢିବାରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଓ ଦାୟିତ୍ୱ ବିଷୟରେ ପରାମର୍ଶ ଦେଇଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ ପୁରାତନ ଛାତ୍ର ତଥା ଖାନନଗର ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ ଓ ଶିକ୍ଷାବିତ ରାଜକିଶୋର ପଣ୍ଡା ଯୋଗଦେଇ ପ୍ରାଚୀନ ଭାରତୀୟ ସଂସ୍କୃତିରେ ମାତାପିତା ଓ ଗୁରୁ ଙ୍କର ଭୂମିକା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜଶ୍ରୀ ସାହୁ, ଦୀପ୍ତିମୟୀ ସାହୁ, ଦୀପିକା ବିନ୍ଧାଣି, ଡ. ସୁଜାତା ମହାପାତ୍ର, ଜୟଧର୍ମ ସେନାପତି, ମିତାଲି ମହାନ୍ତି, ତପସ୍ୱିନୀ ଦାଶ, ରଞ୍ଜିତ ଦାସ, କଳ୍ପନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ସ୍ଥାନାନ୍ତର ଦାବି




ସହରର ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ସୋମବାର ସିଏମ୍‌ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ ଅଫିସ, ୧୪।୨

### ଭାଜପା ପକ୍ଷରୁ ବିକ୍ଷୋଭ

କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ କଟକନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ସ୍ମାରକପତ୍ର ଦିଆଯାଇଛି । ତେବେ ଭାଜପା ପକ୍ଷରୁ ଦୁଇଟି ଦାବି ଥିବାବେଳେ ସିଏମ୍‌ସି ପକ୍ଷରୁ ପ୍ରକାଶିତ ଭୋଟର ତାଳିକାରେ ତ୍ରୁଟି ରହିଛି। ଅନଭିଜ୍ଞ ସରକାରୀ କର୍ମଚାରୀଙ୍କ ଦ୍ୱାରା ଭୋଟର ଲିଷ୍ଟ ତିଆରି ହୋଇଥିବାରୁ ବହୁ ବ୍ୟକ୍ତିଙ୍କ ନାମ କଟିଯାଇଛି। ତେଣୁ ଏହି ଭୋଟର ତାଲିକା ତ୍ରୁଟିକୁ ସଂଶୋଧନ କରିବା ପାଇଁ ଭାଜପା ଦାବି କରିଛି । ଏଥିସହ ଶହୀଦ ଭବନ ପାଖ, ରଘୁନାଥ ଜୀଉ ମନ୍ଦିର ପାଖ, ସିଡିଏ ସାତ ନମ୍ବର, କଲେଜ ଛକ ଓ ଯୋବ୍ରାରେ ନିର୍ମିତ ହୋଇଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟା କରଣ ବ୍ୟବସ୍ଥା(ମାଇକ୍ରୋ କମ୍ପୋଜିଂ ସେଣ୍ଟର) ରେ ପ୍ରବଳ ଦୁର୍ଗନ୍ଧ ହେଉଥିବାରୁ ସେ ସ୍ଥାନରେ ରହିବା କଷ୍ଟକର ହୋଇଯାଉଛି। ତେଣୁ ଜନଗହଳି ସ୍ଥାନରେ ଥିବା ମାଇକ୍ରୋ କମ୍ପୋଜିଂ ସେଣ୍ଟରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଭାଜପା ଦାବି କରିଛି। ଏହି ବିକ୍ଷୋଭରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ରଶ୍ମିରେଖା ଦାସ, ବିକାଶ ବେହେରା, ଲକ୍ଷ୍ମୀଧର ପ୍ରଧାନ, ସବ୍ୟସାଚୀ ମହାପାତ୍ର, ପ୍ରକାଶ ଅଗ୍ରୱାଲ, ପ୍ରଦୀପ ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ବିଶ୍ୱରଞ୍ଜନ ମିଶ୍ର, ଦେବାଶିଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବେଙ୍ଗାଲୁରୁ ଆଇଆଇଏସ୍‌ରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

### ୪୨୫ କୋଟି ଦାନକଲେ ବାଗ୍‌ଚୀ ଓ ପାର୍ଥସାରଥି ଦମ୍ପତି

ପ୍ରସିଦ୍ଧ ବିଜ୍ଞାନ ଓ ଗବେଷଣା ଶିକ୍ଷାନୁଷ୍ଠାନ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍) ପରିସରରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ୮୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଓ ତାଙ୍କ ସ୍ତ୍ରୀ ତଥା ମୋ ସ୍କୁଲ ସଂଗଠନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଏବଂ ସହଯୋଗୀ 'ମାଇଣ୍ଡ ଟ୍ରି'ର ଅନ୍ୟତମ ପ୍ରତିଷ୍ଠାତା ଏନ. ପାର୍ଥସାରଥି ଓ ତାଙ୍କ ସ୍ତ୍ରୀ ରାଧା ୪୨୫ କୋଟି ଟଙ୍କା ଦାନ କରିଛନ୍ତି। ଏହି ହସ୍ପିଟାଲର ନାମ ରହିବ 'ବାଗ୍‌ଚୀ-ପାର୍ଥସାରଥି ହସ୍ପିଟାଲ'। ଏହି ହସ୍ପିଟାଲ ୨୦୨୪ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

ହସ୍ପିଟାଲ ପ୍ରତିଷ୍ଠାନ ସମ୍ପର୍କରେ ସୁସ୍ମିତା କହିଛନ୍ତି, ଭାରତୀୟ ବିଜ୍ଞାନ ସଂସ୍ଥାନ ସହ ଯୋଡ଼ି ହୋଇଥିବାରୁ ଆମେ ଆନନ୍ଦିତ। ଆମ ଦେଶରେ କେବଳ ସରକାର କିମ୍ବା କର୍ପୋରେଟ୍ ଜଗତ ଚାହିଁଲେ ହିଁ ମେଡିକାଲ ଗବେଷଣା ହୋଇପାରିବ ନାହିଁ, ଏଥିପାଇଁ ଆମ ପରି ଲୋକମାନଙ୍କୁ ଆଗେଇ ଆସିବାକୁ ହେବ। ଗତବର୍ଷ ମଧ୍ୟ ଓଡ଼ିଶାରେ ଏକ କ୍ୟାନ୍‌ସର ହସ୍ପିଟାଲ ଓ ପାଲିଏଟିଭ୍ କେୟାର କେନ୍ଦ୍ର ସ୍ଥାପନ ପାଇଁ ବାଗ୍‌ଚୀ ଦମ୍ପତି ୩୪୦ କୋଟି ଟଙ୍କା ଦାନ କରିଥିଲେ। ବାଗ୍‌ଚୀ ଓ ପାର୍ଥସାରଥି ଦମ୍ପତିଙ୍କ ଏପରି ବଦାନ୍ୟତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ବାଗ୍‌ଚୀ ଦମ୍ପତି ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ୍ ଓ ହୃଦରୋଗ ପ୍ରଯତ୍ନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅକୁଣ୍ଠ ଅବଦାନ ରଖିଛନ୍ତି। ମୋ ସ୍କୁଲ, ଓଡ଼ିଶା ଓ ସ୍କିଲ୍‌ଡ ଓଡ଼ିଶା ଜରିଆରେ ସେମାନଙ୍କର ବଦାନ୍ୟତା ଓ ସ୍ୱେଚ୍ଛାକୃତ ଅବଦାନ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମଣ୍ଡିରୁ ଧାନ ନ ଉଠିଲେ ଭୋଟ ବର୍ଜନ

ବାଙ୍କୀ, ୧୪।୨(ସ୍ୱ.ପ୍ର.)

ବାଙ୍କୀ ବ୍ରହ୍ମପୁରା ସେବା ସମବାୟ ସମିତିର କର୍ତ୍ତୃପକ୍ଷ ଚାଷୀମାନଙ୍କୁ ଧାନ ବିକ୍ରୟ ପାଇଁ ଟୋକନ ଦେଇଥିଲେ ମଧ୍ୟ ଧାନ କିଣିବାରେ ଅକ୍ଷମ ହୋଇଛନ୍ତି। ଫଳରେ ସୋମବାର ସମିତି ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ୪ ଶହରୁ ଉର୍ଦ୍ଧ୍ୱ ଚାଷୀ ଚେତାବନୀ ଦେଇଛନ୍ତି। ମିଲରଙ୍କ ମନମାନୀ ନେଇ ଧାନ ମଣ୍ଡି ଚାଲିବାରେ ସମସ୍ୟା ଦେଖାଦେଇଛି। ମିଲର ଆସୁ ନ ଥିବାରୁ ଖୋଲା ଆକାଶ ତଳେ ଶତାଧିକ କ୍ୱିଣ୍ଟାଲ ନଷ୍ଟ ହେବାକୁ ବସିଛି। ଧାନମଣ୍ଡିର ଅବ୍ୟବସ୍ଥା ଓ ମିଲର ମନମାନୀ ବିରୋଧରେ ଚାଷୀମାନେ ଉପଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ସେବା ସମବାୟ ସମିତି ସମ୍ପାଦକ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ତୁରନ୍ତ ଧାନ ଉଠାଇବାକୁ ଜଣାଇଛନ୍ତି।

# ଅଫ୍‌ଲାଇନ୍ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ବାଙ୍କୀ, ୧୪।୨(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ଛାତ୍ରୀଛାତ୍ର କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଅଫ୍‌ଲାଇନ୍ ପରୀକ୍ଷା ବାତିଲ୍ ଦାବି ରଖି ଗତ ୧୧ ତାରିଖରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଧାରଣାରେ ବସିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି, କୋଭିଡ୍ କଟକଣା ଯୋଗୁ ଦୀର୍ଘଦିନରୁ କଲେଜ ବନ୍ଦ ରହିଛି। ଅଫ୍‌ଲାଇନ୍ ପାଠପଢ଼ା ମାତ୍ର ୧୫ଦିନ ହୋଇଛି। ଅନ୍‌ଲାଇନ ପାଠପଢ଼ା କିଛି ମାସ ଚାଲିଥିଲା। ଏଭଳି ପରିସ୍ଥିତିରେ ଶିକ୍ଷା ବିଭାଗ କିଭଳି ଅଫ୍‌ଲାଇନ୍ ପରୀକ୍ଷା ଦେବାର ନିଷ୍ପତ୍ତି ନେଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷା ବିଭାଗର ଏଭଳି ଏକତରଫା ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ଘୋର ବିରୋଧ କରିଛନ୍ତି। ତୁରନ୍ତ ଅଫ୍‌ଲାଇନ୍ ପରୀକ୍ଷାକୁ ବାତିଲ୍ କରି ଅନ୍‌ଲାଇନ୍ ପରୀକ୍ଷା କରାଯାଉ, ନଚେତ୍ ଯୁକ୍ତ ୩ ପରୀକ୍ଷାକୁ ସମ୍ପୂର୍ଣ୍ଣ ବାତିଲ୍ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ବାଙ୍କୀ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଶୁଣିବା ସହ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ସୋମବାର ସୁଦ୍ଧା ଛାତ୍ରୀଛାତ୍ରଙ୍କ ଦାବି ସମ୍ପର୍କରେ କଲେଜ ଅଧ୍ୟକ୍ଷ ଶିକ୍ଷା ବିଭାଗକୁ ଜଣାଇ ନ ଥିବାରୁ ଏହାର ପ୍ରତିବାଦରେ ପୁନର୍ବାର ଦ୍ୱିତୀୟ ଦିନ ପାଇଁ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେବା ସହ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ ଉପାଧ୍ୟକ୍ଷ ପ୍ରଧାପକ ମନୋଜ କୁମାର ମହାପାତ୍ର, ବାଙ୍କୀ ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ବାଙ୍କୀ ତହସିଲଦାର ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ରୀଙ୍କୁ ବୁଝାଶୁଝା କରିବା ସହ ସେମାନଙ୍କ ଦାବିପତ୍ର ସୋମବାର ଉଚ୍ଚଶିକ୍ଷା ବିଭାଗକୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି। ଏହାପରେ ଛାତ୍ରୀଛାତ୍ରମାନେ ଧର୍ମଘଟ ପ୍ରତ୍ୟାହାର କରିବା ସହ ମୁଖ୍ୟ ଫାଟକରୁ ତାଲା ଖୋଲିଥିଲେ।

# ୨ ଉତ୍ତେଜନା ବୁଥରେ ସିଆର୍‌ପିଏଫ୍, ସିସିଟିଭି ଦାବି

ଖୁଣ୍ଟୁଣୀ, ୧୪।୨(ଡି.ଏନ୍.ଏ.)

କଟକ ଜିଲା ଆଠଗଡ଼ ନିର୍ବାଚନମଣ୍ଡଳୀର ମଞ୍ଚେଶ୍ୱର ପଞ୍ଚାୟତରେ ୨ଟି ସମ୍ବେଦନଶୀଳ ବୁଥ୍ ରହିଛି। ଉକ୍ତ ୨ଟି ବୁଥ୍ ଯଥା ପାଇକେରାପୁର ଓ ସୁନିଆଁମୁହଁରେ ସ୍ୱଚ୍ଛ, ନିରପେକ୍ଷ ଏବଂ ଅବାଧ ମତଦାନ ପାଇଁ ସିସିଟିଭି ବ୍ୟବସ୍ଥା କରିବା ସହ କେନ୍ଦ୍ରୀୟ ପୋଲିସ ବଳ (ସିଆର୍‌ପିଏଫ୍) ମୁତୟନ ପାଇଁ ସରପଞ୍ଚ ପ୍ରାର୍ଥିନୀ ରତ୍ନମଞ୍ଜରୀ ଖଟୁଆ ରାଜ୍ୟ ନିର୍ବାଚନ କମିଶନଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ପ୍ରାର୍ଥିନୀ ଖଟୁଆ ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଗତ ନିର୍ବାଚନ ସମୟରେ ମଞ୍ଚେଶ୍ୱର ପଞ୍ଚାୟତର ଜଙ୍ଗଲ ଭିତରେ ଥିବା ସୁନିଆଁମୁହଁ ଓ ପାଇକେରାପୁର ମତଦାନ କେନ୍ଦ୍ରରେ କେତେଜଣ ଅସାମାଜିକ ବ୍ୟକ୍ତି ଭୋଟରଙ୍କୁ ଭୟଭୀତ କରାଇବା ସହ ବଳପୂର୍ବକ ଉଭୟ ବୁଥ୍‌ରେ ଅନ୍ୟମାନଙ୍କ ଭୋଟକୁ ଦେଇଥିଲେ। ଫଳରେ ମତଦାତା ନିଜର ମତଦାନ ସାବ୍ୟସ୍ତ କରି ପାରି ନ ଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଏହାର ପୁନରାବୃତ୍ତି ହେବାର ସମ୍ଭାବନା ରହିଛି। ଏହି ଦୁଇ ବୁଥରେ ଯେପରି ଶାନ୍ତିଶୃଙ୍ଖଳାର ସହିତ ଭୋଟ ଗ୍ରହଣ ହେବ ସେଥିପାଇଁ ଏଠାରେ ସିସିଟିଭି ବ୍ୟବସ୍ଥା ସହିତ ସିଆର୍‌ପିଏଫ୍ ନିୟୋଜିତ କରିବାକୁ ଖଟୁଆ ନିର୍ବାଚନ କମିଶନଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସେ କଟକ ଜିଲାପାଳ, ଆଠଗଡ଼ ଉପଜିଲାପାଳ, ଆଠଗଡ଼ ବିଡିଓ, କଟକ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ, ଚୌଦ୍ୱାର ଏସ୍‌ଡିପିଓ ଏବଂ ଗୁରୁଡ଼ିଝାଟିଆ ଥାନା ଆଇଆଇସିଙ୍କୁ ଦାବିପତ୍ର ମାଧ୍ୟମରେ ସରପଞ୍ଚ ପ୍ରାର୍ଥିନୀ ଖଟୁଆ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୮୩୫ରୁ ୧୬୬ ବୁଥ୍ ସମ୍ବେଦନଶୀଳ

କଟକ ଅଫିସ, ୧୪।୨

- କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥା
- ବୁଥ୍ ପାଇଁ ରହିବେ ମୋବାଇଲ ପାଟ୍ରୋଲିଂ ପାର୍ଟି



ପଞ୍ଚାୟତ ନିର୍ବାଚନ ଅବ୍ୟବହିତ ପୂର୍ବରୁ କଟକ ଇନ୍‌ଡୋର ଷ୍ଟାଡିୟମରେ ଡିସିପି ପ୍ରତୀକ୍ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଦାନ ବୁଧବାରଠାରୁ ଆରମ୍ଭ ହେବ। କଟକ ଜିଲାର ଗ୍ରାମାଞ୍ଚଳ ସୀମା ଭିତରେ ଥିବା କମିଶନରେଟ ପୋଲିସର ବିଭିନ୍ନ ଥାନା ଅଞ୍ଚଳର କେତେକ ବୁଥରେ ଭୋଟ ଦିଆଯିବ। ଏଥିପାଇଁ କଟକ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମୋଟ ୮୩୫ ବୁଥରୁ ୧୬୬ ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ସୋମବାର ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଡିସିପି ପ୍ରତୀକ ସିଂହ କହିଛନ୍ତି। କମିଶନରେଟ ପୋଲିସ ଅଧୀନରେ ମୋଟ ୮୩୫ଟି ବୁଥରେ ୪ଟି ପର୍ଯ୍ୟାୟରେ ଆସନ୍ତା ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ହେବ।

ଗ୍ରାମାଞ୍ଚଳ ସୀମା ଭିତରେ ଥିବା ଚାଉଳିଆଗଞ୍ଜ, କନ୍ଦରପୁର, ସଦର, ବାରଙ୍ଗ, ଜଗତପୁର ଓ ଚୌଦ୍ୱାର ଥାନା ଅଞ୍ଚଳର ୮୩୫ ବୁଥରେ ମତଦାନ ହେବ। ୪ଟି ପର୍ଯ୍ୟାୟ ଯଥାକ୍ରମେ ୧୬ ତାରିଖରେ ସଦର ବ୍ଲକ ଚାଉଳିଆଗଞ୍ଜ, କନ୍ଦରପୁର, ବୟାଳିଶ ମୌଜା ଓ ସଦର ଥାନା ଅଞ୍ଚଳର ୨୫୯ଟି ବୁଥରେ ମତଦାନ ହେବ। ଦ୍ୱିତୀୟ ତଥା ୧୮ ତାରିଖରେ ବାରଙ୍ଗ ଓ ସଦର ଥାନା ଅଞ୍ଚଳର ୨୩୦ଟି ବୁଥ, ତୃତୀୟ ତଥା ୨୦ରେ ସାଲେପୁର ବ୍ଲକ ଅନ୍ତର୍ଗତ ଜଗତପୁର ଥାନା ଅଞ୍ଚଳର ୧୬୨ଟି ବୁଥ ଏବଂ ଚତୁର୍ଥ ପର୍ଯ୍ୟାୟ ତଥା ୨୨ରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଚୌଦ୍ୱାର ଥାନା ଅଞ୍ଚଳର ୧୮୪ ବୁଥରେ ମତଦାନ ହେବ। ପର୍ଯ୍ୟାୟକ୍ରମେ ନିର୍ବାଚନ ହେଉଥିବାରୁ ସେହି ଅନୁସାରେ ଆଇନଶୃଙ୍ଖଳା ଦାୟିତ୍ୱରେ ମୋଟ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏହାସହ ଥାନା ହାବିଲଦାର, କନଷ୍ଟେବଲ, ହୋମଗାର୍ଡ ମଧ୍ୟ ନିୟୋଜିତ ରହିବେ। ସେହିପରି କମିଶନରେଟ ପୋଲିସ ଅଧୀନରେ ଥିବା ସମସ୍ତ ଗ୍ରାମାଞ୍ଚଳକୁ ୧୦ଟି ଜୋନରେ ଭାଗ କରାଯିବ। ଏସିପି କିମ୍ବା ଇନ୍ସପେକ୍ଟର ପାହ୍ୟାର ଅଧିକାରୀ ପ୍ରତି ଜୋନର ଦାୟିତ୍ୱରେ ରହିବେ। ତାଙ୍କ ଅଧୀନରେ ୧୦ଟି ସେକ୍ଟର ରହିବ । ଥାନା ଇନ୍ସପେକ୍ଟର ସେକ୍ଟର ଦାୟିତ୍ୱରେ ରହିବେ। ପ୍ରତି ବୁଥ ପାଇଁ ଗୋଟିଏ ମୋବାଇଲ ପାଟ୍ରୋଲିଂ ପାର୍ଟି ରହିବେ। ଏହି ମୋବାଇଲ ପାଟ୍ରୋଲିଂ ପାର୍ଟିରେ ପ୍ରାୟ ୧୦୦ ଏସ୍‌ଆଇ ଏବଂ ଏଏସ୍‌ଆଇ ରହିବେ। ସେହିପରି ଥାନାୱାରୀ ଷ୍ଟ୍ରାଇକିଂ ଫୋର୍ସ ଏବଂ କୁଇକ୍ ରେସ୍‌ପନ୍ସ ଟିମ୍ ରହିବେ। ଯେପରିକି ନିର୍ବାଚନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଏହି ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବ। ସେହିପରି ଗୋଟିଏ ଅଞ୍ଚଳରେ ସର୍ବାଧିକ ବୁଥ୍ ଥିବା ସ୍ଥାନରେ ଅଧିକ ଫୋର୍ସ ମୁତୟନ କରାଯିବ। ଜଣେ ଇନ୍ସପେକ୍ଟର ଏବଂ ଏସ୍‌ଆଇ ପାହ୍ୟାର ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ । ନିର୍ବାଚନ ସମୟରେ ଆଇଆଇସିମାନେ ଥାନା ଛାଡ଼ି ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତୁତି ବୈଠକରେ ଏଡିସିପି ପ୍ରମୋଦ ରଥ, ଅନୀଲ ମିଶ୍ର, ସେକ ସରିଫୁଦ୍ଦୀନଙ୍କ ସମେତ ସମସ୍ତ ଜୋନ ଏସିପି ଏବଂ ଥାନାଧିକାରୀମାନେ ଉପସ୍ଥିତ ଥିଲେ।

## ପୁଲୱାମା ଶହୀଦ ଯବାନଙ୍କ ପାଇଁ ୧୦୮ ଦୀପଦାନ

କଟକ ଅଫିସ/ବାଙ୍କୀ, ୧୪।୨(ସ୍ୱ.ପ୍ର.)

୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ବୋମା ବିସ୍ଫୋରଣରେ ୪୦ଜଣ ଯବାନ ଶହୀଦ ହୋଇଥିଲେ। ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ସୋମବାର କଟକସ୍ଥିତ ମା' ତାରିଣୀଙ୍କ ନିକଟରେ ୧୦୮ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହା ପରେ ଦଳ ପକ୍ଷରୁ ସହରରେ ଏକ ମହମବତି ଶୋଭାଯାତ୍ରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ସିଦ୍ଧାର୍ଥ ନାୟକ, ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ସାମିଲଥିଲେ। ହିନ୍ଦୁସେନା ଛାତ୍ର ସଂଗଠନ ପକ୍ଷରୁ ନେତାଜୀ ସୁଭାଷ ବୋଷଙ୍କ ଜନ୍ମସ୍ଥାନରେ ରକ୍ତଦାନ ଶିବିର କରାଯାଇ ୮୦ ୟୁନିଟ ସଂଗ୍ରହ ହୋଇଥିଲା। କଟକ ବିଜେଡି ପକ୍ଷରୁ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମା' କଟକ ଚଣ୍ଡୀଙ୍କ ମନ୍ଦିରରେ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଛାତ୍ର ବିଜେଡି କଟକ ଜିଲା ସାଧାରଣ ସମ୍ପାଦକ ପରମିତ୍ ଦାସ, ପ୍ରସନ୍ନଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ବାଙ୍କୀ ଉପଡାକଘର ମୁଖ୍ୟ କାର୍ଯ୍ୟାଳୟଠାରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉପଖଣ୍ଡର ମୁଖ୍ୟ ଡାକପାଳ ଧନେଶ୍ୱର ମହାନ୍ତି ପରିଚାଳନା କରିଥିବା ବେଳେ ଦୀପ୍ତିରଞ୍ଜନ ସାହୁ, ମନୋଜ ଦାଶ ପ୍ରମୁଖ ସାମିଲ ଥିଲେ।